
'ସ୍ପିରିଟ୍'ରେ ରଣବୀର
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-153 ◆SATURDAY ◆29 NOVEMBER 2025 ◆PAGE-12 ◆₹ 6.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୧୫୩ ◆ଶନିବାର ◆୨୯ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## କାର୍ ଉପରେ ଓଲଟିଲା ଡମ୍ପର; ଶିଶୁ ସମେତ ୭ ମୃତ

■ ସାହାରନପୁର, ୨୮ ।୧୧ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏକ ଡମ୍ପର ନିୟନ୍ତ୍ରଣ ହରାଇ କାର୍ ଉପରେ ପଲିଟିବା କାରଣରୁ ଏହି ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରେ ଏକ ୪ ବର୍ଷର ପିଲା ମଧ୍ୟ ରହିଛି। ଡମ୍ପରରେ ବଜୁରୀ ଭରି ରହିଥିଲା। ଦ୍ରୁତଗିତରେ ଆସୁଥିବାରୁ ଡମ୍ପର ନିୟନ୍ତ୍ରଣ ହରାଇ ନିକଟରେ ଯାଉଥିବା କାର୍ ଉପରେ ପଲଟି ଯାଇଥିଲା। ଡମ୍ପରରେ ଥିବା ବଜୁରୀ ମଧ୍ୟ କାର୍ ଉପରେ ପଡିଥିଲା। ସମ୍ପୂର୍ଣ୍ଣ କାର୍ ଡମ୍ପର ଓ ବଜୁରୀ ତଳେ ଦବି ରହିଥିଲା। ଫଳରେ ୫ ଫୁଟ୍‌ର କାର ୨ ଫୁଟ୍‌ରେ ପରିଣତ ହୋଇଥିଲା। ୩ଟି କ୍ରେନ୍ ସହାୟତାରେ ଡମ୍ପରକୁ ଉଠାଯାଇଥିଲା। ବଜୁରୀକୁ ହଟାଇବା ପାଇଁ



ଲୋକଙ୍କୁ ଘଣ୍ଟା ଘଣ୍ଟା ପରିଶ୍ରମ କରିବାକୁ ପଡିଥିଲା। ସେପର୍ଯ୍ୟନ୍ତ କାର୍‌ରେ ଥିବା ବ୍ୟକ୍ତିମାନେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଶେଷରେ କାର୍‌ର ଛାତକୁ କଟାଯାଇ ଫସି ରହିଥିବା ଲୋକଙ୍କୁ ବାହାରକୁ ବାହାର କରାଯାଇଥିଲା। ଏକ ଅନ୍ତିମ ସଂସ୍କାରରେ ଯୋଗ ଦେବାକୁ ଏମାନେ କାର୍‌ରେ ଯାତ୍ରା କରୁଥିଲେ। କାର୍‌ରେ ଗୋଟିଏ ପରିବାରର ୭ ଲୋକ ଯାତ୍ରା କରୁଥିଲେ। ଏମାନେ ସବୁ ସୟଦ ମାଜରା ଗାଁରୁ ଗଙ୍ଗୋ ଯାଉଥିଲେ। ଗାଁଠାରୁ ଗୋଟିଏ କିମି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଡମ୍ପର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। କାର୍‌ରୁ ୭ଟି ମୃତ ଦେହକୁ ବାହର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ଗାଗଲହେଡି ଥାନରେ ଏହି ଦୁର୍ଘଟଣା ହୋଇଛି।

## ଭାରତର ୩ଟି ଅଞ୍ଚଳକୁ ନିଜର ଦାବି କଲା ନେପାଳ

■ କାଠମାଣ୍ଡୁ, ୨୮ ।୧୧ (ଏଜେନ୍ସି): ନେପାଳ ପୁଣିଥରେ ଭାରତ ସହ ଥିବା ସୀମା ବିବାଦକୁ ଆଗକୁ ବଢାଇବା ପାଇଁ ପ୍ରୟାସ କରିଛି। ନେପାଳ ନିଜର ୧୦୦ ଟଙ୍କିଆ ନୋଟ ଉପରେ ଏନେଇ ବିବାଦୀୟ ମାନଚିତ୍ର ଛାପିଛି। ନେପାଳ ଏହି ମାନଚିତ୍ରରେ ଲିପୁଲେଖ, କାଲାପାନୀ ଓ ଲିମ୍ପିୟାଧୁରାକୁ ନିଜର ଅଂଶ ବୋଲି ଦର୍ଶାଇଛି। କିନ୍ତୁ ଏହି ୩ଟି ଅଞ୍ଚଳ ଭାରତର ସୀମା ଭିତରରେ ରହିଛି। ନେପାଳର ଏହି ଅଭିମୁଖ୍ୟକୁ ଭାରତ କଡ଼ା ସାମାଲୋଚନା କରିଛି ଓ ଏହାକୁ ଏକତରଫା ବୋଲି କହିଛି। ଏଥିରେ ନେପାଳ ଐତିହାସିକ ତଥ୍ୟକୁ ଅଣଦେଖା କରିଛି ବୋଲି ଭାରତ କହିଛି। ଏଭଳି ଅନୁଚିତ ଦାବି ଉପସ୍ଥାପନ କରିବା ଦ୍ୱାରା ସତ୍ୟର ପରିବର୍ତ୍ତନ ହେବ ନାହିଁ। ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ନେପାଳ ସମ୍ମାନ କରିବା ଉଚିତ ଓ ଏଭଳି ଦାବି ଦ୍ୱିପାକ୍ଷିକ ଚୁକ୍ତିର ଉଲ୍ଲଂଘନ ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି।



୧୦୦ ଟଙ୍କିଆ ନୋଟ୍‌ରେ ଛାପିଲା ବିବାଦୀୟ ମାନଚିତ୍ର

ଏଭଳି ଦାବିରେ ସତ୍ୟ ବଦଳି ନ ଥାଏ: ଭାରତ


ଏହି ବିବାଦିତ ମାନଚିତ୍ର ୧୦୦ ଟଙ୍କା ନୋଟରେ ହଲକା ହଳଦିଆ ରଙ୍ଗରେ ଚିହ୍ନିତ ହୋଇଛି। ତେବେ ଏହି ମାନଚିତ୍ର କେବଳ ୧୦୦ ଟଙ୍କା ନୋଟରେ ହିଁ ଚିହ୍ନିତ ହୋଇଛି। କିନ୍ତୁ ଏହା ୧୦, ୫୦ ଓ ୧୦୦ ଟଙ୍କା ନୋଟ ଉପରେ ଚହ୍ନିତ ହୋଇନାହିଁ। ପୁରୁଣା ୧୦୦ ଟଙ୍କା ନୋଟରେ ଏହି ମାନଚିତ୍ର ଥିଲା ବୋଲି ବ୍ୟାଙ୍କ ତରଫରୁ କୁହାଯାଇଛି। ଏବେ କେବଳ ସରକାରଙ୍କ ନିଷ୍ପତ୍ତି କ୍ରମେ ଏହାକୁ ସଂଶୋଧନ କରାଯାଇଛି ▶ପୃଷ୍ଠା-୭

# ୧୭,୪୪୦ କୋଟିର ଅତିରିକ୍ତ ବଜେଟ

## ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧ .୩୪ କୋଟି ଟପିବ ଋଣ ଭାର

■ ଭୁବନେଶ୍ୱର, ୨୮ ।୧୧ (ସମିସ): ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୧୭୪୪୦କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଆସିଛି। ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏହି ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ଅତିରିକ୍ତ ବ୍ୟୟବରାଦରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସର୍ବାଧିକ ୧୩୭୧୬ କୋଟି ଟଙ୍କା ରହିଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୩୩୮୯ କୋଟି ଟଙ୍କା ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଣି ୧୭୧ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଅନ୍ୟପଟେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣ ଭାର ୧ ଲକ୍ଷ ୩୪ ହଜାର ୯୧୪ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହା ରାଜ୍ୟ ସକଳ ଘରୋଇ ଉତ୍ପାଦ (ଜିଡିପି) ୧୨.୭ ପ୍ରତିଶତ ବୋଲି ବଜେଟ୍ ପୁସ୍ତିକାରେ ଦର୍ଶାଯାଇଛି।

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨.୯୦ଲକ୍ଷ କୋଟି ଟଙ୍କାର ବଜେଟ ୨୦୨୫ ମାର୍ଚ୍ଚ ୨୯ ତାରିଖରେ ଓଡ଼ିଶା ବିଧାନସଭାରେ ଅନୁମୋଦନ ହୋଇଥିଲା। ଏହାସତ୍ତ୍ୱେ ବିଭିନ୍ନ କାରଣରୁ ଅତିରିକ୍ତ ବଜେଟର ଆବଶ୍ୟକତା ରହିଥିବା ନେଇ ରାଜ୍ୟ ସରକାର ବଜେଟ୍ ପୁସ୍ତିକାରେ ଦର୍ଶାଇଛନ୍ତି। ଏଥିରେ




### କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସର୍ବାଧିକ ୧୩୭୧୬ କୋଟି

### ନୂଆ ଯୋଜନା 'ଶକ୍ତିଶ୍ରୀ' ପାଇଁ ୧୫ କୋଟି ବ୍ୟୟ ବରାଦ

### ଜିଲ୍ଲା ପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨ କୋଟି

ଦର୍ଶାଯାଇଛି ଯେ, ରାଜ୍ୟରେ ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ନୂଆ ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡ଼ିକ ପାଇଁ ପାଣ୍ଠିର ଆବଶ୍ୟକତା ରହିଛି। ଏହାସହିତ ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମକୁ ଫେରସ୍ତ ଓ ବିଭିନ୍ନ ପ୍ରଶାସନିକ ବ୍ୟୟବରାଦରେ ଲେଖା ସଂଶୋଧନ ପାଇଁ ଏହି ୧୭୪୪୦କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦର ଆବଶ୍ୟକତା ଥିବା ଉଲ୍ଲେଖ କରାଯାଇଛି। ଅତିରିକ୍ତ ବଜେଟ୍‌ରେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ରହିଥିବା ସର୍ବାଧିକ ୧୩୭୧୬ କୋଟି ଟଙ୍କା ମଧ୍ୟରୁ କେନ୍ଦ୍ରୀୟ ଯୋଜନାରେ ୨୦୫୪କୋଟି ଓ ରାଜ୍ୟ ଯୋଜନାରେ ୧୧୬୪୩କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସରକାର ସୂଚନା ଦେଇଛନ୍ତି।

ଅତିରିକ୍ତ ବଜେଟ୍‌ରେ ରାଜ୍ୟ ସରକାର 'ଶକ୍ତିଶ୍ରୀ' ନାମରେ ଏକ ନୂଆ ଯୋଜନା ବାବଦରେ ସୂଚନା ଦେଇଛନ୍ତି। ମହିଳାମାନଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ 'ଶକ୍ତିଶ୍ରୀ' ନାମରେ ଏକ ନୂଆ ଯୋଜନା କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ହୋଇଛି। ଏ ବାବଦକୁ ୧୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି 'ସୁଭଦ୍ରା' ଯୋଜନା ପାଇଁ ୨୯୦୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ୪୦୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଏହାସହିତ ମମତା ଯୋଜନା ପାଇଁ ୧୪୨ କୋଟି ଟଙ୍କା ବ୍ୟୟ ବରାଦ ସହିତ ଶିକ୍ଷା କ୍ଷେତ୍ରରେ, ପିଏମ୍-ପୋଷଣ ଅଧୀନରେ ୩୯୨ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ପାଇଁ ୭୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ବଜେଟରେ ରାଜ୍ୟ ସରକାର କୃଷକ କଲ୍ୟାଣ ଏବଂ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ଧାନ କ୍ରୟ ପାଇଁ ରିଭଲଭିଂ ପାଣ୍ଠି ବାବଦକୁ ୩ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରିଆ।ତି ପାଇଁ ୧୩୨୫ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଇନପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ସ୍ୱାସ୍ଥ୍ୟ ▶ପୃଷ୍ଠା-୭

## ଡିସେମ୍ବର ୪ରେ ଭାରତ ଗସ୍ତରେ ଆସିବେ ପୁତିନ

### ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗଦେବେ

■ ନୂଆଦିଲ୍ଲୀ, ୨୮ ।୧୧ (ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଆଗାମୀ ଡିସେମ୍ବର ୪-୫ରେ ଦୁଇଦିନିଆ ଗସ୍ତରେ ଭାରତ ଆସିବେ ବୋଲି ରୁଷିଆର ଗଣମାଧ୍ୟମଗୁଡିକ ଘୋଷଣା କରିଛନ୍ତି। ୨୩ତମ ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗ ଦେବାକୁ ସେ ଭାରତ ଆସିବେ। ପ୍ରତିବର୍ଷ ଭାରତ ଓ ରୁଷିଆ ମଧ୍ୟରେ ହେଉଥିବା ବୈଠକର ଏହା ଅଂଶ। ଭାରତ ଓ ରୁଷିଆ ପ୍ରତିବର୍ଷ ପାଳି କରି ଏହି ବୈଠକର ଆୟୋଜନ କରିଥାନ୍ତି। ଏଥର ଭାରତର ଏହି ବୈଠକ ଆୟୋଜନ କରିବାର ପାଳି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ସ୍ୱାଗତ କରିବା ସହ ତାଙ୍କ ସମ୍ମାନରେ ଏକ ଭୋଜି ଆୟୋଜନ କରିବେ। ଏହି ଗସ୍ତରେ ପୁତିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବେ। ଏହି ଅବସରରେ ଦୁଇ



ଏସ୍-୪୦୦, ଏସ୍ୟୁ-୫୭ ଜେଟ୍ କ୍ରୟନେଇ ହେବ ଆଲୋଚନା

ନେତା ଆଶୋଧିତ ତୈଳ ଚୁକ୍ତି ସହିତ ଏସ୍-୪୦୦ ମିସାଇଲ ଡିଫେନ୍ସ ସିଷ୍ଟମ କ୍ରୟ ଓ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ନେଇ ଆଲୋଚନା କରିବା ଆଶା କରାଯାଉଛି।

ରୁଷ ତୈଳ କ୍ରୟ କରୁଥିବାରୁ ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଅତିରିକ୍ତ ଟାରିଫ ଲାଗୁ କରିଛି। ଫଳରେ ଭାରତ ମୋଟ୍ ଉପରେ ୫୦ ପ୍ରତିଶତ ଟାରିଫର ଭାର ବହନ କରୁଛି। ଭାରତ ତୈଳ କ୍ରୟ କରୁଥିବାରୁ ୟୁକ୍ରେନ ସହିତ ଯୁଦ୍ଧ କରିବାକୁ ରୁଷିଆକୁ ବଳ ମିଳୁଛି ବୋଲି ଆମେରିକା କହୁଛି। ରୁଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପୁତିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ। ୨୦୨୨ ଫେବ୍ରୁଆରୀ ୨୨ରେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ୨୦୨୩ରେ ଭାରତ ଆୟୋଜନ କରିଥିବା ୧୮ତମ ଜି-୨୦ ସମ୍ମିଳନୀରେ ପୁତିନ ଯୋଗ ▶ପୃଷ୍ଠା-୭

## ଗୃହରେ ଉଦ୍‌ବେଗ ଅନ୍ଧାରରେ 'ଅନ୍ୱେଷା'

### ଯୋଜନା ଅଧୀନରେ ଚଳିତବର୍ଷ ହୋଇନି ନାମଲେଖା

■ ଭୁବନେଶ୍ୱର, ୨୮।୧୧ (ସମିସ): ଆଦିବାସୀ ପିଲାମାନଙ୍କୁ ଉତ୍କୃଷ୍ଟ ଶିକ୍ଷା ଦାନ ପାଇଁ ପୂର୍ବ ସରକାର 'ଅନ୍ୱେଷା' ଯୋଜନା ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ଏହା ବନ୍ଦ ହେବାକୁ ବସିଛି। ଏହାକୁ ନେଇ ବିଭିନ୍ନମହଲରେ ଉଦ୍‌ବେଗ ପ୍ରକାଶ ପାଇ ଆସୁଥିବା ବେଳେ ଶୁକ୍ରବାର ବିଧାନସଭାରେ ମଧ୍ୟ କ୍ଷୋଭ ପ୍ରକାଶ ପାଇଛି। ବିରୋଧୀ ବିଜେଡି ବିଧାୟକମାନେ ଅନ୍ୱେଷା ଯୋଜନାର ଭବିଷ୍ୟତ ନେଇ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ତେବେ ଯୋଜନା ବନ୍ଦ ହେବକି ଜାରି ରହିବ, ସେନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କୌଣସି ସ୍ପଷ୍ଟୋକ୍ତି ନରଖି ବୁଲେଇ ବଙ୍କେଇ ଉତ୍ତର ଦେଇଛନ୍ତି। ଏପରିକି, ଚଳିତ ଶିକ୍ଷାବର୍ଷରେ ଏହି ଯୋଜନାରେ ପ୍ରଥମ ଶ୍ରେଣୀରେ ନାମଲେଖା ହୋଇନଥିବା ମନ୍ତ୍ରୀ ସ୍ୱୀକାର କରିଛନ୍ତି। ଏହି ଯୋଜନାକୁ ବନ୍ଦ କରିବା ପାଇଁ ସରକାର



ଏକପ୍ରକାର ମସୁଧା ଚଳାଇଥିବା ମନ୍ତ୍ରୀଙ୍କ ଉତ୍ତରରୁ ଏକପ୍ରକାର ସ୍ପଷ୍ଟ ହୋଇଛି ବୋଲି ବୁଦ୍ଧିଜୀବୀମହଲରେ ମତପ୍ରକାଶ ପାଇଛି।

ଆଜି ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ଓମ୍ ପ୍ରକାଶ ମିଶ୍ରଙ୍କ ଏକ ତାରକା ପ୍ରଶ୍ନରେ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ ବିଧାୟକ ପ୍ରଦୀପ ଦିଶାରୀ। ସରକାର ଅନ୍ୱେଷା ଯୋଜନା ବନ୍ଦ କରିବାକୁ ଯାଉଛନ୍ତି କି? ଯଦି ନୁହେଁ, ତାହେଲେ ନାମଲେଖା କେବେ ଆରମ୍ଭ ହେବ? ସମାନ ପ୍ରଶ୍ନ କରିଥିଲେ ବିଧାୟକ ରମେଶ ଚନ୍ଦ୍ର ବେହେରା। ସେ କହିଥିଲେ ଯେ ଚଳିତ ବର୍ଷ ଅନ୍ୱେଷା ଯୋଜନାରେ ନାମଲେଖା ହୋଇପାରିନାହିଁ। ଯଦି ପ୍ରଥମ ଶ୍ରେଣୀରେ ନାମଲେଖା ନହେବ, ତାହେଲେ ଆସନ୍ତା ଶିକ୍ଷାବର୍ଷରେ ଏଥିରେ ଏକ ବ୍ୟବଧାନ ରହିଯିବ। ତେଣୁ ଯୋଜନାକୁ ନେଇ ସାଧାରଣରେ ଥିବା ଦ୍ୱନ୍ଦ୍ୱକୁ ସରକାର ଦୂର କରନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଥିଲେ। ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ ଯେ ରାଜ୍ୟରେ ଏବେ ବି ଅନ୍ୱେଷା ଯୋଜନା ▶ପୃଷ୍ଠା-୭



## ଧାନକିଣା: ଆରମ୍ଭରୁ ବିଭ୍ରାଟ

### ଆଜିଯାଏଁ ବସ୍ତାଏ ବି ଧାନ କିଣି ନାହାନ୍ତି ସରକାର

■ ଭୁବନେଶ୍ୱର, ୨୮।୧୧ (ସମିସ): ନଭେମ୍ବର ପ୍ରଥମ ସପ୍ତାହରୁ ରାଜ୍ୟରେ ଧାନକିଣା ଆରମ୍ଭ ହୁଏ। ମାତ୍ର ନଭେମ୍ବର ଶେଷ ହେବାକୁ ବସିଲାଣି, ଆଜି ସୁଦ୍ଧା ସରକାର ବସ୍ତାଟିଏ ଧାନ କିଣିନାହାନ୍ତି। ଚାଷୀଙ୍କ ପାଖରେ ଧାନ ରଖିବାକୁ ଯାଗା ନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରି କରିବା ଆରମ୍ଭ କଲେଣି। ସରକାର ଚାଷୀଙ୍କ ଭାଗ୍ୟ, ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ଏଥିରୁ ବିରତ ନ ହେଲେ ସାରା ରାଜ୍ୟରେ ନିଆଁ ଲାଗିଯିବ ବୋଲି ବିଧାନସଭାରେ ସରକାରଙ୍କୁ ଚେତାବନୀ ଶୁଣାଇଛନ୍ତି ବିରୋଧୀଦଳ ଉପନେତାପ୍ରସନ୍ନ ଆଚାର୍ଯ୍ୟ। ଶୁକ୍ରବାର ଶୂନ୍ୟକାଳରେ ଧାନକିଣାକୁ ନେଇ ସେ ଗଭୀର ଉଦବେଗ ପ୍ରକାଶ କରିବା ସହ ତୁରନ୍ତ ସରକାର ଏ ନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

### ଶୂନ୍ୟକାଳରେ ସରକାରଙ୍କ ଉପରେ ବର୍ଷିଲା ବିଜେଡି

### ଚାଷୀଙ୍କ ଭାଗ୍ୟ ସହ ଖେଳନ୍ତୁନି; ନିଆଁ ଲାଗିଯିବ

ଶୂନ୍ୟକାଳରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବରଗଡ଼, ସମ୍ବଲପୁରରେ ଆଜିଠାରୁ ଧାନକ୍ରୟ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଆଜି ତାରିଖ ସୁଦ୍ଧା ବସ୍ତାଏ ମଧ୍ୟ ଧାନ କିଣା ଯାଇପାରିଲା ନାହିଁ। ବରଗଡ଼ ଜିଲ୍ଲାରେ ୫୦୦୦ରୁ ଅଧିକ ଚାଷୀ ପଞ୍ଜୀକରଣ କରି ନାହାନ୍ତି। କୌଣସି ମିଲକୁ ଧାନ କିଣିବା ପାଇଁ ସରକାର ଆଲଟମେଣ୍ଟ ଦେଇ ▶ପୃଷ୍ଠା-୭

### ଖେଞ୍ଚ ମାରିଲେ ସନ୍ତୋଷ

■ ଭୁବନେଶ୍ୱର,୨୮।୧୧(ସମିସ): ଗତ ଖରିଫରେ ଧାନକିଣାରେ ସଫଳତାକୁ ନେଇ ନିଜ ସରକାରଙ୍କୁ ପ୍ରଶଂସା କରିଥିଲେ ବି ସରକାରଙ୍କୁ ଖେଞ୍ଚ ମାରିଛନ୍ତି ବିଜେପି ବିଧାୟକ ସନ୍ତୋଷ ଖଟୁଆ। ଶ୍ରୀ ଖଟୁଆ କହିଛନ୍ତି, ଚଳିତ ଖରିଫରେ ପ୍ରାୟ ୯୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେବାର ସମ୍ଭାବନା ରହିଛି। ଏତେଧାନ ସରକାର କେଉଁଠି ରଖିବେ, ତାହା ନିଶ୍ଚିତ ଭାବେ ଆହ୍ୱାନର ବିଷୟ। ସରକାର ଏନେଇ ସୁବ୍ୟବସ୍ଥା କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ।

ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ଖଟୁଆ କହିଥିଲେ ଯେ ଗତ ଖରିଫରେ ସରକାର ୧୭ ଲକ୍ଷ ଚାଷୀଙ୍କ ନିକଟରୁ ୭୫ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଥିଲେ। କେବଳ ଗତବର୍ଷ ରାଜ୍ୟରେ ୪ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସରକାର ୨୦ ଲକ୍ଷ ମେଟ୍ରିକ ଟନ୍ ଅଧିକ ଧାନ କ୍ରୟ କରିଥିଲେ। ▶ପୃଷ୍ଠା-୭

## ୨୦ରୁ କମ୍ ପିଲା ଥିଲେ ସ୍କୁଲ ବନ୍ଦ

■ ଭୁବନେଶ୍ୱର, ୨୮।୧୧ (ସମିସ): ରାଜ୍ୟରେ ୨୦ରୁ କମ୍ ପିଲା ଥିବା ବନ୍ଦ ସ୍କୁଲ ଆଉ ଖୋଲିବ ନାହିଁ। ଶୁକ୍ରବାର ବିଧାନସଭାରେ ଏନେଇ ପରୋକ୍ଷରେ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ତେବେ, ଯେଉଁଠି ପିଲାମାନଙ୍କୁ ସ୍କୁଲ ଆସିବାରେ ପ୍ରାକୃତିକ ବାଧା ଥିବ, ଉକ୍ତ ଅଞ୍ଚଳରେ ସ୍କୁଲ ପୁନର୍ବାର ଖୋଲିବା ପାଇଁ ଜିଲ୍ଲାସ୍ତରୀୟ କମିଟିରେ ଆବେଦନ କରାଯିବ। ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ସରକାର ସ୍କୁଲ ଖୋଲିବା ନେଇ ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷେ, ନୂଆ ସରକାର ଆସିବା ପରେ ସରକାର ୬୦ ହଜାର ୭୨୯ ଜଣ ଡ୍ରପ୍-ଆଉଟ୍ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଫେରାଇ ଆଣିଛନ୍ତି ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

### ପ୍ରାକୃତିକ ବାଧା ଥିଲେ ଜିଲ୍ଲାସ୍ତରୀୟ କମିଟି ନିକଟରେ ଆବେଦନ


### ମାନଦଣ୍ଡ ପୂରଣ କରୁଥିଲେ ସ୍କୁଲ ଖୋଲିବା ନେଇ ସରକାର ନେବେ ନିଷ୍ପତ୍ତି

ଶୁକ୍ରବାର ବିଧାନସଭାରେ ବସ୍ତା ବିଧାୟିକା ସୁବାସିନୀ ଜେନା ନିଜ ନିର୍ବାଚନମଣ୍ଡଳୀରେ ସ୍କୁଲ ଡ୍ରପ୍-ଆଉଟ ଛାତ୍ରଛାତ୍ରୀଙ୍କ ସମ୍ପର୍କିତ ଏକ ପ୍ରଶ୍ନ କରିଥିଲେ। ଅତିରିକ୍ତ ପ୍ରଶ୍ନକର୍ତ୍ତା ଭାବେ ପ୍ରସନ୍ନ ଆଚାର୍ଯ୍ୟ ଏଥିରେ ଭାଗନେଇ କହିଲେ ଯେ ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ନିୟମ ଅଛି। ଫଳରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡ୍ରପ୍-ଆଉଟ ▶ପୃଷ୍ଠା-୭

## ସିଏଜି ରିପୋର୍ଟ ୧୯ ରାଜ୍ୟରେ ମନ୍ଥର ପଡ଼ିଲା ପୁଞ୍ଜି ବ୍ୟୟ

### ଆକଳନର ୨୦% ରୁ କମ୍ ଅର୍ଥ ଖର୍ଚ୍ଚ କରିଛନ୍ତି ଉତ୍ତର ପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ

■ ଭୁବନେଶ୍ୱର, ୨୮।୧୧ (ସମିସ): ମାନ୍ଦା ପଡିଛି ଦେଶରେ ରାଜ୍ୟଗୁଡିକର ପୁଞ୍ଜି ବ୍ୟୟ। ବଜେଟରେ ପ୍ରସ୍ତାବିତ ପୁଞ୍ଜି ବ୍ୟୟରେ ପଛରେ ପଡିଛନ୍ତି ଅନେକ ରାଜ୍ୟ। ପୁଞ୍ଜି ବ୍ୟୟ ବାବଦ ଅର୍ଥ ଖର୍ଚ୍ଚ କରିବାରେ ବିଫଳ ହେଉଛନ୍ତି ରାଜ୍ୟ। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ଏପ୍ରିଲ-ଅକ୍ଟୋବର ଅବଧିରେ ଦେଶର ୧୯ଟି ରାଜ୍ୟ ସେମାନଙ୍କର ବଜେଟରେ ରଖାଯାଇଥିବା ପୁଞ୍ଜି ବ୍ୟୟର ମାତ୍ର ୩୩.୫% ଅର୍ଥ ଖର୍ଚ୍ଚ କରିଛନ୍ତି, ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା । ଏହି ୧୯ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ଦ୍ୱାରା ହୋଇଥିବା ପୁଞ୍ଜି ବ୍ୟୟଠାରୁ ବହୁତ କମ୍।



ଖର୍ଚ୍ଚ ହୋଇଛି ୩୩.୫%

ଓଡ଼ିଶାରେ ବ୍ୟୟ ୪୩.୮%

୨୬ ରାଜ୍ୟରେ ପୁଞ୍ଜି ବ୍ୟୟ ୫୦%ରୁ କମ୍

୧୯ଟି ରାଜ୍ୟର ମାସିକ ଆକାଉଣ୍ଟ ରିପୋର୍ଟର ବିଶ୍ଳେଷଣରୁ ଏହି ତଥ୍ୟ ପଦାକୁ ଆସିଛି। ଓଡ଼ିଶାରେ ପୁଞ୍ଜି ବ୍ୟୟ ହାର (୪୩.୮ ପ୍ରତିଶତ) ରହିଛି।

ବାସ୍ତବରେ , ୧୬ ଟି ରାଜ୍ୟ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ୭ ମାସରେ ସେମାନଙ୍କର ବଜେଟ ଆକଳନ (ବିଇ)ଠାରୁ ୫୦%ରୁ ଅଧିକ କମ୍ ଅର୍ଥ ଖର୍ଚ୍ଚ କରିଛି। ସିଏଜିଙ୍କ ଦ୍ୱାରା ସମୀକ୍ଷା କରାଯାଇଥିବା ୧୯ ରାଜ୍ୟ ମଧ୍ୟରେ ହରିୟାଣା ହେଉଛି ଏକ ମାତ୍ର ରାଜ୍ୟ ଯେ କି ବଜେଟ୍ ଆକଳନ ଅନୁଯାୟୀ ପୁଞ୍ଜି ବ୍ୟୟରେ ଆଗରେ ରହିଛି। ରେ ନେତୃତ୍ୱ ନେଇଛି। କାରଣ ହରିୟାଣା ତା'ର ବଜେଟ ଆକଳନର ୮୫% ଅର୍ଥ ଖର୍ଚ୍ଚ କରିଛି। ଏହାପଉକଟ ତେଲେଙ୍ଗାନା (୮୦.୧%), କେରଳ (୫୨.୯%) ଏବଂ ମଧ୍ୟପ୍ରଦେଶ (୪୭.୮%) ରହିଛି। ଅପରପକ୍ଷେ ଚାରୋଟି ରାଜ୍ୟ ଉତ୍ତର ପ୍ରଦେଶ (୧୯.୪%), ଛତିଶଗଡ଼ (୧୭.୫%), ପଶ୍ଚିମବଙ୍ଗ (୧୭.୩%) ଏବଂ ତ୍ରିପୁରା (୧୫.୧%) - ସେମାନଙ୍କ ଆକଳନର ୨୦% ରୁ କମ୍ ଅର୍ଥ ଖର୍ଚ୍ଚ କରିଛନ୍ତି। ପୁଞ୍ଜି ବ୍ୟୟର ଏହି ଗତି ଏହି ୧୯ଟି ରାଜ୍ୟରେ ପୁଞ୍ଜି ବ୍ୟୟ ପାଇଁ ପ୍ରାୟ ୯.୦୧ ଲକ୍ଷ କୋଟି ଟଙ୍କାର ମୋଟ ବଜେଟ ଆକଳନର ସମ୍ପୂର୍ଣ୍ଣ ବିପରୀତ ଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଅକ୍ଟୋବର ▶ପୃଷ୍ଠା-୭




ସକାଳ
www.sakalaepaper.com

## ୟୁରୋପ ଉପରେ ରୁଷ୍ କେବେ ଆକ୍ରମଣ କରିବନି: ପୁତିନ

ବିଶକେକ୍, ୨୮ ।୧୧(ଏଜେନ୍ସି): ରୁଷିଆ ୟୁରୋପ ଉପରେ କେବେବି ଆକ୍ରମଣ କରିବ ନାହିଁ ବୋଲି ରାଷ୍ଟ୍ରପତି ଭ୍ଲାଡିମିର ପୁତିନ କହିଛନ୍ତି। ଯଦି ୟୁରୋପ ଚାହିଁବ ତେବେ, ଲିଖିତ ଭାବେ ପ୍ରତିଶ୍ରୁତି ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ୟୁରୋପ ଉପରେ ରୁଷ୍ ଆକ୍ରମଣ କରିବା ନେଇ ଯେଉଁ ଆଶଙ୍କା ପ୍ରକାଶ ପାଇଛି ତାହାକୁ ସେ ବେକାର କଥା ବୋଲି କହିଛନ୍ତି। ୟୁରୋପୀୟ ନେତାମାନେ କେବଳ ଅସ୍ତ୍ରଶସ୍ତ୍ର କମ୍ପାନୀଗୁଡିକୁ ଖୋସାମତି କରୁଛନ୍ତି। ନିଜ ଲୋକଙ୍କ ମନରେ ଏହି ନେତାମାନେ ଭୟ ଓ ଆତଙ୍କ ସୃଷ୍ଟି କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ଏହା ପୂର୍ବରୁ ଜର୍ମାନୀର ବୈଦେଶିକ ମନ୍ତ୍ରୀ ଯୋହାନ ୱାଡଫୁଲ ଅଭିଯୋଗ କରିଥିଲେ ଯେ, ରୁଷିଆ ଆଗାମୀ ୪ ବର୍ଷ ମଧ୍ୟରେ କୌଣସି ନାଟୋ ଦେଶ ଉପରେ ଆକ୍ରମଣ କରିପାରେ। ୨୦୨୯ ପର୍ଯ୍ୟନ୍ତ ରୁଷିଆ ନାଟୋ ବିପକ୍ଷରେ ଯୁଦ୍ଧ କରିବାକୁ ପ୍ରସ୍ତୁତି କରୁଛି ବୋଲି ଜର୍ମାନୀର ଗୁଇନ୍ଦା ସଂସ୍ଥା କହିଥିବା କଥା ୱାଡଫୁଲ କହିଥିଲେ। ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ଆମେରିକା, ୟୁରୋପ ଓ ୟୁକ୍ରେନ ମଧ୍ୟରେ ଶାନ୍ତି ଯୋଜନା ନେଇ ଆଲୋଚନା ଚାଲିଥିବା ବେଳେ ପୁତିନ ଏହି କଥା କହିଛନ୍ତି। କିନ୍ତୁ ରୁଷିଆ ଅଞ୍ଚଳରେ ଥିବା ୟୁକ୍ରେନ ସୈନିକଙ୍କୁ ପଛକୁ ହଟିବାକୁ ହେବ ବୋଲି ପୁତିନ ସ୍ପଷ୍ଟ କରିଛନ୍ତି। କିନ୍ତୁ ରୁଷିଆ ଏବେ ୟୁକ୍ରେନର ୧୯ ପ୍ରତିଶତ ଅଂଶ ଉପରେ ଅଧିକାର କରିଛି। ୟୁକ୍ରେନ ଯୁଦ୍ଧ ରୋକିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୮ ସୂତ୍ରୀ ଶାନ୍ତି ଯୋଜନା ପ୍ରସ୍ତୁତ କରିଥିଲେ।

## ପ୍ରତିଦିନ ରଣକୌଶଳରେ ପରିବର୍ତ୍ତନ ହେଉଛି: ସିଡିଏସ୍

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଆଧୁନିକ ଯୁଦ୍ଧରେ କୌଶଳ ପ୍ରତିଦିନ ପରିବର୍ତ୍ତନ ହେବା ସହ ନୂଆ ନୂଆ ରଣନୀତି ଆପଣା ଯାଉଛି ବୋଲି ଭାରତୀୟ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଅନୀଲ ଚୌହାନ କହିଛନ୍ତି। ଭବିଷ୍ୟତ ପାଇଁ ଯେଉଁ ରଣନୀତି ପ୍ରସ୍ତୁତ ହେଉଛି ତାହା ଲାଗୁ ହେବା ପୂର୍ବରୁ ହିଁ ପୁରୁଣା ହେଉଛି। ତେଣୁ ସେନାକୁ ଏଭଳି ରିସ୍କ ନେବାକୁ ହେଉଛି। ଭବିଷ୍ୟତର ଯୁଦ୍ଧ ପାଇଁ ପୂର୍ବାନୁମାନ ଓ ପ୍ରସ୍ତୁତ କରିବା ଆମର ଅସ୍ତିତ୍ୱ ସହିତ ଜଡିତ। ଏ ନେଇ ଦ୍ୱିତୀୟ ବିକଳ୍ପ ନାହିଁ ବୋଲି ସେ କହିଛନ୍ତି। ଗୁରୁବାର ଦିଲ୍ଲୀର ସାମ ମାଣିକସା ସେଣ୍ଟରରେ ଚାଲିଥିବା ଚାଣକ୍ୟ ଡିଫେନ୍ସ ଡାଏଲଗରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ଏହାପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚାଣକ୍ୟ ଡିଫେନ୍ସ ଡାଇଲଗ୍‌ର ପ୍ରାରମ୍ଭିକ ସେସନରେ ସାମିଲ ହୋଇଥିଲେ। ଯୁଦ୍ଧ ଏବେ ଜଳ, ସ୍ଥଳ ଓ ଆକାଶରେ ସୀମିତ ହୋଇ ରହିନାହିଁ। ଏବେ ଏହା ସାଇବର, ଗଣମାଧ୍ୟମ ସମେତ ଆହୁରି କେତୋଟି କ୍ଷେତ୍ରକୁ ବ୍ୟାପିଲାଣି ବୋଲି ଚୌହାନ କହିଛନ୍ତି।

## ନାବାଳିକା ଦୁଷ୍କର୍ମକାରୀକୁ ଏନ୍‌କାଉଣ୍ଟର

ଭୋପାଳ, ୨୮ ।୧୧(ଏଜେନ୍ସି): ମଧ୍ୟପ୍ରଦେଶର ରାୟସେନରେ ଜଣେ ୬ ବର୍ଷୀୟ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୁକ୍ତ ସଲମାନକୁ ଗୁରୁବାର ବିଳମ୍ବିତ ରାତିରେ ସର୍ଟ ଏନକାଉଣ୍ଟର କରାଯାଇଛି। ଫଳରେ ସେ ଆହତ ହୋଇଛି। ପୁଲିସ ତାକୁ ଗୋହରାଗଞ୍ଜ ନେଇ ଯାଉଥିବା ବେଳେ ସେ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲା। ଫଳରେ ପୁଲିସ ତା ଉପରକୁ ଗୁଳି ଚଳାଇଥିଲା। ଭୋପାଳର ହମିଦିଆ ହସ୍ପିଟାଲରେ ସଲମାନର ଚିକିତ୍ସା ଚାଲୁଛି। ଏବେ ସେ ବିପଦ ମୁକ୍ତ ଅଛି ବୋଲି କୁହାଯାଉଛି। ନଭେମ୍ବର ୨୧ରେ ସଲମାନ ନାବାଳିକଙ୍କୁ ଚକୋଲେଟ ଦେବାର ଲୋଭ ଦେଖାଇ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା ଓ ପରେ ଫେରାର ହୋଇଯାଇଥିଲା। ସେବେଠାରୁ ଏହି ଅଞ୍ଚଳରେ ଘଟଣା ବିରୋଧରେ ଧାରଣା ପ୍ରଦର୍ଶନ କରାଯାଉଥିଲା। ଲୋକେ ସଲମାନକୁ ଏନ୍‌କାଉଣ୍ଟର କରିବାକୁ ଦାବି କରୁଥିଲେ। ଘଟଣା ୬ ଦିନ ପରେ ପୁଲିସ ସଲମାନକୁ ଗାନ୍ଧିନଗର ଅଞ୍ଚଳରେ ଏକ ଚା ଦୋକାନରୁ ଗିରଫ କରିଥିଲା।

## ସୀମାରେ ରୋବୋଟ୍ ମୁତୟନ କରିବ ଚୀନ୍

ବେଜିଂ, ୨୮ ।୧୧(ଏଜେନ୍ସି): ଚୀନ୍ ତା'ର ସୀମାରେ ଏବେ ନୂଆ ରଣନୀତି ଆପଣେଇବାକୁ ଯାଉଛି। ସୈନ୍ୟମାନଙ୍କ ସହ ଚୀନ୍ ତା'ର ସୀମାରେ ମଣିଷ ଭଳି ରୋବଟ ସୈନ୍ୟ ମଧ୍ୟ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ଆଗାମୀ ଦୁଇବର୍ଷ ମଧ୍ୟରେ ଚୀନ୍ ୧୦ ହଜାର ରୋବଟ ସୈନ୍ୟ ପ୍ରସ୍ତୁତ କରିବ। ଏଥିପାଇଁ ଚୀନ୍‌ର ଏକ କମ୍ପାନୀ ୟୁପିଟେକ୍ ରୋବୋଟିକ୍ସକୁ ୨୬୪ ମିଲିଅନ ୟୁଆନ ଅର୍ଥାତ ୩୭ ମିଲିଅନ ଆମେରିକୀୟ ଡଲାରର ଏକ ବଡ଼ ଅର୍ଡର ମିଳିଛି। ଭିଏତନାମକୁ ଲାଗି ରହିଥିବା ସୀମାରେ ଚୀନ ପ୍ରଥମେ ଏହି ରୋବଟକୁ ନିୟୋଜିତ କରିବ। ଏହି ରୋବଟ ମାନେ ସୀମାରେ ପାଟ୍ରୋଲିଂ କରିବା ସହ ନଜର ରଖିବ।

## ରାହୁଲ ଗାନ୍ଧୀଙ୍କ ପ୍ରଶ୍ନ

# ଦିଲ୍ଲୀ ପ୍ରଦୂଷଣକୁ ନେଇ ଚୁପ୍ କାହିଁକି

ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ପାଇଁ ଭାରତ ସାରା ବିଶ୍ୱରେ ନିନ୍ଦିତ ହେଉଛି। ସବୁଠାରୁ ପ୍ରଦୂଷିତ ରାଜଧାନୀ ତାଲିକାରେ ଦିଲ୍ଲୀ ଶୀର୍ଷରେ ରହିଛି। ପ୍ରତି ବର୍ଷ ଏହି ସମସ୍ୟା ସୃଷ୍ଟି ହେଉଥିବାବେଳେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ପ୍ରଦୂଷଣକୁ ନେଇ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ଦିଆଯାଉଛି। ମାତ୍ର ଏହା କେବଳ ପ୍ରଚାରପ୍ରସାର ସୀମିତ ରହୁଛି। ତେଣୁ ପ୍ରଦୂଷଣର ଫଳ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ଶିଶୁଙ୍କଠାରୁ



- ଶିଶୁ ବିଷାକ୍ତ ବାୟୁରେ ବଢୁଥିବା କହୁଛନ୍ତି ମାଆ
- ସଂସଦରେ ବିସ୍ତୃତ ଚର୍ଚ୍ଚା ଦାବି କଲେ ରାହୁଲ
- ସ୍ୱାସ୍ଥ୍ୟଗତ ଜରୁରୀ ସ୍ଥିତି ସୃଷ୍ଟି କରିଛି ପ୍ରଦୂଷଣ
- ପିଲାଙ୍କୁ ବାହାନା ନୁହେଁ, ସ୍ୱଚ୍ଛ ବାୟୁ ଦରକାର

ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରଦୂଷଣରେ ରୁନ୍ଧି ହେଇଯାଉଛନ୍ତି। ଏହାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ପ୍ରଦୂଷଣ ବୃଦ୍ଧିକୁ ନେଇ ମୋଦୀ ଚୁପ୍ କାହିଁକି ବୋଲି ରାହୁଲ ପଚାରିଛନ୍ତି। ପ୍ରଦୂଷଣକୁ ରୋକିବା ପାଇଁ ସରକାର କୌଣସି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। କୌଣସି ଯୋଜନା ମଧ କରୁନାହାନ୍ତି। ଆଉ ଉତ୍ତରଦାୟିତ୍ୱ ମଧ ନେଉନାହାନ୍ତି। ଦିଲ୍ଲୀ ମହିଳାଙ୍କ ସହ ପ୍ରଦୂଷଣ ଉପରେ ଆଲୋଚନା କରି ରାହୁଲ ଏହି ଟିପ୍ପଣୀ ଦେଇଥିଲେ। ସେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି।

ରାହୁଲ ଲେଖିଛନ୍ତି ଯେ ଦିଲ୍ଲୀ ପ୍ରଦୂଷଣକୁ ନେଇ ମାଆମାନେ ଚିନ୍ତିତ ଅଛନ୍ତି। ଶିଶୁମାନେ ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେଇ ବଡ଼ ହେଉଛନ୍ତି ବୋଲି ମାଆମାନେ କହୁଛନ୍ତି। ଲୋକେ ଥକିଗଲେଣି, ଭୟଭୀତ ହେଲେଣି ଏବଂ କ୍ରୋଧ ପ୍ରକାଶ କରୁଛନ୍ତି। ମୋଦୀ ଜୀ ଭାରତର ଶିଶୁ ଆମ ସାମ୍ନାରେ ଅଣନିଃଶ୍ୱାସୀ ହୋଇଯାଉଛନ୍ତି। ଏହା ସହିତ ଡିସେମ୍ବର ୧ରୁ ଆରମ୍ଭ ହେଉଥିବା ଶୀତକାଳୀନ ଅଧିବେଶନରେ ପ୍ରଦୂଷଣ ଉପରେ ବିସ୍ତୃତ ଆଲୋଚନା କରିବାକୁ ରାହୁଲ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହି ସ୍ୱାସ୍ଥ୍ୟଗତ ଜରୁରୀ ସ୍ଥିତିର ମୁକାବିଲା ପାଇଁ ଏକ କଠୋର ଏବଂ ତୁରନ୍ତ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟଖସଡ଼ାର ଆବଶ୍ୟକତା ରହିଛି। ପିଲାଙ୍କୁ ବାହାନା ନୁହେଁ, ବରଂ ସ୍ୱଚ୍ଛ ବାୟୁ ଦରକାର। ଶିଶୁଙ୍କ କଷ୍ଟ ମାଆଙ୍କୁ ଗଭୀର ଆଘାତ ଦେଉଛି। ଏହା ମାଆଙ୍କୁ ପ୍ରଭାବିତ କରୁଛି। ଦିଲ୍ଲୀରେ ପ୍ରଦୂଷଣ ବିରୋଧରେ ଲଢୁଥିବା ଏଭଳି କିଛି ସାହସୀ ମହିଳାଙ୍କ ସହ ରାହୁଲ ଆଜି ମାଆ ସୋନିଆ ଗାନ୍ଧୀଙ୍କ ବାସଭବନରେ ସାକ୍ଷାତ ଆଲୋଚନା କରିଛନ୍ତି। ସେମାନେ କେବଳ ନିଜର ନୁହେଁ, ସାରା ଦେଶରେ ଶିଶୁଙ୍କ ଭବିଷ୍ୟତକୁ ନେଇ ଭୟଭୀତ ଅଛନ୍ତି।

ରାହୁଲ କହିଥିଲେ ଯେ ବିଷାକ୍ତ ବାୟୁ ଯୋଗୁଁ ଶିଶୁ ଫୁସ୍‌ଫୁସ, ହୃତ୍‌ପିଣ୍ଡ ଏବଂ ମାନସିକ ରୋଗର ଶିକାର ହେଉଛନ୍ତି। ଏଭଳି ଭୟାନକ ସ୍ଥିତି ସତ୍ତ୍ୱେ କେନ୍ଦ୍ର ସରକାର ହାତରେ ହାତ ପକାଇ ବସି ରହିଛନ୍ତି। ସମୟ ଦ୍ରୁତଗତିରେ ହାତରୁ ଖସି ଚାଲିଛି। ପ୍ରଦୂଷଣ ଉପରେ ତୁରନ୍ତ ଚର୍ଚ୍ଚା ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଜରୁରୀ। ସ୍ୱଚ୍ଛ ବାୟୁ ପାଇଁ ଶିଶୁଙ୍କ ସଂଘର୍ଷକୁ ବନ୍ଦ କରିବା ନିମନ୍ତେ ଏହା ଜରୁରୀ। ସୁସ୍ଥ, ସୁରକ୍ଷିତ ପରିବେଶରେ ଶିଶୁଙ୍କୁ ବଡ଼ ହେବା ପାଇଁ ସୁଯୋଗ ଦେବା ଆବଶ୍ୟକ। ସୂଚନାଯୋଗ୍ୟ ଯେ ଦିଲ୍ଲୀ ବାୟୁ ଏବେ ସବୁଠୁ ବିପଜ୍ଜନକ ସ୍ତରରେ ରହିଛି। ଆଜି କିଛି ଅଞ୍ଚଳରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୫୪୫ ଥିଲା। ସେହିପରି ଗୁରୁବାର ଏହା ୪୯୩, ବୁଧବାର ୩୦୦, ମଙ୍ଗଳବାର ୩୯୬, ସୋମବାର ୪୬୬, ରବିବାର ୪୭୦, ଶନିବାର ୪୫୧ ଏବଂ ଗତ ଶୁକ୍ରବାର ୪୦୦ ରେକର୍ଡ କରାଯାଇଥିଲା।

### କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବିବାଦ ଥମୁନି

## ମୋର କିଛି ଦରକାର ନାହିଁ: ଡିକେ

ବେଙ୍ଗାଲୁରୁ, ୨୮।୧୧ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ନେଇ ରାଜ୍ୟ ରାଜନୀତିରେ ଚହଳ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ମୁଖ୍ୟମନ୍ତ୍ରୀ ପଦକୁ ନେଇ ହାଇକମାଣ୍ଡ ଶେଷ ନିଷ୍ପତ୍ତି ନେବେ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି। ଏହା ସତ୍ତ୍ୱେ ଗୁରୁବାର ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ଯୁଦ୍ଧ ହୋଇଥିଲା। ଏହାକୁ ୨୪ ଘଣ୍ଟା ନ ପୂରୁଣୁ ଉଭୟ ନେତା ଶୁକ୍ରବାର ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ଅଙ୍ଗନବାଡ଼ି କାର୍ଯ୍ୟକ୍ରମର ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମାରୋହରେ ଦୁଇ ନେତା ଦେଇଥିବା ବୟାନକୁ ନେଇ ନୂଆ ସଂଶୟ ସୃଷ୍ଟି ହୋଇଛି। ଏଠାରେ ସିଦ୍ଧରମେୟା କହିଥିଲେ ଯେ ସୋନିଆ ଗାନ୍ଧୀ କ୍ଷମତା ତ୍ୟାଗ କରିଥିଲେ। ୨୦୦୪ରେ ସୋନିଆ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ଦିବଂଗତ ରାଷ୍ଟ୍ରପତି ଅବଦୁଲ କଲାମ ଚାହୁଁଥିଲେ। କିନ୍ତୁ ସୋନିଆ କ୍ଷମତା ତ୍ୟାଗ କରି ଦିବଂଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନାମ ପ୍ରସ୍ତାବ ଦେଇଥିବା କହିଥିଲେ।

- ସୋନିଆ କ୍ଷମତା ତ୍ୟାଗ କରିବାରୁ ମନମୋହନ ପ୍ରଧାନମନ୍ତ୍ରୀ ହେଲେ: ସିଦ୍ଧରମେୟା

ଏହା ପୂର୍ବରୁ ଶିବକୁମାର କହିଥିଲେ ଯେ ମୋର କିଛି ଦରକାର ନାହିଁ। ମୁଁ ତରବରିଆ ହେଉ ନାହିଁ। ଦଳ ଏହି ନିଷ୍ପତ୍ତି ନେବ। ମୁଁ କୌଣସି ସମୁଦାୟର ରାଜନୀତି ଚାହୁଁନାହିଁ। କଂଗ୍ରେସ ହିଁ ମୋର ସମୁଦାୟ ଏବଂ ସବୁ ବର୍ଗ ମୋତେ ଭଲ ପାଆନ୍ତି। ଅନ୍ୟପଟେ ଡିକେ ଆଜି ମଲ୍ଲୁର, କୋଲାର, ମୁଲବଗଲ ଏବଂ କୁନିଗଲର କଂଗ୍ରେସ ବିଧାୟକ ଏବଂ ନେତାଙ୍କୁ ଭେଟିଛନ୍ତି। ରିପୋର୍ଟ ଅନୁଯାୟୀ, ଶିବକୁମାର ଆଜି ରାତିରେ ଦିଲ୍ଲୀ ଗସ୍ତ କରିବେ। ସେଠାରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହାଇକମାଣ୍ଡଙ୍କ ସହ ଆଲୋଚନା କରିବେ। ସୂଚନାଯୋଗ୍ୟ ଯେ କର୍ଣ୍ଣାଟକରେ କଂଗ୍ରେସ ସରକାରର ଅଢ଼େଇ ବର୍ଷ ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ବଦଳାଇବା ପାଇଁ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସରକାର ଗଠନ ସମୟରେ ଅଢ଼େଇ ବର୍ଷିଆ ମୁଖ୍ୟମନ୍ତ୍ରୀ ପାଇଁ ଶିବକୁମାରଙ୍କୁ ପ୍ରତିଶ୍ରୁତି ଦିଆଯାଇଥିବା କୁହାଯାଉଛି।

## ଗରିବଙ୍କ ପାଇଁ ଅଧରାତି ପର୍ଯ୍ୟନ୍ତ ଚାଲିବ ସୁପ୍ରିମକୋର୍ଟ: ସିଜେଆଇ



ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): ଗରିବଙ୍କୁ ନ୍ୟାୟ ଦେବାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବ। ଏଭଳି ଲୋକଙ୍କ ପାଇଁ ସୁପ୍ରିମକୋର୍ଟରେ ଅଧ ରାତି ପର୍ଯ୍ୟନ୍ତ ବସିପାରିବି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି। ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ସହ ଏକ ମାମଲାର ଶୁଣାଣି କରୁଥିବା ସମୟରେ ସିଜେଆଇ ଏହି ଟିପ୍ପଣୀ ଦେଇଥିଲେ। ସେ କହିଥିଲେ ଯେ ମୋ କୋର୍ଟରେ କୌଣସି ଡ୍ରାମା ଚାଲିବ ନାହିଁ। ବ୍ୟୟବହୁଳ ମାମଲାକୁ ଧନୀ ଲୋକ ହିଁ ଲଢ଼ିଥାନ୍ତି। କହିବାକୁ ଚାହୁଁଛି ଯେ ସବୁଠାରୁ ଗରିବ ଏବଂ ଅନ୍ତିମ ପର୍ଯ୍ୟାୟର ବ୍ୟକ୍ତି ପାଇଁ ମୁଁ ଏଠାରେ ରହିଛି। ଆବଶ୍ୟକ ପଡ଼ିଲେ ତାଙ୍କ ପାଇଁ ରାତି ଅଧ ପର୍ଯ୍ୟନ୍ତ ବସିପାରିବି। ତିଲକ ସିଂହ ଡାଙ୍ଗି ନାମକ ବ୍ୟକ୍ତି କେନ୍ଦ୍ର ସରକାର ଏବଂ ଅନ୍ୟମାନଙ୍କ ବିରୋଧରେ ଏହି ମାମଲା ଦାଏର କରିଥିଲେ। ଖଣ୍ଡପୀଠ ଏହାକୁ ଖାରଜ କରିଦେଇଛନ୍ତି। ହରିୟାଣା ହିସାର ଜିଲ୍ଲାର ଏକ ମଧ୍ୟବିତ୍ତ ପରିବାରରୁ ଆସୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଗତ ୨୪ ତାରିଖରେ ଭାରତର ୫୩ ତମ ସିଜେଆଇ ହୋଇଥିଲେ।

## ପାକିସ୍ତାନୀଙ୍କୁ ଭିସା ଦେବାକୁ ମନା କଲା ୟୁଏଇ

### ଅପରାଧ ଓ ଭିକ ମାଗିବା କାରଣରୁ ଏହି ନିଷ୍ପତ୍ତି

ଇସଲାମାବାଦ, ୨୮ ।୧୧(ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଏବେ ପାକିସ୍ତାନ ନାଗରିକଙ୍କୁ ଭିସା ଦେବାକୁ ମନା କରିଛି। ପାକିସ୍ତାନ ଗୃହମନ୍ତ୍ରଣାଳୟର ଅଧିକାରୀ ସଲମାନ ଚୌଧୁରୀ ଏହି ସୂଚନା ଦେଇଛନ୍ତି। ତେବେ ଯେଉଁମାନଙ୍କ ପାଖରେ ବ୍ଲୁ ଓ ଡିପ୍ଲୋମାଟିକ୍ ପାସ୍‌ପୋର୍ଟ ଅଛି ସେମାନଙ୍କୁ ଭିସା ଦିଆଯାଉଛି। ପ୍ରଥମ ଥର ପାଇଁ ସିଙ୍ଗଲ ଏଣ୍ଟ୍ରି ଭିସା ୭୦ରୁ ୮୦ ପ୍ରତିଶତ ପ୍ରତ୍ୟାଖାନ ହୋଇଛି। କିନ୍ତୁ ଯେଉଁ ଲୋକଙ୍କ ପରିବାର ୟୁଏଇରେ ରହୁଛନ୍ତି, ସେମାନଙ୍କୁ ଭିସା ମିଳିବାର ସମ୍ଭାବନା ଅଧିକ ରହିଛି। ଗତ କିଛିଦିନ ହେବ ୟୁଏଇରେ ଆପରାଧିକ ଓ ଭିକ୍ଷା ମାଗିବା ଘଟଣାରେ ପାକିସ୍ତାନ ଲୋକଙ୍କ ନାମ ସାମ୍ନାକୁ ଆସିବାରୁ ୟୁଏଇ ଏହି ନିଷ୍ପତ୍ତି ନେଇଛି। ୟୁଏଇ ଅଧିକାରୀଙ୍କୁ କେତେକ ଆବେଦନକାରୀଙ୍କ କାଗଜପତ୍ର ସନ୍ଦିଗ୍ଧ ମନେ ହେବାରୁ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଧାରିତ ସଷ୍ଟମରେ ସମସ୍ୟା ଥିବାରୁ ଭିସା ତୁରନ୍ତ ପ୍ରତ୍ୟାଖାନ ହୋଇଛି ବୋଲି କୁହାଯାଇଛି।

## ଶ୍ରୀରାମଙ୍କ ସର୍ବୋଚ୍ଚ ପ୍ରତିମା ଉନ୍ମୋଚନ କଲେ ମୋଦୀ



ବେଙ୍ଗାଲୁର, ୨୮ ।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦକ୍ଷିଣ ଗୋଆର କାନାକୋନାରେ ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ଜିବୋତମ ମଠରେ ପୂଜା ଅର୍ଚ୍ଚନା କରିଛନ୍ତି। ଏହାପରେ ସେ ଏଠାରେ ୭୭ ଫୁଟର ଶ୍ରୀରାମଙ୍କ ବ୍ରୋଞ୍ଜ୍ ପ୍ରତିମା ଉନ୍ମୋଚନ କରିଥିଲେ। ଶ୍ରୀରାମଙ୍କର ଏହି ପ୍ରତିମା ବିଶ୍ୱର ସବୁଠାରୁ ଉଚ୍ଚ ବୋଲି ବିବେଚିନା କରାଯାଇଛି। ଷ୍ଟାଚ୍ୟୁ ଅଫ୍ ୟୁନିଟିର ଶିଳ୍ପକାର ରାମ ସୂତାର ଏହି ମୂର୍ତ୍ତି ତିଆରି କରିଛନ୍ତି। ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏକ ବିଶେଷ ସ୍ମାରକ ଡାକଟିକେଟ ଓ ଏକ ମୁଦ୍ରା ମଧ ଜାରି କରିଛନ୍ତି। ସେ ମଧ ମଠ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ରାମାୟଣ ଥିମ ପାର୍କ ଗାର୍ଡନର ଉଦ୍‌ଘାଟନ ମଧ କରିଛନ୍ତି। ଏହା ପୂର୍ବରୁ ସେ କର୍ଣ୍ଣାଟକର ଉଡୁପୀରେ ଶ୍ରୀ କୃଷ୍ଣ ମଠରେ ପୂଜା ଅର୍ଚ୍ଚନା କରିଥିଲେ। ଏଠାରେ ସୁବର୍ଣ୍ଣ ତୀର୍ଥ ମଣ୍ଡପର ଉଦ୍‌ଘାଟନ କରିବା ସହ ସୁନାର କଳଶ ଚଢ଼ାଇଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ଏକ ଲକ୍ଷ ଲୋକଙ୍କ ସହ ଶ୍ରୀମଦ ଭାଗବତ ଗୀତା ପାଠ କରିଥିଲେ। ସକାଳ ୧୧ଟାରେ ସେ ଉଡୁପୀରେ ପହଞ୍ଚିଥିଲେ।

## ଏସିଆ ପାୱାର ଇଣ୍ଡେକ୍ସରେ ଆମେରିକା, ଚୀନ୍ ପରେ ଭାରତ ତୃତୀୟ

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଏସିଆ ପାୱାର ଇଣ୍ଡେକ୍ସରେ ୨୭ଟି ଦେଶକୁ ନେଇ ପ୍ରକାଶିତ ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିଥିବାବେଳେ ପାକିସ୍ତାନ ୧୬ତମ ସ୍ଥାନରେ ରହିଛି। ଅର୍ଥାତ ପାକିସ୍ତାନକୁ ଏସିଆର ଶ୍ରେଷ୍ଠ-୧୦ରେ ସ୍ଥାନ ମିଳିନାହିଁ। ପୂର୍ବାପେକ୍ଷା ଭାରତର ସାମରିକ ଶକ୍ତି ଓ ସାମର୍ଥ୍ୟ ଦ୍ରୁତଗତିରେ ବୃଦ୍ଧି ପାଇଛି। ଅଷ୍ଟ୍ରେଲିଆ ଥିଙ୍କ୍ ଟ୍ୟାଙ୍କ ଲୋଇ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିବର୍ଷ ଏହି ପାୱାର ଇଣ୍ଡେକ୍ସ ଜାରି କରିଥାଏ। ଏହି ର୍‌ୟାଙ୍କିଙ୍ଗରେ ଆମେରିକ ଓ ଚୀନ୍ ପଛକୁ ରହି ଭାରତ ତୃତୀୟ ସ୍ଥାନ ଅଧିକାର କରିଛି। ତେବେ ଭାରତ ନିବେଶରେ ଚୀନକୁ ପଛରେ ପକାଇଛି। ତାଲିକା ଅନୁସାରେ ଭାରତ ଏକ ବୃହତ୍ ଶକ୍ତି ବିବେଚିତ ହେଉଛି। ଅପରେସନ ସିନ୍ଦୂର ପରେ ପ୍ରତିରକ୍ଷା ମୂଲ୍ୟାଙ୍କନରେ ଭାରତ ତା'ର ସ୍ଥିତିକୁ ଆହୁରି ଦୃଢ କରିଛି। ଯେଉଁ ଦେଶର ଅଙ୍କ ୪୦ କିମ୍ବା ତା'ଠାରୁ ଅଧିକ ହୋଇଥାଏ ସେହି ଦେଶକୁ ମେଜର ପାୱାର ବା ବୃହତ ଶକ୍ତି ବୋଲି କୁହାଯାଇଥାଏ। ପ୍ରଥମଥର ପାଇଁ ଭାରତ ଏହି ମେଜର ପାୱାର ରେଖା ପାର କରିଛି। ସୈନ୍ୟ କ୍ଷମତା ଓ ଡିଫେନ୍ସ ନେଟ୍‌ୱର୍କ, ଆର୍ଥିକ କ୍ଷମତା, କୂଟନୈତିକ ତଥା ସାଂସ୍କୃତିକ ପ୍ରଭାବ ଏବଂ ଭବିଷ୍ୟତର ସଂଶାଧନ ଭଳି ମାପଦଣ୍ଡକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଥାଏ। ସଦ୍ୟ ପ୍ରକାଶିତ ତାଲିକା ଏସିଆ ପାୱାର ଇଣ୍ଡେକ୍ସର ୭ମ ସଂସ୍କରଣ। ଏଥିରେ ୨୭ଟି ଦେଶକୁ ସାମିଲ କରାଯାଇଛି। ଆମେରିକା ୮୧.୭ ଅଙ୍କ ହାସଲ କରି ପୁଣି ଥରେ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଚୀନ୍ ୭୩.୭ ଅଙ୍କ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ୧୦୦ରୁ ଏହି ଅଙ୍କ ପ୍ରଦାନ କରାଯାଇଥାଏ। ୨୦୨୫ରେ ଚୀନର ଗୋଟିଏ ଓ ଭାରତ ୨ ଅଙ୍କ ବୃଦ୍ଧି ପାଇଛି। ଭାରତ ୧୦୦ରୁ ୪୦ ଅଙ୍କ ହାସଲ କରିଛି। ରୁଷ ୩୨.୧ ଅଙ୍କ ସହ ୫ମ ସ୍ଥାନରେ ରହିଛି। ସେହିପରି ଜାପାନ ୩୮.୮ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ପାକିସ୍ତାନ ୧୪.୫ ଅଙ୍କ ହାସଲ କରିଛି।

- ଅପରେସନ ସିନ୍ଦୂର ପରେ ପ୍ରତିରକ୍ଷା ମୂଲ୍ୟାଙ୍କନରେ ବୃଦ୍ଧି
- ନିବେଶରେ ଚୀନ୍‌କୁ ପଛରେ ପକାଇଲା

## ଟ୍ରମ୍ପଙ୍କ ଏକଚ୍ଛତ୍ରନୀତି

# ଗରିବ ରାଷ୍ଟ୍ରର ଶରଣାର୍ଥୀଙ୍କୁ ପଶିବାକୁ ଦେବୁନି

ୱାଶିଂଟନ, ୨୮।୧୧ (ଏଜେନ୍ସି): ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଉ ଏକ ଏକଚ୍ଛତ୍ରନୀତିକୁ ନେଇ ଭୟ ସୃଷ୍ଟି ହୋଇଛି। କଥା କଥାରେ ମାନବାଧିକାର ପ୍ରସଙ୍ଗ ଉଠାଉ ଥିବା ଆମେରିକାର ଏହି ରାଷ୍ଟ୍ରପତି 'ଥାର୍ଡ ୱାଲ୍ଡ କଣ୍ଟ୍ରି' ତଥା ଗରିବ ଦେଶରୁ ଆସୁଥିବା ଶରଣାର୍ଥୀଙ୍କ ଉପରେ ସବୁବେଳ ପାଇଁ କଟକଣା ଲଗାଇବାକୁ ଘୋଷଣା କରିଛନ୍ତି। ଏପରି କରି ଆମେରିକାକୁ ପୁଣିଥରେ ମଜବୁତ କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ଏହା ସହିତ ଆମେରିକାରୁ ଭଲ ପାଉ ନ ଥିବା ଲୋକଙ୍କୁ ଦେଶରୁ ବିଦା କରାଯିବ ବୋଲି ସେ ଘୋଷଣା କରିଛନ୍ତି।

'ଥାର୍ଡ ୱାଲ୍ଡ କଣ୍ଟ୍ରି'ର କୌଣସି ଆଇନଗତ ଅର୍ଥ ନାହିଁ। କିନ୍ତୁ ଆଫ୍ରିକା, ଏସିଆ, ଲାଟିନ ଆମେରିକା ଏବଂ ମଧ୍ୟପ୍ରାଚ୍ୟର ଗରିବ ଦେଶଗୁଡିକ ତଥା କମ୍ ଆୟକାରୀ ରାଷ୍ଟ୍ରଗୁଡିକ ଏହି ଶ୍ରେଣୀରେ ଆସନ୍ତି। ହ୍ୱାଇଟ ହାଉସ ନିକଟରେ ବୁଧବାର ସକାଳେ ୨ ନ୍ୟାସନାଲ ଗାର୍ଡଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନେଇ ଟ୍ରମ୍ପ କ୍ଷୁବ୍ଧ ହୋଇଥିଲେ। ଏହା ପରେ ଶରଣାର୍ଥୀଙ୍କ ଉପରେ କଟକଣା ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଉକ୍ତ ଆକ୍ରମଣରେ ଆହତ ମହିଳା ଗାର୍ଡ ସାରା ବେକ୍‌ଷ୍ଟ୍ରମ୍ ଆଜି ମୃତ୍ୟୁବରଣ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି। ଅନ୍ୟ ଗାର୍ଡ ଆଣ୍ଡ୍ର୍ୟୁ ଉଲ୍‌ଫଙ୍କ ସ୍ଥିତି ମଧ ଗୁରୁତର ରହିଛି।

ଟ୍ରମ୍ପ କହିଛନ୍ତି ଯେ ଇମିଗ୍ରେସନ ତଥା ଆପ୍ରବାସନ ନୀତି ପାଇଁ ଆମେରିକୀୟଙ୍କ ଜୀବନ ଖରାପ ହୋଇଗଲାଣି। ଯେଉଁ ଲୋକ ଆମେରିକା ପାଇଁ ଲାଭଦାୟକ ନୁହେଁ କିମ୍ବା ଯେଉଁମାନେ ଦେଶକୁ ଭଲ ପାଉନାହାନ୍ତି ତାଙ୍କୁ ମଧ ହଟାଇ ଦିଆଯିବ। ଆପ୍ରବାସନ ନୀତିକୁ ଅଧିକ କଠୋର କରାଯିବ। ଏହା ପୂର୍ବରୁ ୧୯ ଦେଶରୁ ଆସୁଥିବା ପ୍ରବାସୀଙ୍କୁ କଠୋର ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଟ୍ରମ୍ପ ଗୁରୁବାର କହିଥିଲେ। ମାତ୍ର ୨୪ ଘଣ୍ଟା ଭିତରେ ଟ୍ରମ୍ପ ନିଜ ନୀତି ବଦଳାଇ ଦେଇଛନ୍ତି। ତୃତୀୟ ବିଶ୍ୱର ଦେଶଙ୍କ ଉପରେ ସ୍ଥାୟୀ କଟକଣା ଲଗାଇ ଦେବେ ବୋଲି କହିଛନ୍ତି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମୟରେ ହୋଇଥିବା କୋଟି କୋଟି ଆପ୍ରବାସନକୁ ରୋକି ଦିଆଯିବ। ବେଆଇନ ଭାବେ ବାଇଡେନ ମଞ୍ଜୁରି ଦେଇଥିବା ଲୋକଙ୍କୁ ମଧ ଦେଶରୁ ହଟାଯିବ।

- ଆମେରିକାକୁ ଭଲ ପାଉ ନ ଥିବା ଲୋକଙ୍କୁ ବାହାର କରିବୁ



ହାଇତି, କ୍ୟୁବା, ଟୋଗୋ, ଭେନଜୁଏଲା, ଇକ୍ୱେଟୋରିଅଲ ଗିନି, କଙ୍ଗୋ ରିପବ୍ଲିକ, ଆଫଗାନିସ୍ତାନ, ମ୍ୟାଁମାର, ଲାଓସ, ଇରାନ, ତୁର୍କମେନସ୍ତାନ, ସୋମାଲିଆ, ସୁଦାନ, ୟେମେନ, ଇରିଟ୍ରିଆ, ଲିବିଆ, ସିଏରା ଦେଶର ଶରଣାର୍ଥୀଙ୍କୁ ଟ୍ରମ୍ପ ରୋକିଦେବେ। ସେ କହିଛନ୍ତି ଯେ ଅଣ-ନାଗରିକଙ୍କୁ ଆଉ କୌଣସି ସରକାରୀ ସୁବିଧା, କିମ୍ବା ରିଆତିର ଲାଭ ମିଳିବ ନାହିଁ। ଦେଶର ଶାନ୍ତି ଭଙ୍ଗ କରୁଥିବା ପ୍ରବାସୀଙ୍କ ନାଗରିକତା ରଦ୍ଦ କରିଦିଆଯିବ। ସାର୍ବଜନୀନ ବୋଝ, ସୁରକ୍ଷା ପାଇଁ ବିପଦ କିମ୍ବ ପଶ୍ଚିମ ସଭ୍ୟତା ସହ ମେଳ ଖାଉ ନ ଥିବା ଲୋକଙ୍କୁ ଦେଶରୁ ବାହାର କରାଯିବ। ଭୁଲ ଆପ୍ରବାସନ ନୀତି ଯୋଗୁଁ ଆମେରିକାରେ ଅପରାଧ ଏବଂ ଅବ୍ୟବସ୍ଥା ବଢିଯାଇଛି। ଲୋକଙ୍କୁ ପୁଣିଥରେ ନିଜ ଦେଶକୁ ପଠାଇଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଟ୍ରମ୍ପ ଭାବୁଛନ୍ତି।

### • ଏସ୍‌ଆଇଆର୍ ମାମଲା

## ନିର୍ବାଚନ କମିଶନଙ୍କୁ ଭେଟିଲେ ଟିଏମ୍‌ସିର ୧୦ ସାଂସଦ

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଦେଶବ୍ୟାପୀ ସ୍ପେଶାଲ ଏଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) ନେଇ ବିବାଦ ଚାଲିଥିବା ବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୧୦ ସାଂସଦ ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି। ଦୁଇ ପକ୍ଷ ମଧ୍ୟରେ ପାଖାପାଖି ୨ ଘଣ୍ଟା କଥାବାର୍ତ୍ତା ହୋଇଥିଲା। ଏସ୍‌ଆଇଆର୍ ପ୍ରକ୍ରିୟା ମୃତ୍ୟୁବରଣ କରିଥିବା ୪୦ ଜଣ ବ୍ଲକ ଲିଭେଲ ଅଫିସର (ବିଏଲ୍‌ଓ)ଙ୍କ ଚିଠା କମିଶନଙ୍କୁ ଦେଇଥିଲୁ ବୋଲି ଟିଏମ୍‌ସି ସାଂସଦ ଡାରେକ ଓ ବ୍ରାଏନ କହିଛନ୍ତି। କମିଶନଙ୍କୁ ଆମେ ୫ଟି ପ୍ରଶ୍ନ ପଚାରିଥିଲୁ। କିନ୍ତୁ ତା'ର ଜବାବ ମିଳିଲା ନାହିଁ। ଉଲ୍ଲେଖଥାଉ କି, ଏସ୍‌ଆଇଆର୍‌କୁ ନେଇ ବିରୋଧୀ ଦଳଗୁଡିକ ତରଫରୁ ଲଗାତର ପ୍ରଶ୍ନ ଉତ୍ଥାପନ କରାଯାଉଛି। ଡିସେମ୍ବର ପହିଲାରୁ ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ବିରୋଧୀ ଦଳଗୁଡିକ ଏସ୍‌ଆଇଆର୍ ନେଇ ହଙ୍ଗାମା କରିପାରିନ୍ତି। ଗତ ୨୨ ଦିନରେ ୭ଟି ରାଜ୍ୟରେ ୨୫ ଜଣ ବିଏଲ୍‌ଓ ମୃତ୍ୟୁବରଣ କରିଛନ୍ତି। ଏସ୍‌ଆଇଆର୍ ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଡିସେମ୍ବର ୨ରେ ପରବର୍ତ୍ତୀ ଶୁଣାଣି ହେବ। ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶରେ ଏସ୍‌ଆଇଆର୍ ପ୍ରକ୍ରିୟାର ଦ୍ୱିତୀୟ ପର୍ଯ୍ୟାୟ ଚାଲିଛି। ଏହାର ଅନ୍ତିମ ଭୋଟର ତାଲିକା ୨୦୨୬ ଫେବୃଆରୀ ୭ରେ ପ୍ରକାଶ ପାଇବ। ଏସ୍‌ଆଇଆର୍ ପ୍ରଥମ ପର୍ଯ୍ୟାୟ ବିହାରେ ଗତ ସେପ୍ଟେମ୍ବରରେ ବିଧାନସଭା ନିର୍ବାଚନ ପୂର୍ବରୁ କରାଯାଇଥିଲା।

# ବିଜେପି ସରକାର ଓଡ଼ିଶାକୁ ଦେବାଳିଆ କରିଦେଲେଣି: ବିଜେଡି

**କେବଳ ପାରମ୍ପରିକ ଭାବେ ବଜେଟ ଆସିଛି: କଂଗ୍ରେସ**

**ବର୍ତ୍ତମାନ ଓଡ଼ିଶା ଅଭିବୃଦ୍ଧି ଦିଗରେ ଚାଲିଛି: ବିଜେପି**

ଭୁବନେଶ୍ୱର,୨୮ ।୧୧(ସମିସ): ବିଧାନସଭାର ଶୀତ ଅଧିବେଶନରେ ଶୁକ୍ରବାର ଉପସ୍ଥାପିତ ଅତିରିକ୍ତ ବଜେଟକୁ ବିରୋଧୀ ବିଜେଡି ଓ କଂଗ୍ରେସ ସମାଲୋଚନା କରିଛନ୍ତି । ବିଜେଡି ବିଧାୟକ ସାରଦା ପ୍ରସାଦ ଜେନା କହିଛନ୍ତି, ବଜେଟ ଖର୍ଚ୍ଚ ନୈରାଶ୍ୟଜନକ ରହିଛି । ମୂଳ ବଜେଟରେ ଆବଣ୍ଟିତ ଅର୍ଥ ଏଯାଏଁ ଠିକ୍ ଭାବେ ଖର୍ଚ୍ଚ ହୋଇନାହିଁ । ଏହାସହିତ ୧ ଲକ୍ଷ ୩୪ ହଜାର ୯୧୪ କୋଟିର ଋଣ ଭାର କରି ସରକାର ଅତିରିକ୍ତ ବଜେଟ ଆଣିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଋଣମୁକ୍ତ କରିବା ସହ ଅଭାବୀରୁ ପ୍ରଭାବୀ ଓଡ଼ିଶା ଓ ଦେବାଳିଆ ଓଡ଼ିଶାକୁ ଶବଳିଆ ଓଡ଼ିଶା କରିଥିଲେ । ମାତ୍ର ଏ ସରକାର ପୁଣି ଓଡ଼ିଶାକୁ ଦେବାଳିଆ କରିଦେଲେଣି କହି ଶ୍ରୀ ଜେନା ସମାଲୋଚନା କରିଛନ୍ତି ।

ସେହିପରି କଂଗ୍ରେସ ବିଧାୟକ ସିଏସ୍ ରାଜନ ଏକ୍କା କହିଛନ୍ତି, ୨ଲକ୍ଷ ୯୦ ହଜାର କୋଟିର ବଜେଟ ଆସିଥିଲା । ଏବେ ପୁଣି ଅତିରିକ୍ତ ବଜେଟ ଆସିଲା । ବଜେଟର ମାତ୍ର ୩୯ ପ୍ରତିଶତ ଖର୍ଚ୍ଚ ହୋଇଛି । ହେଲେ ସବୁ ଅର୍ଥ ଖର୍ଚ୍ଚର ବିନିଯୋଗ ପ୍ରମାଣପତ୍ର (ୟୁସି) ମଧ୍ୟ ଆସି ନାହିଁ । ଗତ ବଜେଟର କାମ ହୋଇନି । ତା'ଉପରେ ୧ଲକ୍ଷ ୩୫ ହଜାର କୋଟି ଋଣ ହେଲାଣି । କେବଳ ପାରମ୍ପରିକ ଭାବେ ବଜେଟ ଆସିଛି; ଏଥିରେ କିଛି ନୂଆ ଯୋଜନା ନାହିଁ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ସରକାରୀ ଦଳ ବିଧାୟକ ଟଙ୍କଧର ତ୍ରିପାଠୀ ଅତିରିକ୍ତ ବଜେଟ୍‌କୁ ସ୍ୱାଗତ କରିବା ସହ ବର୍ତ୍ତମାନ ଓଡ଼ିଶା ଅଭିବୃଦ୍ଧି ଦିଗରେ ଚାଲିଛି । ସବୁ କ୍ଷେତ୍ର ପାଇଁ ବଜେଟ ରଖାଯାଇଛି । ପୂର୍ବ ସରକାର ସମୟରେ ଯୋଜନା ଘୋଷଣା ହେଉଥିଲା କିନ୍ତୁ ବଜେଟ ଅଣ୍ଟୁ ନ ଥିଲା । ବର୍ତ୍ତମାନ ସରକାର ଯାହା ଯୋଜନା କରିଛନ୍ତି ସେଥିପାଇଁ ବଜେଟ ରଖୁଛନ୍ତି ବୋଲି ସେ କହିଛନ୍ତି ।

**ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଅଭାବନୀୟ ସ୍ଥିତି**

# ବେପାରୀଙ୍କୁ ଶାଗମାଛ ମୂଲ୍ୟରେ ଧାନ ବିକିବା ପରେ ଖୋଲୁଛି ମଣ୍ଡି

**୩୧୬୯ ଟଙ୍କାରେ ଧାନ ନ କିଣିଲେ ମଣ୍ଡି ଘେରିବ କଂଗ୍ରେସ କୃଷକ ସେଲ୍**

ଭୁବନେଶ୍ୱର,୨୮ ।୧୧(ସମିସ): ରାଜ୍ୟ ସରକାର ଗତ ନଭେମ୍ବର ୧ ତାରିଖରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ନଭେମ୍ବର ୨୭ ତାରିଖ ମଧ୍ୟରେ ମଣ୍ଡି ଖୋଲା ନ ଯିବାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଚାଷୀ ଏମ୍‌ଏସ୍‌ପିଠାରୁ କମ୍ ଦରରେ ବେପାରୀଙ୍କୁ ଶାଗମାଛ ମୂଲ୍ୟରେ ଧାନ ବିକି ସାରିବା ପରେ ମଣ୍ଡି ଖୋଲାଯାଉଛି । ଏହି ସବୁ ଅଞ୍ଚଳର ବହୁ ମିଲର ଚାଷୀଙ୍କଠାରୁ କମ୍ ରେଟରେ ଧାନ କିଣି ଗୋଦାମରେ ରଖି ସାରିଲେଣି ବୋଲି ଜାତୀୟ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ ପଟ୍ଟନାୟକ କହିଛନ୍ତି ।

ଏକ ପ୍ରେସ୍ ବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଚାଷୀ ଅଦ୍ୟାବଧି ଟୋକନ ପାଇ ନାହାଁନ୍ତି କିମ୍ବା ମଣ୍ଡି ଭିତ୍ତିଭୂମି ସୁଦୃଢ଼ ନାହିଁ । ସେପଟେ ସୋସାଇଟିରେ ଆବଶ୍ୟକ କର୍ମଚାରୀ ନାହାନ୍ତି । ବରଗଡ଼ ପ୍ରଭୃତି ଜିଲ୍ଲାର ଅନେକ ଯୋଗ୍ୟ ଚାଷୀଙ୍କୁ ଧାନ ବିକ୍ରି ପଞ୍ଜୀକରଣରେ ବିଭିନ୍ନ ଆଳ ଦେଖାଇ ବାଦ୍ ଦିଆଯାଇଛି । ଅନେକ ସମୟରେ ପ୍ରତି ବସ୍ତାରେ ୫ରୁ ୭ କେଜି ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀ କରାଯାଉଥିବାର ନଜିର ରହିଛି । ଧାନ ପରିଲକ୍ଷିତ ମାପକ ଯନ୍ତ୍ର ବା ଆନାଲାଇଜର ମେସିନ୍‌ରେ ସାଙ୍ଘାତିକ ତ୍ରୁଟି ରହିଥିବାବେଳେ ସରକାରଙ୍କ ଧାନକିଣା ଘୋଷଣା ଚାଷୀଙ୍କ ପାଇଁ କଟା ଘା'ରେ ଚୁନ ସଦୃଶ ହୋଇଛି ।

ଧାନ ସଂରକ୍ଷଣ ପାଇଁ ରାଜ୍ୟରେ ଆବଶ୍ୟକ ସଂଖ୍ୟକ ଗୋଦାମ ଘର ନିର୍ମାଣ ନ କରିବା ଏବଂ ନିର୍ଦ୍ଧାରିତ ସମୟରେ ଏଫସିଆଇ ଦ୍ୱାରା ଚାଉଳ ନ ଉଠାଇବା ଯୋଗୁଁ ମିଲରମାନଙ୍କ ମନମାନିରେ ଧାନ କିଣା ଯାଉଛି ବୋଲି ସେ କହିଛନ୍ତି । କେନ୍ଦ୍ର ସରକାର ଏମଏସପିର ଦେଢ଼ଗୁଣା ବୃଦ୍ଧି କରିବା ସହିତ ଏମଏସପିକୁ ଆଇନଗତ ଗ୍ୟାରେଣ୍ଟି ଏବଂ ଧାନ କିଣାର ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ପାଇଁ ବିଧିବଦ୍ଧ ପଦକ୍ଷେପ ନେବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି । ଯଦି ସରକାରଙ୍କ ପକ୍ଷରୁ ଧାନର ଅଭାବି ବିକ୍ରି ରୋକିବା, ମଣ୍ଡି ସୁଦୃଢ଼ୀକରଣ, ଟୋକନ ସମସ୍ୟାର ସ୍ଥାୟୀ ସମାଧାନ କରାଯିବା ସହିତ ଚାଷୀର ସମସ୍ତ ବଳକା ଧାନକୁ ନିର୍ଦ୍ଧାରିତ ସମୟରେ ଉଚିତ୍ ମୂଲ୍ୟ ୩୧୬୯ ଟଙ୍କାରେ କ୍ରୟ କରା ନ ଯାଏ ସରକାର ଓ ପ୍ରଶାସନ ବିରୋଧରେ ରାଜ୍ୟବ୍ୟାପୀ କଂଗ୍ରେସ କୃଷକସେଲ୍ ପକ୍ଷରୁ ମଣ୍ଡି ଘେରଉ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି ।

ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ସାଧାରଣ ନିର୍ବାଚନରେ ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ଼ଗୁଣା ବୃଦ୍ଧି କରାଯିବା ସହିତ ଏମ୍‌ଏସ୍‌ପିକୁ ଆଇନଗତ ଗ୍ୟାରେଣ୍ଟି ଦିଆଯିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାରି ହୋଇଥିଲେ । ଇତିମଧ୍ୟରେ ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଗଲା ନାହିଁ, କିମ୍ବା ଏମ୍‌ଏସ୍‌ପିର ଆଇନଗତ ମାନ୍ୟତା ମିଳିଲା ନାହିଁ । ଫଳରେ ଚାଷୀ ଗୁରୁତର କ୍ଷତିର ସମ୍ମୁଖୀନ ହେଉଛନ୍ତି । ଆଗାମୀ ଦିନରେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ମହିଳା ହିଂସାକୁ ନେଇ ସରକାରଙ୍କୁ ଘେରିଲେ ବିରୋଧୀ

**୧୧ ମାସରେ ୨୯୩୩ ଦୁଷ୍କର୍ମ ମାମଲା ରୁଜୁ**

**ଗୋଟିଏ ବି ଘଟଣାରେ ସରକାର ନେଇନାହାନ୍ତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ**

**ଅଞ୍ଜନା, ଛବିରାଣୀଙ୍କ ପାଇଁ ଆଜି ଆମ ଦଳର ଏ ଦୁରବସ୍ଥା: କଂଗ୍ରେସ**

**ଆସନ୍ତାକାଲି ଆପଣମାନଙ୍କର ସମାନ ଅବସ୍ଥା ହେବନି ତ ?**

**ଦୋଷୀଙ୍କୁ ଦଣ୍ଡବିଧାନ ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି: ଶାସକ ଦଳ**

ଭୁବନେଶ୍ୱର,୨୮ ।୧୧(ସମିସ): ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ରାଜ୍ୟରେ ନାରୀ ସୁରକ୍ଷା ଏବେ କେବଳ ପ୍ରଚାରସର୍ବସ୍ୱ ପାଲଟିଥିବା ବେଳେ କୌଣସି ଗୋଟିଏ ବି ଘଟଣାରେ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି । ମାତ୍ର ୧୧ ମାସରେ ରାଜ୍ୟରେ ୨୯୩୩ ଦୁଷ୍କର୍ମ ମାମଲା ରୁଜୁ ହୋଇଛି । ଏପରିକି ବିଦେଶୀ ରାଷ୍ଟ୍ର ଓଡ଼ିଶାକୁ ଗସ୍ତ ବେଳେ ନିଜ ଦେଶର ନାଗରିକଙ୍କ ପାଇଁ ସତର୍କ ସୂଚନା ଜାରି କରୁଛନ୍ତି । ଗତ ୧୮ ମାସରେ ରାଜ୍ୟରେ ଯେପରି ମହିଳା ବିରୋଧୀ ହିଂସା ବଢ଼ିଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଛି । ମାଲକାନଗିରି ଜିଲ୍ଲା ବାଲିମେଲା ଏମଭି-୭୨ ଗ୍ରାମରେ ତିନି ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନ ଘଟଣାକୁ ନେଇ ଓଡ଼ିଶା ବିଧାନସଭାରେ ଶୁକ୍ରବାର ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ । ଅପରପକ୍ଷେ ଶାସକ ଦଳ ବିଧାୟକମାନେ ରାଜ୍ୟରେ ମହିଳା ବିରୋଧୀ ହିଂସାରେ ଦୋଷୀଙ୍କ ଦଣ୍ଡବିଧାନ ପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ମୁଲତବୀ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ଦଳ ନେତା ଅଶୋକ ଦାସ କହିଥିଲେ ଯେ ମାଲକାନଗିରି ଜିଲ୍ଲା ବାଲିମେଲା ଏମଭି-୭୨ ଗାଁ ରେ ୩ ଜଣ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଛି । ଏହା କେବଳ ଗୋଟିଏ ଘଟଣା ନୁହେଁ ଏହିଭଳି ରାଜ୍ୟରେ ବିଭିନ୍ନ ସ୍ଥାନରେ ନୀଳଗିରି, ସୋର, ବାଲେଶ୍ୱର, ଢେଙ୍କାନାଳ ଭଳି ସ୍ଥାନରେ ମହିଳାଙ୍କ ଉପରେ ଅତ୍ୟାଚାର ହୋଇଛି । ସରକାରୀ ତଥ୍ୟ ଅନୁସାରେ ୨୦୨୪ ଜୁନ ୨୪ ଠାରୁ ୨୦୨୫ ଜୁଲାଇ ମାସ ମଧ୍ୟରେ ୨,୯୩୩ ଦୁଷ୍କର୍ମ ମାମଲ୍ ପଞ୍ଜୀକୃତ ହୋଇଛି । ସେହିଭଳି ୮,୨୭୦ ଅପହରଣ ମାମଲା ପଞ୍ଜୀକୃତ ହୋଇଛି । ବିଜେପି ସରକାର ମହିଳାଙ୍କ ପ୍ରତି ଉଦାସୀନତା ମନୋଭାବ ପୋଷଣ କରୁଛନ୍ତି । ସେଥିପାଇଁ ଅପରାଧ ବଢ଼ି ଚାଲିଛି । ଅଞ୍ଜନା, ଛବିରାଣୀଙ୍କ ପାଇଁ ଆଜି ଆମର ଏ ଦୁରାବସ୍ଥା ହୋଇଛି । ଆସନ୍ତାକାଲି ଆପଣମାନଙ୍କର ସମାନ ଅବସ୍ଥା ହେବନି ତ ବୋଲି ସେ ପ୍ରଶ୍ନ କରିଥିଲେ । ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ବିଧାୟକ ମଙ୍ଗୁ ଖିଲ କହିଥିଲେ ଯେ ମାଲକାନଗିରି ଜିଲ୍ଲା ଉପରେ ସରକାରଙ୍କ କୋପ ଦୃଷ୍ଟି ରହିଛି । ବାରମ୍ବାର ଏହି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି । ନାବାଳିକା ଓ କଲେଜ ଛାତ୍ରୀ ଗର୍ଭବତୀ ହେବା ଘଟଣା ବାରମ୍ବାର ଘଟୁଛି । ଏଭଳି ଘଟଣା ସାରା ଓଡ଼ିଶାର ମୁଣ୍ଡ ନୁଆଇଁ ଦେଉଛି । ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଲେ ପୁନରାବୃତ୍ତି ହୁଅନ୍ତା ନାହିଁ । ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଏହି ପ୍ରସଙ୍ଗକୁ ସରକାର ହାଲୁକା ଭାବେ ନେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ତିନିଜଣ ଶିଶୁଙ୍କ ସହ ଯୌନ ଉତ୍ପୀଡ଼ନ ହୋଇଥିବା ବେଳେ ଏହାକୁ ସରକାର ଦୁର୍ବ୍ୟବହାର ବୋଲି କହୁଛନ୍ତି । ଯୌନ ଉତ୍ପୀଡ଼ନକୁ ଦୁର୍ବ୍ୟବହାର ବୋଲି କହିବା ପ୍ରମାଣିତ କରିଛି ସରକାର ମହିଳା ସୁରକ୍ଷା ଉପରେ କେତେ ଉଦାସୀନ ଅଛନ୍ତି । ସେ ଆହୁରି ମଧ୍ୟ କହିଥିଲେ ଯେ ପୁଲିସକୁ ଅପରାଧୀଙ୍କ ଡର ନାହିଁ । ଅପରାଧ ନିୟନ୍ତ୍ରଣ ଅପେକ୍ଷା ଭିଆଇପି ସୁରକ୍ଷାରେ ବେଶି ସମୟ ଦେଉଛି । ମାତ୍ରାଧିକ ରାଜନୈତିକ ଚାପ କାରଣରୁ ପୁଲିସର ମନୋବଳ ଭାଙ୍ଗିଗଲାଣି । ମହିଳା ସୁରକ୍ଷା ଏବେ ପ୍ରହସନରେ ପରିଣତ ହୋଇଛି । କେନ୍ଦୁଝରରୁ ମାଲକାନଗିରି ଯାଏ ସବୁଠୁ ନାବାଳିକାକୁ ଦୁଷ୍କର୍ମ କରି ଅପରାଧୀ ଏଯାଏ ଗିରଫ ହୋଇନାହିଁ । ଦିନକୁ ଦିନ ମହିଳା ନିର୍ଯାତନାର ବୃଦ୍ଧି ପାଇବା ଓଡ଼ିଶା ପାଇଁ ଲଜ୍ଜ୍ୟା ବୋଲି ସେ କହିଥିଲେ । ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ଦଳର ଅନ୍ୟତମ ବିଧାୟକ ଧ୍ରୁବଚରଣ ସାହୁ ଓ ସାରଦା ଜେନା ପ୍ରମୁଖ ରାଜ୍ୟରେ ମହିଳା ସୁରକ୍ଷାରେ ସରକାରଙ୍କ ଅପାରଗତାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ।

ଆଲୋଚନାରେ ଭାଗ ନେଇ ବିଜେପି ବିଧାୟକମାନେ ନିଜ ସରକାରଙ୍କୁ କ୍ଲିନଚିଟ ଦେଇଥିଲେ । ଶାସକ ଦଳ ବିଧାୟକ ନରସିଂହ ମାଡକାମି କହିଥିଲେ ଯେ ଦୋଷୀଙ୍କୁ ଦଣ୍ଡ ଦେବାକୁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି । ଅପରାଧ ଓ ଅପରାଧୀ ତଥା ମହିଳା ସୁରକ୍ଷା ପ୍ରତି ଶୂନ୍ୟ ସହନଶୀଳ ନୀତି ଜାରି ରହିଛି । ବିଧାୟିକା ସଞ୍ଜଳି ମୁର୍ମୁ ରାଜ୍ୟ ସରକାର ପୁଲିସିଂ ବ୍ୟବସ୍ଥାକୁ କିପରି ଶସକ୍ତ କରିଛନ୍ତି, ତାହା ନିଜ ବିବୃତିରେ ଉଲ୍ଲେଖ କରିଥିଲେ । ବିଧାୟକ ବାବୁ ସିଂ କହିଥିଲେ ଯେ ଆମ ସରକାର କୌଣସି ଅପରାଧ କିମ୍ବା ଅପରାଧୀଙ୍କୁ କେବେ ଘଣ୍ଟ ଘୋଡ଼ାଇ ନାହାନ୍ତି । ମାଲକାନଗିରି ଘଟଣାରେ ୨୪ ଘଣ୍ଟାରେ ଆସାମୀଙ୍କୁ ଗିରଫ କରାଯାଇଛି । ସେହିପରି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏନସିଆରବି ରିପୋର୍ଟରେ ରାଜ୍ୟରେ ମହିଳା ସମ୍ପର୍କିତ ହିଂସା କମିଥିବା ନେଇ ତଥ୍ୟ ଉପସ୍ଥାପନ କରିଥିଲେ ।

# ରାଜନୀତିକ କାରଣରୁ ମହିଳା ସୁରକ୍ଷିତ ନୁହନ୍ତି ବୋଲି କହୁଛନ୍ତି ବିରୋଧୀ: ମନ୍ତ୍ରୀ

**ମହିଳା ସୁରକ୍ଷା କ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି ସରକାର**

**୧୫ ମାସରେ ପ୍ରାୟ ୯୦୦୦ ପୁଲିସ, ଅଗ୍ନିକ ନିଯୁକ୍ତି ହେଲାଣି**

ଭୁବନେଶ୍ୱର, ୨୮ ।୧୧ (ସମିସ): କେବଳ ରାଜନୀତିକ କାରଣରୁ ରାଜ୍ୟରେ ମହିଳା ସୁରକ୍ଷିତ ନାହାନ୍ତି ବୋଲି ବିରୋଧୀ ଦଳ କହୁଛନ୍ତି । ଏପରି କହି ପରୋକ୍ଷରେ ମହିଳାମାନଙ୍କୁ ଅପମାନିତ କରିବା ଏବଂ ନିନ୍ଦିତ କରିବାରୁ ବିରୋଧୀ କ୍ଷାନ୍ତ ରୁହନ୍ତୁ । ସରକାର ସବୁବେଳେ ମହିଳା ସୁରକ୍ଷା କ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଶୁକ୍ରବାର କଂଗ୍ରେସ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଉତ୍ତର ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ ନୂଆ ସରକାର ଆସିବା ପରେ ରାଜ୍ୟରେ ଅପରାଧ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି । ଦୁଷ୍କର୍ମ ମାମଲା ୩.୩ ପ୍ରତିଶତ ହ୍ରାସ ପାଇଥିବା ବେଳେ ଯୌନ ନିର୍ଯାତନା ମାମଲା ସ୍ଥିର ରହିଛି । ଏସିଡ ଆକ୍ରମଣ ୬୬.୭ ପ୍ରତିଶତ ଏବଂ ଯୌତୁକ ଜନିତ ମାମଲା ୨୦.୬ ପ୍ରତିଶତ ହ୍ରାସ ପାଇଛି । ଅପରପକ୍ଷେ ପୂର୍ବ ସରକାରଙ୍କ ପାଖରେ ଆବଶ୍ୟକ ପୁଲିସ ନ ଥିଲେ; ପ୍ରାୟ ୧୬୦୦୦ ପଦବୀ ଖାଲି ପଡିଥିଲା । ତଦନ୍ତ ପାଇଁ ପୁଲିସ ପାଖରେ ଆବଶ୍ୟକ ଉପକରଣ ନ ଥିଲା । ମାତ୍ର ଆମ ସରକାରଙ୍କ ଗୋଟିଏ ଲକ୍ଷ୍ୟ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ସକ୍ଷମ ହେଉ । ସେଥିପାଇଁ ଗତ ୧୫ ମାସରେ ପ୍ରାୟ ୯୦୦୦ ପୁଲିସ, ଅଗ୍ନିକ ନିଯୁକ୍ତି ହେଲାଣି । ରାଜ୍ୟର ସମସ୍ତ ୬୪୯ ଥାନାରେ ମହିଳା ଓ ଶିଶୁ ଡେସ୍କ କାମ କରୁଛି । ୭୧ଟି ଶିଶୁ ଅନୁକୂଳ ଥାନା କାମ କରୁଛି । ୨୪ଟି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ କାମ କରୁଥିବା ବେଳେ ଏଥିରେ ଦୋଷୀ ଦଣ୍ଡ ବିଧାନକୁ ସରକାର ସୁନିଶ୍ଚିତ କରିଛନ୍ତି । ସେହିପରି ରାଜ୍ୟରେ ୪୫ଟି ଫାଷ୍ଟ ଟ୍ରାକ କୋର୍ଟ ମଧ୍ୟରୁ ୨୧ଟି ଖୋଲିବାକୁ ଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଦିଲ୍ଲୀ ପୁଲିସ ଗବେଷଣା ଓ ବିକାଶ ବ୍ୟୁରୋ ରାଜ୍ୟର ୫ଟି ମାମଲାକୁ ଉଲ୍ଲେଖନୀୟ ଘଟଣା ବୋଲି ଉଲ୍ଲେଖ କରିଛନ୍ତି, ଯାହା ଆମ ପାଇଁ ଗର୍ବର କଥା ବୋଲି ମନ୍ତ୍ରୀ ଗୃହରେ ନିଜ ଉତ୍ତରରେ କହିଥିଲେ । ସେହିପରି ମାଲକାନଗିରି ଘଟଣାରେ ୨୫ ତାରିଖରେ ମାମଲା ରୁଜୁ ହୋଇଥିବା ବେଳେ ୨୬ ତାରିଖରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ । ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିଜେଡି ଓ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ ।

# ସ୍କୁଲକୁ ଫେରିଛନ୍ତି ୬୦ ହଜାର ଡ୍ରପ୍-ଆଉଟ୍

**ଦିବ୍ୟାଙ୍ଗ ପାଇଁ ନିଯୁକ୍ତ ହେବେ ୧୫୦୦ ଶିକ୍ଷକ**

ଭୁବନେଶ୍ୱର,୨୮ ।୧୧(ସମିସ): ରାଜ୍ୟରେ ବିଭିନ୍ନ ସ୍କୁଲରେ ମୋଟ ୧ଲକ୍ଷ ୮୩ ହଜାର ୨୧୬ଛାତ୍ରଛାତ୍ରୀ ଡ୍ରପ-ଆଉଟ୍ ହୋଇଥିଲେ । ତନ୍ମଧ୍ୟରୁ ୬୦ ହଜାର ୭୨୯ଜଣ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ପୁଣି ସ୍କୁଲକୁ ଫେରାଇ ଆଣିଛନ୍ତି । ଡ୍ରପ-ଆଉଟ୍ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ପୁନଃ ନାମଲେଖା ପାଇଁ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଆଜି ବିଧାନସଭାରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି ।

ଶୁକ୍ରବାର ପ୍ରଶ୍ନକାଳରେ ଡ୍ରପ-ଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା ନେଇ ମୂଳ ପ୍ରଶ୍ନକର୍ତ୍ତାଙ୍କ ସହ ଅତିରିକ୍ତ ପ୍ରଶ୍ନକର୍ତ୍ତା ଏକାଧିକ ପ୍ରଶ୍ନ ପଚାରିଥିଲେ । ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଡ୍ରପ-ଆଉଟ୍ ରୋକିବା ପାଇଁ ରାଜ୍ୟବ୍ୟାପୀ ଚାଇଲ୍ଡ ଟ୍ରାକିଂ ସର୍ଭେ କରାଯାଇଛି । ଡ୍ରପ-ଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ଆସ ସ୍କୁଲ ଯିବା ପଦଯାତ୍ରା କରାଯାଉଛି । ସେହିପରି ସ୍କୁଲ ଛାଡ଼ିଥିବା ପିଲାଙ୍କ ଅଭିଭାବକଙ୍କ ସହ ମଧ୍ୟ ଆଲୋଚନା କରାଯାଉଛି । ସମସ୍ତ ସ୍କୁଲରେ ପ୍ରବେଶ ଉତ୍ସବ ଆୟୋଜନ କରାଯିବା ସହ ଅଭିଭାବକ-ଶିକ୍ଷକ ସଭାର ମଧ୍ୟ ଆୟୋଜନ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ପୂର୍ବରୁ ଅଷ୍ଟମ ଶ୍ରେଣୀ ଯାଏଁ ପିଏମ୍ ପୋଷଣ ଯୋଜନା ଦ୍ୱାରା ମଧ୍ୟାହ୍ନ ଭୋଜନ ଦିଆଯାଉଥିଲା । ଏବେ ସିଏମ୍ ପୋଷଣ ଯୋଜନା ଅଧୀନରେ ନବମ, ଦଶମର ପ୍ରାୟ ୧୦.୮୦ ଲକ୍ଷ ପିଲାଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି । ଅପରପକ୍ଷେ, ବିଭିନ୍ନ ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲାଙ୍କ ଶିକ୍ଷା ପାଇଁ ୧୫୦୦ଜଣ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ୨୦୨୪ ପୂର୍ବରୁ ରାଜ୍ୟରେ ପିଏମଶ୍ରୀ ସ୍କୁଲ ନଥିଲା । ପରେ ପ୍ରାଥମିକ ପର୍ଯ୍ୟାୟରେ କେନ୍ଦ୍ର ସରକାର ରାଜ୍ୟକୁ ୪୬୨ଟି ସ୍କୁଲ ଓଡ଼ିଶାକୁ ଦେଇଥିଲେ । ଏହାପରେ ରାଜ୍ୟ ସରକାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରିବା ପରେ ଅତିରିକ୍ତ ୩୦୦ ସ୍କୁଲ ଓଡ଼ିଶାକୁ ମିଳିଛି । ଏଠାରେ ପିଲାଙ୍କୁ ଅତ୍ୟାଧୁନିକ ଶିକ୍ଷା ମିଳିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି ।

# ୯୦ ଦିନରେ ଚାର୍ଜସିଟ୍ ଦାଖଲ ନ ହେଲେ ଅଭିଯୁକ୍ତ ଜାମିନ ପାଇଁ ହକଦାର: ହାଇକୋର୍ଟ

କଟକ, ୨୮ ।୧୧ (ସମିସ): ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଅନ୍ତର୍ଗତ ଧାରା ୧୮୭ (୩) (ଆଇ) ଅନୁସାରେ ଅଭିଯୁକ୍ତକୁ ଜାମିନ ପ୍ରଦାନ ପ୍ରସଙ୍ଗରେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଏହି ଧାରା ଅନୁସାରେ ୯୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାରେ ପୁଲିସ ବିଫଳ ହେଲେ ଅଭିଯୁକ୍ତ ଜାମିନରେ ଛାଡ଼ ପାଇବାକୁ ହକଦାର୍ ହେବେ । ପୂର୍ବରୁ ପ୍ରଚଳିତ ସିଆରପିସି ପ୍ରତ୍ୟାହାର କରାଯାଇଛି । ପୂର୍ବରୁ ରାଜ୍ୟରେ ଏହାର ସଂଶୋଧନ ଅନୁଯାୟୀ ଚାର୍ଜସିଟ୍ ଦାଖଲର ସମୟ ସୀମା ୯୦ ଦିନରୁ ୧୨୦ ଦିନକୁ ବୃଦ୍ଧି କରାଯାଇଥିଲେ ସୁଦ୍ଧା ଏହା ପ୍ରଭାବହୀନ ହୋଇଛି ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ବିକି କୁମାର ଓ ଅନ୍ୟଜଣଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ପ୍ରକାଶ, ଭାରତୀୟ ନ୍ୟାୟ ସଂହିତାର ଧାରା ଅନୁଯାୟୀ ଆବେଦନକାରୀଙ୍କୁ ଗତ ମେ' ୧୦ରେ ଏକ ସାଇବର ଅପରାଧ ମାମଲାରେ ଗିରଫ କରାଯାଇଥିଲା । ୯୦ଦିନର ହାଜତ ରହଣି ସମାପ୍ତ ହେବା ପରେ ଚାର୍ଜସିଟ୍ ଦାଖଲ କରାଯାଇନଥିଲା । ସେମାନେ ବିଏନ୍‌ଏନ୍‌ଏସ୍‌ର ଧାରା ୧୮୭ (୩) ଅନୁଯାୟୀ ଜାମିନରେ ମୁକ୍ତି ପାଇଁ ଆବେଦନ କରିଥିଲେ । ବାଲେଶ୍ୱରର ଏସଡିଜେଏମ ଅଦାଲତ କିନ୍ତୁ ଜାମିନ ଦେବାକୁ କରିବାକୁ ମନା କରିଦେଇଥିଲେ । ଓଡ଼ିଶା ସରକାର ଫୌଜଦାରୀ କାର୍ଯ୍ୟବିଧି ସଂହିତା (ଓଡ଼ିଶା ସଂଶୋଧନ) ଆଇନ ୧୯୯୭ର ଓଡ଼ିଶା ଆଇନ-୧୧ ପ୍ରଣୟନ କରି ସିଆରପିସିର ଧାରା ୧୬୭(୨)(କ)(ଆଇ) ସଂଶୋଧନ କରିଥିଲେ, ଯାହାଦ୍ୱାରା ଚାର୍ଜସିଟ ଦାଖଲ ପାଇଁ ୯୦ ଦିନର ସମୟସୀମାକୁ ୧୨୦ ଦିନ କରାଯାଇଥିଲା ।

# ୨୦୫୭ ଶିଳ୍ପ ସଂସ୍ଥା ବିରୋଧରେ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୨୮ ।୧୧(ସମିସ): ଶିଳ୍ପ ପ୍ରତିଷ୍ଠା ପାଇଁ ସଂସ୍ଥାମାନେ ସରକାରଙ୍କ ନିକଟରୁ ଜମି ନେଉଛନ୍ତି । ମାତ୍ର ଏହାପରେ ଉକ୍ତ ଜମି ଉପରେ ଶିଳ୍ପ ପ୍ରତିଷ୍ଠା କରୁ ନାହାନ୍ତି । ଶିଳ୍ପ ପାଇଁ ଜମି ନେଇ ଅଣ ଶିଳ୍ପଭାବେ ବ୍ୟବହାର କରାଯାଉଛି । ରାଜ୍ୟର ଏପରି ୨୦୫୭ ଶିଳ୍ପ ସଂସ୍ଥା ବିରୋଧରେ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସମ୍ପଦ ସ୍ୱାଇଁ ଗୃହରେ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୧୨୨ଟି ଶିଳ୍ପାଞ୍ଚଳରେ ୬୪୭୯ ଶିଳ୍ପ ସଂସ୍ଥାକୁ ସରକାର ୬୫୮୨ ଏକର ଜମି ଯୋଗାଇ ଦେଇଥିଲେ; ମାତ୍ର ଏଥିରୁ ୨୦୫୭ଟି ଶିଳ୍ପ ସଂସ୍ଥା ଜମି ନେଇ ଏହାକୁ ଅଣ ଶିଳ୍ପଭାବେ ବ୍ୟବହାର କରୁଛନ୍ତି । ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ କାରଣ ଦର୍ଶାଅ ନୋଟିସ ସହ ଜମି ଆବଣ୍ଟନ ରଦ୍ଦ କରାଯାଇଛି । ୩୫୮ଟି ଶିଳ୍ପ ସଂସ୍ଥା ବିରୋଧରେ ଉଚ୍ଛେଦ ନିର୍ଦ୍ଦେଶ ଦିଆଯିବା ସହ ୪୯୦ ଶିଳ୍ପ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି ।

# ରାଜ୍ୟର ସମସ୍ତ କଲେଜ ଜମି ଜବରଦଖଲ ମୁକ୍ତ ହେବ

ଭୁବନେଶ୍ୱର,୨୮ ।୧୧(ସମିସ): ରାଜ୍ୟର ସମସ୍ତ କଲେଜ ଜମିକୁ ଜବରଦଖଲ ମୁକ୍ତ କରାଯିବ । ଏଥିପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୃହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି ।

ପ୍ରଶ୍ନକାଳରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କ ତାରକା ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଭଦ୍ରକ ମହିଳା କଲେଜରେ ପୂର୍ବରୁ ରହିଥିବା ଅସାମାଜିକଙ୍କ ଦୌରାତ୍ମ୍ୟକୁ ଦମନ କରାଯାଇଛି । ଭଦ୍ରକ ସମେତ ରାଜ୍ୟର ବହୁ କଲେଜର ଜମି ଏବେବି ଜବରଦଖଲରେ ରହିଛି । ସବୁ କଲେଜ ଜମିକୁ ଜବରଦଖଲ ମୁକ୍ତ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

# ଭତ୍ତା ଅପେକ୍ଷାରେ ୭ ଲକ୍ଷରୁ ଅଧିକ ହିତାଧିକାରୀ

ଭୁବନେଶ୍ୱର,୨୮ ।୧୧(ସମିସ): ରାଜ୍ୟରେ ଭତ୍ତା ଅପେକ୍ଷାରେ ୭ ଲକ୍ଷରୁ ଅଧିକ ହିତାଧିକାରୀ ରହିଛନ୍ତି । ବିଧାନସଭାରେ ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପରୋକ୍ତ ସୂଚନା ଦେଇଛନ୍ତି । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ମଧୁବାବୁ ପେନସନ ଯୋଜନାରେ ୭ ଲକ୍ଷ ୧୧ ହଜାର ୧୨୩ ଜଣ ଭତ୍ତା ଅପେକ୍ଷାରେ ଅଛନ୍ତି । ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ୧୭,୬୦୬ ହିତାଧିକାରୀ ଭତ୍ତା ଅପେକ୍ଷାରେ ରହିଛନ୍ତି । ମୋଟ ୫୬ ଲକ୍ଷ ୧୮ ହଜାର ୩୩୬ ହିତାଧିକାରୀ ବିଭିନ୍ନ ଯୋଜନାରେ ଭତ୍ତା ପାଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

# ଇଟାରେ ଛେଚି ଯୁବକଙ୍କୁ ନିର୍ମମ ହତ୍ୟା

କୁଆମରା, ୨୮ ।୧୧(ସମିସ): ଯୁବକଙ୍କୁ ଇଟାରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରିବା ପରେ ରାସ୍ତାକଡ଼ରେ ଫିଙ୍ଗିଦେଲେ । ଗୁରୁବାର ରାତିରେ ଖୁଣ୍ଟା ଥାନା ଅନ୍ତର୍ଗତ ବଡ଼ଖୁଣ୍ଟା ଅଞ୍ଚଳରେ ଏପରି ଏକ ହତ୍ୟାକାଣ୍ଡ ଘଟିଛି । ମୃତ ଯୁବକଜଣଙ୍କ ହେଲେ, ସାନଖୁଣ୍ଟା ପଞ୍ଚାୟତ ଖପରାପାଳ ଗ୍ରାମର ଗଣେଶ ହେମ୍ବ୍ରମ (୩୫) । ଗ୍ରାମବାସୀଙ୍କଠାରୁ ଖବର ପାଇ ପୁଲିସ୍ ଆଜି ଖୁଣ୍ଟା-ବାଲଡ଼ିଆ ରାସ୍ତାକଡ଼ରୁ ତାଙ୍କ ଶବ ଜବତ କରିଛି । ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟାମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି । ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଖୁଣ୍ଟା ଥାନା ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି । ଗଣେଶ ଗୁରୁବାର ଅପରାହ୍ଣରେ ଖୁଣ୍ଟା ସାପ୍ତାହିକ ହାଟକୁ ଆସିଥିଲେ । ସେଠାରେ ବେପାର କରିସାରିବା ପରେ ଟଙ୍କା ଦେଣନେଣକୁ ନେଇ ଜଣେ ଯୁବକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା । ଗଣେଶ ହାଟରୁ ଘରକୁ ଫେରୁଥିବା ବେଳେ ପୁଣି ରାସ୍ତା ମଝିରେ ଦୁହିଁଙ୍କର ଗଣ୍ଡଗୋଳ ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକଜଣଙ୍କ ନିକଟରେ ପଡ଼ିଥିବା ଏକ ଇଟାରେ ଗଣେଶଙ୍କ ମୁଣ୍ଡକୁ ଛେଚି ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ପରେ ଦୁର୍ବୃତ୍ତଜଣଙ୍କ ତାଙ୍କ ଶବକୁ ରାସ୍ତାକଡ଼ରେ ପକାଇ ଫେରାର୍ ହୋଇଯାଇଥିଲା । ଆଜି ସକାଳେ କିଛି ସ୍ଥାନୀୟ ଲୋକେ ଗଣେଶଙ୍କ ଶବ ଦେଖି ପୁଲିସକୁ ଖବର ଦେଇଥିଲେ । ସାଇଣ୍ଟିଫିକ୍ ଟିମ୍ ସହ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଉଦଳା ଉପଖଣ୍ଡ ପୁଲିସ ଅଧିକାରୀ ହୃଷୀକେଶ ନାୟକ ଓ ଖୁଣ୍ଟା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା ।

**ଚାଙ୍ଗଡ଼ା ଘର ନିକଟରେ ବାନ୍ତି**

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୨୮ ।୧୧(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ । ଚାଙ୍ଗଡ଼ା ଘର ନିକଟରେ ବାନ୍ତି ପଡ଼ିଥିବାରୁ ଏହି ମହାସ୍ନାନ କରାଯାଇଛି । ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି । ଶୁକ୍ରବାର ସକାଳ ୬ଟା ୧୦ରେ ଦ୍ୱାର ଫିଟିଥିଲା । ୬ଟା ୫୦ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା । ସକାଳ ୮ଟା ୫ରେ ଅବକାଶ ପୂଜା ସରିବା ପରେ ଭିତରକାଠ ଦର୍ଶନ ଚାଲିଥିଲା । ଏହି ସମୟରେ ଚାଙ୍ଗଡ଼ା ଘର ନିକଟରେ ଜଣେ ଭକ୍ତ ବାନ୍ତି କରିଥିବା ଦେଖିବାକୁ ମିଳିଥିଲା । ଏହାପରେ ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା । ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା । ସକାଳ ୯ଟା ୧୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ । ୯ଟା ୨୦ରେ ମହାସ୍ନାନ ବଢ଼ିବା ପରେ ପୁନଶ୍ଚ ଯେଉଁଠାରେ ନୀତି ଅଟକିଥିଲା, ସେହିଠାରୁ ଆରମ୍ଭ ହୋଇଥିଲା । ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା । ଏଥିଲାଗି ପ୍ରାୟ ଦେଢ଼ଘଣ୍ଟା ନୀତିକାନ୍ତି ବିଳମ୍ବ ହୋଇଥିଲା ।

# ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବୃତ୍ତି ବନ୍ଦ !

**ବୃତ୍ତି ପାଇଁ ଫର୍ମ ଆବେଦନ ଖାରଜ**

**ଗୃହରେ ଉଦ୍‌ବେଗ ପ୍ରକାଶ କଲେ ଗୌତମବୁଦ୍ଧ**

**ବିଭାଗୀୟ ମନ୍ତ୍ରୀ ଗୃହରେ ତଥ୍ୟ ରଖିବାକୁ ଦାବି**

ଭୁବନେଶ୍ୱର, ୨୮ ।୧୧(ସମିସ): ରାଜ୍ୟରେ ଆଦର୍ଶ ବିଦ୍ୟାଳୟରେ ବୃତ୍ତି ପରୀକ୍ଷା ପାଇଁ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ଏହାକୁ ନାକଚ କରି ଦିଆଯାଇଛି । ଫଳରେ ଗରିବ ପିଲାମାନେ ଚଳିତବର୍ଷ ବୃତ୍ତି ପାଇବାରୁ ବଞ୍ଚିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ସରକାର ଏହାକୁ ଗୁରୁତ୍ୱର ସହ ନିଅନ୍ତୁ । ପରୀକ୍ଷା ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଗୃହରେ ତଥ୍ୟ ରଖନ୍ତୁ ବୋଲି ଆଜି ଶୂନ୍ୟକାଳରେ ଦାବି କରିଛନ୍ତି ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ।

ଶ୍ରୀ ଦାସ କହିଥିଲେ ଯେ ରାଜ୍ୟର ସମସ୍ତ ୩୧୬ ଆଦର୍ଶ ବିଦ୍ୟାଳୟରେ ପ୍ରାୟ ୧.୭୦ଲକ୍ଷ ପିଲା ପାଠ ପଢୁଛନ୍ତି । ଯେପରି ଦୁର୍ଭାଗ୍ୟଜନକ ଭାବେ ଅନ୍ୱେଷା ଯୋଜନା ବନ୍ଦ ହୋଇଯାଇଛି, ସେମିତି ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ବୃତ୍ତି ପାଇଁ ସରକାର ବାଟ ବନ୍ଦ କରିଦେଇଛନ୍ତି । ଶ୍ରୀ ଦାସ କହିଥିଲେ ଯେ କେନ୍ଦ୍ର ସରକାରଙ୍କ 'ଜାତୀୟ ମିନ୍‌ସ କମ୍ ମେରିଟ ସ୍କଲାରସିପ୍' ଯୋଜନାରେ ଅଢ଼େଇ ଲକ୍ଷ ଟଙ୍କା ମଧ୍ୟରେ ଆୟ ଥିବା ପରିବାରର ବିଦ୍ୟାର୍ଥୀଙ୍କୁ ବାର୍ଷିକ ୧୨ହଜାର ଟଙ୍କାର ବୃତ୍ତି ମିଳିଥାଏ । ବୃତ୍ତି ପାଇଁ ଏକ ପରୀକ୍ଷା ହେଉଥିବା ବେଳେ ଏହାକୁ ବନ୍ଦ କରାଯାଇଛି ।

ସେ କହିଛନ୍ତି ଯେ ଆଦର୍ଶ ବିଦ୍ୟାଳୟରେ ନବମରୁ ଦ୍ୱାଦଶ ପିଲାମାନଙ୍କ ବୃତ୍ତି ପାଇଁ ପ୍ରତ୍ୟେକ ସେପ୍ଟେମ୍ବରରେ ଫର୍ମପୂରଣ ହୋଇଥାଏ । ଏହି ପରୀକ୍ଷା ନଭେମ୍ବରରେ ଅନୁଷ୍ଠିତ ହୁଏ । ଚଳିତବର୍ଷ ପିଲା ମଧ୍ୟ ଏହି ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ । ମାତ୍ର ସମସ୍ତ ଫର୍ମକୁ ନାକଚ କରି ଦିଆଯାଇଛି । ଫଳରେ ପ୍ରାୟ ୫୦ ହଜାର ପିଲା ପରୀକ୍ଷାରୁ ବଞ୍ଚିତ ହେବାକୁ ଯାଉଛନ୍ତି । ମନ୍ତ୍ରୀ ଏନେଇ ଗୃହରେ ସ୍ପଷ୍ଟୋକ୍ତି ରଖନ୍ତୁ । ପିଲାଙ୍କ ଭବିଷ୍ୟତ ସହ ନଖେଳି ସରକାର ଏ ସଂକ୍ରାନ୍ତରେ ତୁରନ୍ତ ନିଷ୍ପତ୍ତି ନିଅନ୍ତୁ ବୋଲି ସେ କହିଛନ୍ତି ।

## ରାସ୍ତାକାମରେ ବ୍ୟାପକ ଅନିୟମିତତା / ତଦନ୍ତ ପାଇଁ ସ୍ଥାନୀୟ ଲୋକଙ୍କ ଦାବି

ପ୍ରୀତିପୁର,୨୮।୧୧(ସମିସ)

ବିଞ୍ଝାରପୁର ପୂର୍ତ୍ତ ଉପବିଭାଗ ସମ୍ପ୍ରତି ମୁରବୀ ବିହୀନ ହୋଇ ପଡିଥିବା ବେଳେ କୋଟି କୋଟି ଟଙ୍କାର କାମ ଠିକାଦାରଙ୍କ ମର୍ଜିରେ ହେଉଛି। ଫଳରେ ବିଭାଗୀୟ ଜେଇଙ୍କୁ ହାତରେ ରଖି ଠିକାଦାରମାନେ ଅଧିକ ରନିଂ ବିଲ୍ ଉଠାଇ ନେଇ କାମ ଛାଡି ଫେରାର ହୋଇଯାଉଛନ୍ତି ବୋଲି ବାରମ୍ବାର ସାଧାରଣରେ ଅଭିଯୋଗ ହେଉଛି। ଏଷ୍ଟିମେଣ୍ଟ ହୋଇଥିବା ରାସ୍ତା କାମକୁ ଠିକାଦାର ପୂରା ନକରି କାମ ବନ୍ଦ କରି ଯନ୍ତ୍ରପାତି ସହିତ ଜାଗା ଛାଡ଼ ଚାଲି ଯାଉଥିବାରୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ହଜାର ହଜାର ଲୋକଙ୍କର ଗମନାଗମନ ସମସ୍ୟା ଉତ୍କଟ ହେଉଛି। ଏହି ପରି ଏକ ଘଟଣା ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକର ଉତ୍ତଙ୍ଗରା ଅଞ୍ଚଳରେ।

ପ୍ରକାଶ ଯେ ଉତ୍ତଙ୍ଗରା-ରଘନାଥପୁର ଭାୟା ଚିକଣା ପୂର୍ତ୍ତ ରାସ୍ତାଟି ନିର୍ମାଣ ନିମନ୍ତେ ୨୦୨୩ ମସିହାରେ ୧୬କୋଟି ଟଙ୍କାର ଏକ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟଟି ୨୦୨୪-୨୫ ମସିହାରେ ସରିଯିବା କଥା। ମାତ୍ର ଏହି ପ୍ରକଳ୍ପଟି ଅଧପନ୍ତାରିଆ କରି ଚୁପଚାପ ବସିଯାଇଛନ୍ତି ଠିକାଦାର। ଏହି ରାସ୍ତାଟି ଦଶରଥପୁର ଓ ଯାଜପୁର ବ୍ଲକ ସହିତ ବିଞ୍ଝାରପୁର ବ୍ଲକର ସଂଯୋଗୀକରଣର ଏକ ପ୍ରମୁଖ ରାସ୍ତା। ଏହାଛଡା ଆଖପାଖର ପ୍ରାୟ ୧୦ଟି ପଞ୍ଚାୟତର ନିତ୍ୟ ବ୍ୟବହାର ହେଉଥିବା ଏକ ବ୍ୟସ୍ତ ବହୁଳ ରସ୍ତା। ଏହାକୁ ଆର୍‌ଡି ବିଭାଗ ହାତରୁ ଛଡ଼ା ଯାଇ ପୂର୍ତ୍ତ ବିଭାଗକୁ ଅଧିକ ସୁବିଧା ପାଇଁ ହସ୍ତାନ୍ତର କରାଯାଇଥିଲା। ଫଳରେ ରାସ୍ତା ଚଉଡ଼ା ଓ ଅଧିକ ମଜବୁତ ହେବାର ଆଶା ରଖା ଯାଇଥିଲା। ତେବେ କଥିତ ପ୍ରକଳ୍ପର କାର୍ଯ୍ୟାରମ୍ଭ ପରେ ସମ୍ପୃକ୍ତ ଠିକାଦାର ପିଚୁ, ଗାର୍ଡ ୱାଲ, ଡ୍ରେନେଇ ଭଳି କିଛି କାମ କରିଥିଲେ। କିନ୍ତୁ କରାଯାଇଥିବା କାର୍ଯ୍ୟର ମାନକୁ ନେଇ ସ୍ଥନୀୟ ଲୋକେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି କାମରେ ବ୍ୟବହାର



କରାଯାଇଥିବା ନିର୍ମାଣ ସାମଗ୍ରୀ ଅତି ନିମ୍ନମାନର। ଏହା ସହିତ ନିର୍ମାଣ ମଧ୍ୟ ନିମ୍ନମାନର ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ମାନଙ୍କ ତରଫରୁ ସମାଜସେବୀ ଦର୍ପନାରାୟଣ ଦାସ କହଛନ୍ତି ଯେ ରାସ୍ତା ଚଉଡ଼ା ପାଇଁ ଗାର୍ଡ ୱାଲ ହେଲା; ମାତ୍ର ଫିଲିଂ କାମ ହାଲାନାହିଁ। ଉତଙ୍ଗରା ବଜାର, ସ୍କୁଲ, ବ୍ୟାଙ୍କ, ହାଟ, ଡାକ୍ତରଖାନା ଆଦି ଜନାଗହଳି ରାସ୍ତା କାମ ଆଦୌ ହେଲାନାହିଁ। ସୁବିଧା ସ୍ଥାନରେ କାମ କରିଦେଇ ମୋଟା ଅଙ୍କରେ ରନିଂ ବିଲ୍ ହାତେଇ ନେଇଛନ୍ତି ଠିକାଦାର। ରାସ୍ତା କାମ ସମ୍ପୂର୍ଣ୍ଣ କରିବା ମତଲବରେ ଆଉ ଠିକାଦାର ନଥିବା କୁହାଯାଇଛି। ଏହିମର୍ମରେ ସ୍ଥାନୀୟ ଜନସାଧାରଣ ଯାଜପୁର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହିତ ସରକାରୀ ଅର୍ଥର ଅପବ୍ୟୟ ତଥା ଦୁର୍ନୀତିର ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା ପ୍ରକାଶ।

ସୂଚନା ଯୋଗ୍ୟଯେ ଦୀର୍ଘଦିନ ଧରି ବିଞ୍ଝାରପୁର ପୂର୍ତ୍ତ ଉପବିଭାଗରେ ଉପନିର୍ବାହୀ ଯନ୍ତ୍ରୀ ପଦବୀରେ କୌଣସି ଅଧିକାରୀ ନାହାନ୍ତି। ଯାହାଫଳରେ ପ୍ରକଳ୍ପ ଗୁଡିକର କାମ ଅଧପନ୍ତାରିଆ ଅବସ୍ଥାରେ ପଡି ରହିଲେ ମଧ ଦାୟିତ୍ୱରେ ଥିବା ଜେଇ ଠିକାଦାର ମାନଙ୍କଠାରୁ କାମ ଆଦାୟ କରିବାରେ ବ୍ୟର୍ଥ ହେଉଛନ୍ତି। ଏ ସମ୍ପର୍କରେ ବିଞ୍ଝରପୁର ପୂର୍ତ୍ତ ଉପବିଭାଗର କାର୍ଯ୍ୟରତ ଜେଇ ଇଂ.ଧୀରେନ୍ ନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ ରାସ୍ତାଟିର ନିର୍ମାଣ ବେଳେ ଆଇନଗତ ସମସ୍ୟା ଦେଖା ଦେଇଥିବା ସ୍ଥାନର ନିର୍ମାଣ କାର୍ଯ୍ୟ ହୋଇନାହିଁ। ଉତ୍ତଙ୍ଗରା ବଜାରର ସରକାରୀ ଜାଗା ବାହାରିବା ପରେ ଏହାର କାମ କରାଯିବ। ଅନ୍ୟଥା ଗୋଟିଏ କିମି ରାସ୍ତା ନିର୍ମାଣ ପାଇଁ ଠିକାଦାର ଏତେ ସବୁ ଯନ୍ତ୍ରପାତି, ଗାଡି ଘୋଡ଼ା ଆଣିବକି ବୋଲି ଓଲଟା ପ୍ରଶ୍ନ କରିଥିଲେ। ତେବେ ଉତ୍ତଙ୍ଗରା-ରଘନାଥପୁର ଭାୟା ଚିକଣା ପୂର୍ତ୍ତ ରାସ୍ତାଟିର ସମ୍ପୂର୍ଣ୍ଣ ନିର୍ମାଣ ନିମନ୍ତେ ଜନ ଆନ୍ଦୋଳନ ଦାନା ବାନ୍ଧୁଥିବା ଜଣାଯାଇଛି।

## କୁମାରୀ ଗ୍ରାମରେ କୁରାଳ ପଞ୍ଚମୀ ପୂଜା



ଧର୍ମଶାଳା,୨୮।୧୧(ସମିସ): ଧର୍ମଶାଳା ବ୍ଲକ କୁମାରୀ ଗ୍ରାମରେ କୁମ୍ଭକାରମାନଙ୍କର ପ୍ରମୁଖ ପର୍ବ କୁରାଳ ପଞ୍ଚମୀ ପୂଜା ମହାଆଡମ୍ବର ସହକାରେ ପାଳିତ ହେଉଛି। ଏହି ପର୍ବରେ କୁମ୍ଭକାରମାନେ ସେମାନଙ୍କ ମାଟିହାଣ୍ଡି ଗଢ଼ା କାର୍ଯ୍ୟ ବନ୍ଦ କରି ଉତ୍ସବକୁ ପାଳନ କରିଥାନ୍ତି। ମଙ୍ଗଳବାର ସକାଳୁ କୁରାଳ ପଞ୍ଚମୀ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଗ୍ରାମ ପୋଖରୀରୁ କଳସରେ ଜଳ ଆଣାଯାଇ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତୀକୁ ମଣ୍ଡପରେ ସ୍ଥାପନ କରାଯାଇ ପୂଜାକାର୍ଯ୍ୟ କରାଯାଇଛି। ପୂଜକ ପଣ୍ଡିତ ବିଭୁପ୍ରସାଦ ପଣ୍ଡା ଓ ସ୍ୱରୁପ କୁମାର ଦାଶ ପୂଜାର୍ଚ୍ଚନା କରୁଥିବା ବେଳେ କର୍ତ୍ତାଭାବେ ଲକ୍ଷ୍ମଣ ରଣା ଓ କର୍ତ୍ତୀ ଭାବେ ଗୀତାଞ୍ଜଳି ରଣା ସଂକଳ୍ପ ଆସନରେ ବସିଥିଲେ। ରବୀନ୍ଦ୍ର ସାହୁ, ଭରତ ସାହୁ, ଜଗନ ରଣା, ଗଗନ ରଣା, ଅକ୍ଷୟ କୁମାର ବେହେରା, ଅଶୋକ ରଣା, ଗୋକୁଳ ବେହେରା, ଆକୁଳ ବେହେରା, ଚରଣୀ ବେହେରା, ଇନ୍ଦ୍ରମଣୀ ବେହେରା, ଶିବ ବେହେରା, ଅର୍ଜୁନ ବେହେରା, ସୁଶାନ୍ତ ବେହେରା, ପବିତ୍ର ବେହେରା, ପ୍ରଶାନ୍ତ ବେହେରା, ପ୍ରଭାତ ବେହେରା, ନୀଳମଣୀ ବେହେରା, ଚନ୍ଦ୍ରମଣୀ ବେହେରା, ନିରଞ୍ଜନ ବେହେରା, ଗିରିଧାରୀ ବେହେରା, ଅଜୟ ବେହେରା, ଲକ୍ଷ୍ମୀଧର ବେହେରା, ପଦ୍ମନାଭ ରଣା, ନିତ୍ୟାନନ୍ଦ ରଣା, ଗୁରୁଚରଣ ବେହେରା, ରାଇଚରଣ ବେହେରା, ନକୁଳ ରଣା, ମହେନ୍ଦ୍ର ବେହେରା ଉପସ୍ଥିତ ରହି ପୂଜାକର୍ମ କରିଥିଲେ। ପ୍ରଥମ ଦିବସରେ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ମଣ୍ଡପ ସମ୍ମୁଖରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ଠାକୁରଙ୍କୁ ଦର୍ଶନ କରିବା ସହ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି। ଆସନ୍ତାକାଲି ଠାକୁରଙ୍କୁ ବିସର୍ଜନ କରାଯିବା ସହ ସନ୍ଧ୍ୟାରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।।

## କ୍ରୀଡ଼ା ଶିକ୍ଷକଙ୍କ ପରଲୋକ



ଧର୍ମଶାଳା,୨୮।୧୧(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ଅଞ୍ଚଳର ସୁନାମଧନ୍ୟ କ୍ରୀଡ଼ା ଶିକ୍ଷକ ସୁବୋଧ ସାମଲ (୬୭) ଙ୍କର ଗତକାଲି ରାତିରେ ପରଲୋକ ଘଟିଛି। ସେ କିଛିଦିନ ହେବ ହୃଦ୍ ରୋଗରେ ପୀଡ଼ିତ ଥିଲେ। ୬୭ ବର୍ଷ ବୟସରେ ନିଜସ୍ୱ ବାସଭବନ ଭଗବାନପୁର ଠାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟ ଖବର ପାଇ ଶିକ୍ଷାବିତ୍ ନିର୍ମଳ ଚନ୍ଦ୍ର ରାୟ, ପ୍ରଫୁଲ କୁମାର ସ୍ୱାଇଁ, ବସନ୍ତ କୁମାର ଶତପଥୀ, ମାଗୁଣି ଚରଣ ପୃଷ୍ଟି, ଅଜୟ କୁମାର ପଟ୍ଟନାୟକ, ବ୍ରଜକିଶୋର ଦାଶ, ରସାନନ୍ଦ ମଲ୍ଲ, କୁଳମଣି ନାୟକ, ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ନିଜ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର ପୁଅ ଶୁଭାଶିଷ ମୁଖାଗ୍ନି ଦେଇଥିଲେ।

## ଇନଡୋର ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ



ଯାଜପୁର,୨୮।୧୧(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦୁଇଟି ସ୍ଥାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଲୋକ ନୃତ୍ୟ, ଲୋକ ଗୀତ, ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ ଇତ୍ୟାଦି ବିଭାଗ ଗୁଡ଼ିକରେ ପ୍ରତିଯୋଗିତା ସମ୍ପନ୍ନ ହୋଇଅଛି। ଏହି ଯୁବ ଉତ୍ସବରେ ଜିଲ୍ଲାର ୧୫ରୁ ୨୯ ବର୍ଷୀୟ ଯୁବକ ଯୁବତୀମାନେ ଅଂଶ ଗ୍ରହଣ କରିଥିଲେ। ଦିବା ୧୧ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ, ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଯୁବ ଉତ୍ସବ ଉଦଘାଟିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଉଦଯାପନୀ ସମାରୋହ ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଉଦଯାପନୀ ସମାରୋହରେ ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଜିର ଯୁବପିଢ଼ିଙ୍କୁ କାର୍ଯ୍ୟରେ ସ୍ଥିରତା ଓ ଶୃଙ୍ଖଳା ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଆଜିର ଯୁବଶକ୍ତି ଦକ୍ଷତା ଓ ନିରନ୍ତର ପ୍ରୟାସ ଏବଂ ଦୃଢ଼ ଲକ୍ଷ୍ୟ ରଖି କାର୍ଯ୍ୟ କଲେ କୌଣସି କାର୍ଯ୍ୟ ତାଙ୍କ ପାଇଁ ଅସମ୍ଭବ ହେବା ନାହିଁ ବୋଲି ନିଜର ବକ୍ତବ୍ୟରେ କହିଥିଲେ। ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହିତ ସମସ୍ତ ଉପସ୍ଥିତ ପ୍ରତିଯୋଗୀ ମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ର ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବିଜେତା ହୋଇଥିବା ୧୪ ଗୋଟି ଏକକ ପ୍ରତିଯୋଗୀ ଓ ୪ ଗୋଟି ସାଂସ୍କୃତିକ ଦଳ ଜିଲ୍ଲାରୁ ମନୋନୀତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିର ମୋହନ ଟୁଡୁ ଉତ୍ସବ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ବିଚାରକ ମଣ୍ଡଳୀ, ଶିକ୍ଷକ ଶିକ୍ଷୟତ୍ରୀ ସହାୟତା କରିଥିଲେ।

## ଦକ୍ଷତା ବିକାଶ କାର୍ଯ୍ୟକ୍ରମ
## ଅନୁସୂଚିତ ଜାତି ବର୍ଗର ପ୍ରାର୍ଥୀଙ୍କ କାଉନସେଲିଂ



ଯାଜପୁର,୨୮।୧୧(ସମିସ): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା ଅନ୍ତର୍ଗତ ଦକ୍ଷତା ବିକାଶ ଏବଂ ନିଯୁକ୍ତି ମେଳା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥି ରୂପେ ଯୋଗ ଦେବା ସହ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାର୍ଥୀମାନଙ୍କୁ ଅବଗତ କରିଥିଲେ ଏବଂ ଏହାର ଲାଭ ନେବାକୁ ପରାମର୍ଶ ଦେଇଥିଲେ। ଏଥିରେ ସରକାରଙ୍କ ଦ୍ୱାରା ମନୋନୀତ ୯ ଜଣ ପିଆଇଏଙ୍କ ଦ୍ୱାରା ୨୧୦ ଜଣ ଅନୁସୂଚିତ ଜାତି ବର୍ଗର ପ୍ରାର୍ଥୀଙ୍କ କାଉନସେଲିଂ କରାଯାଇଥିଲା। ପ୍ରାର୍ଥୀମାନେ ବିଭିନ୍ନ ଟ୍ରେଡ୍ ଏବଂ ଯୋଜନାରେ ସେମାନଙ୍କ ନାମ ଲେଖାଇବା ସହ କାର୍ଯ୍ୟକ୍ରମକୁ ନେଇ ଉତ୍ସାହିତ ଥିଲେ। ସମ୍ମାନିତ ଅତିଥି ଭାବେ ଓଏସଏଫଡିସିର ମୁଖ୍ୟ ପରିଚାଳକ ଏବଂ ଏନସି ମହାବିଦ୍ୟାଳୟର ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଜିଲ୍ଲା ନିୟୋଜନ ଅଧିକାରୀଙ୍କ ସହ ଜିଲ୍ଲା ପ୍ରଶାସନର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରକାରୀ ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ
## ଇ-ଟ୍ରାଇସାଇକଲ୍ ପାଇଁ ପ୍ରଶାସନକୁ ଗୁହାରି

କବାଟବନ୍ଧ,୨୮।୧୧(ସମିସ): ଭିନ୍ନକ୍ଷମ ଓ ଦିବ୍ୟାଙ୍ଗଙ୍କ ପାଇଁ ବିଭିନ୍ନ ଯୋଜନା ସରକାର ପ୍ରଣୟନ କରିଥିଲା ବେଳେ ଅନେକ ସ୍ଥାନରେ ସହାୟତା ପାଇବାରେ ବଞ୍ଚିତ ହେଉଛନ୍ତି ପ୍ରକୃତ ହିତାଧିକାରୀ। ଏହି ପରି ଧର୍ମଶାଳା ବ୍ଲକ ପ୍ରଶାସନର ଅବହେଳା ପାଇଁ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ଜଣେ ଦିବ୍ୟାଙ୍ଗ ହେଲେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ଦଇପୁର ଗ୍ରାମର ସ୍ୱର୍ଗତ ଶ୍ରୀଧର ସାହୁଙ୍କ ପୁଅ ରମେଶ ଚନ୍ଦ୍ର ସାହୁ (୫୩)। ସେ ଏକ ବିଦ୍ୟୁତ୍ ଚାଳିତ ତିନିଚକିଆ ସାଇକଲ ପାଇଁ ସ୍ଥାନୀୟ ଜନ ପ୍ରତିନିଧି ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିବା ପରେ ବି ଏଯାଏଁ ବିଦ୍ୟୁତ୍ ଚାଳିତ ଟ୍ରାଇସାଇକଲ୍ ପାଇବାରୁ ବଞ୍ଚିତ ଅଛନ୍ତି ଓ ସୂଚନା ଅନୁଯାୟୀ ରମେଶଙ୍କୁ ଯେତେବେଳେ ୨୨ ବର୍ଷ ବୟସ ହୋଇଥିଲା ସେତେବେଳ ଠାରୁ ଡାହାଣ ପାଶ୍ୱର୍ ଅଙ୍ଗ ସ୍ନାୟୁ ଅଚଳ ହେବା ସହିତ ଦୀର୍ଘ ୩୧ ବର୍ଷ ଧରି ଶାରୀରିକ ଭିନ୍ନକ୍ଷମ ହୋଇ ଘରେ ଚିକିତ୍ସିତ



ହୋଇଆସୁଛନ୍ତି। ଯାହା ଫଳରେ ଆଶା ବାଡି ସାହାରାରେ ଚାଲିବା କଷ୍ଟ ହୋଇପଡୁଛି। ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରୁଥିବା ବେଳେ ନିଜେ ଚାଲିବା ସମ୍ଭବପର ହେଉନାହିଁ । ସେ ୫୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇ ସରକାରୀ ସହାୟତାରେ ଭିନ୍ନକ୍ଷମ ଭତ୍ତା ମଧ ପାଉଛନ୍ତି। ଅଭାବ ଅସୁବିଧା କହିଲେ ପରିବାର ଯନ୍ତ୍ରଣା ସାଙ୍ଗକୁ ନିଜେ ଚଳିବା ପାଇଁ ବ୍ୟବସାୟି କରି ଆଖପାଖ ବଜାର, ଗାଁ, ଛକରେ ବେପାର କରି ଯାହା ଅର୍ଥ ଉପାର୍ଜନ କରନ୍ତି; ତାକୁ ନେଇ ପରିବାର ଦୁଃଖ କଷ୍ଟରେ ଚଳୁଛନ୍ତି ଓ ରମେଶ ଭିନ୍ନକ୍ଷମ ହୋଇଥିବାରୁ ଡାହାଣ ପାଶ୍ୱର୍ର ଅଙ୍ଗର ସ୍ନାୟୁ ଅଚଳ ହେବା ସହିତ ଧିରେଧିରେ ରୋଗ ବଢି ଶରୀର ସମ୍ପୂର୍ଣ୍ଣ ଅଙ୍ଗ ଅଚଳ ହୋଇଯାଇଛି। ଯାହା ଫଳରେ ଠିଆ ହେବା କଷ୍ଟ ହେଇପଡୁଛି। ତା'ସାଙ୍ଗକୁ ଗୋଡ଼ରେ ସଠିକ ଭାବରେ ଚାଲିବା ଅସମ୍ଭବ ହୋଇପଡୁଛି। ସେ ଯିବା ଆସିବା ପାଇଁ ଅନ୍ୟର ସାହାରା ଲୋଡୁଥିବା ବେଳେ ତାଙ୍କ ପାଇଁ ଏକ ତିନିଚକିଆ ବିଦ୍ୟୁତ୍ ଚାଳିତ ସାଇକଲ୍ ଯୋଗାଇ ଦେଲେ ବିଶେଷ ସହାୟକ ହେବ ବୋଲି କହିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଏକ ତିନିଚକିଆ ବିଦ୍ୟୁତ୍ ଚାଳିତ ସାଇକଲ୍ ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଚଷାଖଣ୍ଡ ପ୍ରାଣିଧନ ନିରୀକ୍ଷକ କେନ୍ଦ୍ର
## ନାହିଁ ବିଦ୍ୟୁତ ସଂଯୋଗ କି ଜଳ ଯୋଗାଣ

କୟାଁଗୋଲା,୨୮।୧୧(ସମିସ): ଦଶରଥପୁର ବ୍ଲକ୍ ଚଷାଖଣ୍ଡ ପ୍ରାଣିଧନ ନିରୀକ୍ଷକ କେନ୍ଦ୍ର। ୧୯୬୪ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ଏବେ ନାନାଦି ସମସ୍ୟା ମଧ୍ୟରେ ଗତି କରୁଛି। ଏହି କେନ୍ଦ୍ରକୁ ବିଦ୍ୟୁତ ସଂଯୋଗ ନାହିଁ। ସେହିପରି ଜଳ ଯୋଗାଣର ବ୍ୟବସ୍ଥା ମଧ ନାହିଁ। ପାଣି ପାଇଁ କାର୍ଯ୍ୟରତ ପ୍ରାଣିଧନ ନିରୀକ୍ଷକ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପାଇପ୍ ଯୋଗେ ଜଳଯୋଗାଣ ଦୂରର କଥା କେନ୍ଦ୍ରରେ ନଳ କୂପଟିଏ ମଧ ନାହିଁ। ଫଳରେ ପଶୁ ଚିକିତ୍ସା ଏପରିକି ହାତ ଧୋଇବା ପାଇଁ ପ୍ରାଣିଧନ ନିରୀକ୍ଷକଙ୍କୁ ବେଶ୍ କିଛି ବାଟ ଚାଲିବାକୁ ପଡେ। କେନ୍ଦ୍ରର ଗୃହଟି ଜରାଜୀର୍ଣ୍ଣ ହୋଇ ପଡ଼ିଛି। ମରାମତି ହେବାର ନାଁ ଗନ୍ଧ ନାହିଁ। ନୂତନ ଘର ନିର୍ମାଣ ପାଇଁ ଅନୁଦାନର ବ୍ୟବସ୍ଥା ହୋଇଛି। ମାତ୍ର ନିର୍ମାଣ ହେଉନି। ଏଠାରେ କାର୍ଯ୍ୟରତ ପ୍ରାଣିଧନ ନିରୀକ୍ଷକ ରଶ୍ମୀରଞ୍ଜନ ଷଡ଼ଙ୍ଗୀ କୁହନ୍ତି ଯେ ପାଣି ଓ ବିଦ୍ୟୁତ ସଂଯୋଗ ନଥିବାରୁ ସେବା ଯୋଗାଇବାକୁ ଅସୁବିଧା ହେଉଛି। ନୂତନ ଗୃହ ନିର୍ମାଣ ନେଇ ବ୍ଲକ୍ ପ୍ରାଣୀଧନ ଚିକିତ୍ସକ ବିଶ୍ୱନାଥ ପୃଷ୍ଟିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଚଷାଖଣ୍ଡ ପ୍ରାଣିଧନ ନିରୀକ୍ଷକ କେନ୍ଦ୍ର ପରିସରରେ ଯୁଦ୍ଧକାଳୀନ ଭିତ୍ତିରେ ଏକ ନଳକୂପ ସ୍ଥାପନ କରାଯିବାକୁ ସମାଜସେବୀ ମହେନ୍ଦ୍ର କୁମାର



ଧଳ ଓ ଅନ୍ୟ ମାନେ ଦାବି କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଯୋଗୁଁ କେନ୍ଦ୍ରକୁ ଜଳ ଯୋଗାଣ ଓ ବିଦ୍ୟୁତ୍ ସଂଯୋଗ ହୋଇ ପାରୁନି ବୋଲି କେତେକ ଗ୍ରାମବାସୀ କୁହନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ବାଲିଚନ୍ଦ୍ରପୁର,୨୮।୧୧(ସମିସ): ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଏକ ଦିବସୀୟ ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ବାଲିଚନ୍ଦ୍ରପୁର ସ୍ଥିତ ସାହାସପୁର କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ପରାମର୍ଶଦାତା ପ୍ରଫେସର ତୁଷାରିକାନ୍ତ ତ୍ରିପାଠୀ, ଡ. ପ୍ରଦୀପ କୁମାର ବେହେରା, ସମ୍ବଲପୁରସ୍ଥିତ ପର୍ଶୁରାମ ମିଶ୍ର ଅଗ୍ରଣୀ ଶିକ୍ଷାନୁଷ୍ଠାନର ପ୍ରାଧାପିକା ଡ. ସସ୍ମିତା ଗାହାଣ ଓ ଡ. ରାମଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ନୂତନ ଶିକ୍ଷାନୀତି ଉପରେ ଉପସ୍ଥିତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୬୬ରୁ ଅଧିକ କଲେଜରୁ ୧୫୦ରୁ ଅଧିକ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ। ଅଧ୍ୟାପକ ସଂଗ୍ରାମ କିଶୋର ପରିଡ଼ା ଅତିଥି ପରିଚୟ ଓ ପ୍ରଧାପକ ହିମାଂଶୁ ଶେଖର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଅଧ୍ୟାପିକା ନିରୂପମା ବେହୁରା। ପ୍ରାରମ୍ଭରେ ଅଧ୍ୟାପକ ସୁନିଲ କୁମାର ପଣ୍ଡା ଓ ଅଧ୍ୟାପିକା ଗାୟତ୍ରୀ ଶତପଥୀ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ସାମଲ,ବିଜ୍ଞାନ ରଞ୍ଜନ ସେଠୀ, ଜୟଦେବ ଶତପଥୀ, ଆଦିତ୍ୟ କୁମାର ସାହୁ, ଆଶିଷ କୁମାର ମହାପାତ୍ର, ମିନତୀ ମଞ୍ଜରୀ ନାୟକ, କାମିନୀ ମାଝୀ, ଚିତ୍ତ ରଞ୍ଜନ ରାଉତ ଓ କର୍ମଚାରୀ ଦୁର୍ଗା ପ୍ରସାଦ ପରିଡା, ଅନିଲ ମହାନ୍ତି, ସ୍ମୃତି ରଞ୍ଜନ ନାୟକ, ଇତିଶ୍ରୀ ପ୍ରଧାନ ଓ ସ୍ୱାଧୀନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୁବ ରେଡ୍‌କ୍ରସ୍ ଶିକ୍ଷା ତାଲିମ୍ ଶିବିର




ବିଞ୍ଝାରପୁର,୨୮।୧୧(ସମିସ): ଛାତ୍ରଛାତ୍ରୀ ଶିକ୍ଷାଦାନ ସହ ମୌଳିକ ଶିକ୍ଷାକୁ ଗ୍ରହଣ କରିବା ନିମନ୍ତେ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଆଜିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ଶିକ୍ଷାତାଲିମ ଶିବିର ଅନୁଷ୍ଠିତ ହେଉଛି। ଜିଲ୍ଲାର ୪୦ ଗୋଟି ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଏହି ଜିଲ୍ଲାସ୍ତରୀୟ ଶିବିରରେ ଯୋଗଦେଇଥିଲେ। ଜିଲ୍ଲାରେ ପ୍ରଥମ ଥର ପାଇଁ ବରୁଣେଶ୍ୱର କଲେଜରେ ଏହି ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ ଯୋଗ ଦେଇ ଏହି ଶିବିର କାର୍ଯ୍ୟକ୍ରମଟିକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବିପ୍ରସାଦ ସାହୁ, ମୁଖ୍ୟବକ୍ତା ଭାବେ କଲେଜର ପୁର୍ବତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ୱାଇଆର୍‌ସିର ଦାଶରଥି ମହାରଣା, କାର୍ଯ୍ୟକ୍ରମର ଆୟୋଜକ ସମ୍ପାଦକ ଅଧ୍ୟାପକ କୃଷ୍ଣଚନ୍ଦ୍ର ଜେନା, ଅଧ୍ୟକ୍ଷା ବିନ୍ଦୁରେଖା ନାୟକ ଯୋଗ ଦେଇଥିଲେ। ଶିକ୍ଷା ସାଙ୍ଗକୁ ଛାତ୍ରଛାତ୍ରୀ ରେଡକ୍ରସ ସାହାଯ୍ୟରେ ଛାତ୍ରଛାତ୍ରୀ ନିଶା ନିବାରଣ, ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷା ପରି ଅନେକ ଜନହିତ କାର୍ଯ୍ୟ କରିପାରିବେ। ଶିବିରର ଅନ୍ୟ ଏକ ଅନୁଷ୍ଠିତ ସଭାରେ ଜିଲ୍ଲା ପରିବହନ ବିଭାଗର ଅଧିକାରୀ ଉପସ୍ଥିତ ରହି ସଡ଼କ ସୁରକ୍ଷା ବିଷୟରେ ଜନତାଙ୍କୁ କିପରି ଛାତ୍ରଛାତ୍ରୀ ସଚେତନ କରିପାରିବେ ସେଥିପ୍ରତି ଆଲୋଚନ କରିଥିଲେ।

## ବିନା ଫଳକରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ / ଧାର୍ଯ୍ୟ ପରିମାଣରୁ କମ୍ ସିମେଣ୍ଟ ବ୍ୟବହାର

କୟାଁଗୋଲା,୨୮।୧୧(ସମିସ): ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତସ୍ଥ ଦକ୍ଷିଣବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)ର ନୂତନଭାବେ ନିର୍ମାଣାଧୀନ ଗୃହ କାର୍ଯ୍ୟ ଅତିନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏହି ଅଭିଯୋଗ ପରେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେଉନଥିବା ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ସ୍ଥାନୀୟ ବାସିନ୍ଦାଙ୍କ ସାହାଯ୍ୟ ସହାନୁଭୂତିରେ ପ୍ରଥମେ ଘରୋଇ ଭାବେ ଆରମ୍ଭ ହୋଇଥିଲା। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ହାତକୁ ନିଆଯାଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଭାବେ ସ୍ୱୀକୃତି ଦିଆଯାଇଥିଲା। ଏହି ଅଞ୍ଚଳ ଏକ ବନ୍ୟାଞ୍ଚଳ ହୋଇଥିବା ହେତୁ ବନ୍ୟା ସମୟରେ ତଥା ବର୍ଷର ସବୁ ସମୟରେ ଏହି ଚିକିତ୍ସା କେନ୍ଦ୍ରରେ ରୋଗୀମାନେ ଚିକିତ୍ସା ହେବାକୁ ଆସିଥାଆନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ନଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରଟିର ନୂତନ ଗୃହ ନିର୍ମାଣ ପାଇଁ ପ୍ରାୟ ୮୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। କିନ୍ତୁ ପରିତାପର ବିଷୟ ବିନା ଫଳକରେ



ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟିର ଗୃହ ନିର୍ମାଣ କାର୍ଯ୍ୟଚାଲିଛି। ଗୃହ ନିର୍ମାଣ ନିମନ୍ତେ ଠିକା ନେଇଥିବା ଠିକାଦାର ଅତ୍ୟନ୍ତ ନିମ୍ନମାନର କାମ କରୁଥିବା ବେଳେ ଧାର୍ଯ୍ୟ ପରିମାରଣରୁ କମ୍ ସିମେଣ୍ଟ ସହିତ ମାଟି ମିଶା ନିମ୍ନମାନର ବାଲି ଓ ବିଭିନ୍ନ କଳଙ୍କି ଲଗା ରଡ୍ ଓ ଗୃହ ନିର୍ମାଣ ପାଇଁ ଅନୁପଯୋଗୀ ଚିପ୍ସରେ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଛି। ସ୍ଥାନୀୟ ଜନସାଧାରଣଙ୍କ ବିରୋଧ ସତ୍ତ୍ୱେ ମଧ ଠିକାଦାର ଏପରି ମନମୁଖି କାର୍ଯ୍ୟ କରୁଥିବା ନେଇ ଲୋକେ ନିର୍ମାଣ କାର୍ଯ୍ୟ କରୁଥିବା ଗ୍ରାମ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ଠିକାଦାର ଏହାକୁ ଆଦୌ କର୍ଣ୍ଣପାତ କରୁନାହିଁ। ଏପରି ନିମ୍ନମାନର କାର୍ଯ୍ୟ କଲେ ନିର୍ମାଣାଧୀନ ଗୃହ ଖୁବ୍ କମ୍ ଦିନ ମଧ୍ୟରେ ନଷ୍ଟହେବାର ଆଶଙ୍କ ସୃଷ୍ଟି ହୋଇଛି। ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣାଧୀନ ଗୃହକୁ ବିଭାଗୀୟ କର୍ତ୍ତୃପକ୍ଷ ତଦନ୍ତ କରି ସଠିକ୍ ଭାବେ କାର୍ଯ୍ୟ କରିବା ନିମନ୍ତେ ପ୍ରଚେଷ୍ଟା କରବାକୁ ଦାବି ହୋଇଛି। ଏହି ଘଟଣା ସମ୍ପର୍କରେ ଗ୍ରାମ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ଜେନାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112

# ଷଠିପୁରରେ କୁରାଳ ପଞ୍ଚମୀ ଉତ୍ସବ



**ପାଣିକୋଇଲି, ୨୮।୧୧ (ସମିସ):** ମାର୍ଗଶୀର ମାସ ଶୁକ୍ଳ ପଞ୍ଚମୀ ତିଥିରୁ ଆରମ୍ଭ ହୋଇଥିବା ପାଞ୍ଚଦିନିଆ କୁରାଳ ପଞ୍ଚମୀ ପର୍ବ ଶ୍ରଦ୍ଧା ଓ ଭକ୍ତି ଭାବନାର ସହ ଷଠିପୁରରର କୁମ୍ଭକାରମାନେ ପାଳନ କରୁଛନ୍ତି। ଭକ୍ତକବି ଦୀନବନ୍ଧୁ ଦାସଙ୍କ ରଚିତ କୁରାଳ ପୁରାଣ ଅନୁଯାୟୀ ସୃଷ୍ଟି ଆରମ୍ଭରେ ମନୁଷ୍ୟଙ୍କ ପାକଖାଦ୍ୟ ପ୍ରସ୍ତୁତି ନିମନ୍ତେ ଭଗବାନ କୁମ୍ଭକାରମାନଙ୍କୁ ସୃଷ୍ଟି କରିଥିଲେ। ବିଷ୍ଣୁଙ୍କ ପୁତ୍ର ରୁଦ୍ରପାଳ ଥିଲେ। ପ୍ରଥମ କୁମ୍ଭକାର ହାଣ୍ଡି ପ୍ରସ୍ତୁତି ନିମନ୍ତେ ରୁଦ୍ରପାଳଙ୍କୁ ଭଗବାନ ଚକ୍ର, ଶଙ୍ଖ, ଗଦା, ପଦ୍ମ ଏବଂ ଏକଖିଆ ପଇତା ପ୍ରଦାନ କରିଥିଲେ। ଏହି ପୌରାଣିକ ତଥ୍ୟକୁ ଆଧାରକରି ଷଠିପୁର କୁମ୍ଭକାର ପରିବାରର ସଦସ୍ୟମାନେ ସେମାନଙ୍କ ହାଣ୍ଡି ଗଢ଼ା ସରଞ୍ଜାମ ଚକ, ପିଣ୍ଡ ଓ ପିଟଣା ଆଦି ସରଞ୍ଜାମକୁ ପୂଜାରେ ବସାଇ ବ୍ରତ ପାଳନ କରିଥାନ୍ତି। କାର୍ଯ୍ୟକ୍ରମରେ ବଳରାମ ବେହେରା, ରମେଶ ରଣା, କୀର୍ତ୍ତନ ବେହେରା, ଶ୍ରୀଧର ରଣା, ଶରତ ରଣା, ପ୍ରଦୀପ ରଣା, ଗୌରାଙ୍ଗ ରଣା, କାଳନ୍ଦୀ ରଣା, ବଳରାମ ରଣା, କାର୍ତ୍ତିକ ରଣା, ବଟିଆ ରଣା, ଅମୂଲ୍ୟ ରଣା, ବାଟୁଆ ରଣା, ଗୁଣ୍ଡିଆ ସାହୁଙ୍କ ସମେତ ବହୁ କୁମ୍ଭକାର ସଂପ୍ରଦାୟର ବ୍ୟକ୍ତି ମାନେ ଯୋଗ ଦେଇ ପୂଜାର୍ଚ୍ଚନା କରିଥିଲେ।

## ନାବାଳିକାକୁ ଏସିଡ୍ ପକାଇବା ଘଟଣା

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଯାଜପୁର,୨୮।୧୧(ସମିସ)**

ଜଣେିକା ନାବାଳିକାକୁ ଏସିଡ୍ ପକାଇ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଯାଜପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ। ସୂଚନା ଅନୁଯାୟୀ ଗତ ୨୦୧୪ ମସିହା ଜୁନ ୬ ତାରିଖରେ ବିଞ୍ଝାରପୁର ଥାନା ଅଞ୍ଚଳର ଜଣେିକା ୧୪ ବର୍ଷୀୟା ନାବାଳିକା ଗାଧୋଉଥିବା ବେଳେ ସେହି ଅଞ୍ଚଳର ସୌମ୍ୟ ରଞ୍ଜନ ଓରଫ ପୁଅ ସାର୍ ଲୁଚିକି ଦେଖୁଥିଲା। ନାବାଳିକା ଜାଣି ପାରି ଏ ସମ୍ପର୍କରେ ନିଜ ମା'କୁ ଜଣାଇଥିଲା। ନାବାଳିକାର ମା' ସଂପୃକ୍ତ ସୌମ୍ୟରଞ୍ଜନଙ୍କୁ



ଏ ବିଷୟରେ ପଚାରିଥିଲେ। ଏହି ଘଟଣାକୁ ନେଇ ଜୁନ ୮ ତାରିଖ ରାତି ୧୧ଟା ବେଳେ ନାବାଳିକା, ତାଙ୍କ ମା' ଓ ଭାଇ ପରିସ୍ରା କରିବା ପାଇଁ ପଦାକୁ ଉଠିଥିବା ବେଳେ ସୌମ୍ୟରଞ୍ଜନ ଓ ତାର ସାଥୀ ବିଟୁ ଓରଫ ପ୍ରଶାନ୍ତ ରାୟ ନାବାଳିକା ଉପରକୁ ଏସିଡ୍ ଫୋପାଡ଼ିଥିଲେ। ଏହି ଏସିଡ୍ ମାଡ଼ରେ ନାବାଳିକା ଦେହର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ନାବାଳିକାକୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ନାବାଳିକାର ମା' ଜୁନ ୧୦ ତାରିଖରେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ପୁଲିସ କେଶ ନଂ. ୧୦୨/୧୪ ବିଭିନ୍ନ ଦଫାରେ ମାମଲା ରୁଜୁ କରିବା ସହ ବିଟୁ ଓରଫ ପ୍ରଶାନ୍ତ ରାୟ ଓ ସୌମ୍ୟ ରଞ୍ଜନ ଓରଫ ପୁଅ ସାର୍‌କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏହି ମାମଲାକୁ ଶୁକ୍ରବାର ଦିନ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ ୧୧ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତ ବିଟୁ ଓରଫ ପ୍ରଶାନ୍ତ ରାୟ ଓ ସୌମ୍ୟ ରଞ୍ଜନ ଓରଫ ପୁଅ ସାର୍‌କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଜରିମାନା ଅନାଦେୟ ୨ ବର୍ଷ ଅଧିକ କାରାଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାଟିକୁ ଅତିରିକ୍ତ ସରକାରୀ ଓକିଲ କ୍ୟାଡର ବିପ୍ଳବ କୁମାର ମୁଦୁଲି ଓ ଅତିରିକ୍ତ ସରକାରୀ ଓକିଲ ଜୟଦୀପ ମିଶ୍ର ପରିଚାଳନା କରୁଥିଲେ।

# କୋଚିଂ ସେଣ୍ଟରରୁ ନିଖୋଜ ଛାତ୍ର ଉଦ୍ଧାର

**ଦାନଗଦି,୨୮।୧୧(ସମିସ):** ଚାରି ଦିନ ତଳେ ଟମକା ଥାନା ଅନ୍ତର୍ଗତ ଟୋଲକାନିସ୍ଥିତ ଆର୍‌ଏସ୍ କୋଚିଂ ସେଣ୍ଟରରୁ ଅଙ୍କିତ କୁମାର ସେଠୀ ନାମକ ଜଣେ ଛାତ୍ର ନିଖୋଜ ହୋଇଥିବା ଟମକା ଥାନାରେ ଅଭିଯୋଗ ହୋଇଥିଲା। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହେବା ପରେ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରର



ମଞ୍ଚେଶ୍ୱର ରେଲୱେ ଷ୍ଟେସନରେ ଛାତ୍ର ଜଣକ ବୁଲୁଥିବାର ଦେଖି ଲୋକେ ଦେଖି ଠାବ କରି ପରିବାର ଲୋକଙ୍କୁ ଯୋଗଯୋଗ କରି ଖବର ଦେଇଥିଲେ। ଖବର ପାଇ ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ଠାରୁ ଅଙ୍କିତକୁ ହସ୍ତାନ୍ତର କରିଥିଲେ। ଘରଲୋକ ଓ ଗ୍ରାମବାସୀ ବହୁତ ଖୋଜାଖୋଜି କରିଲା ପରେ ନିରାଶ ହୋଇଥିଲେ। ଆଜି ପିଲାର ସନ୍ଧାନ ପରେ ଖବର ପ୍ରସାରଣ କରିଥିବାକୁ ସମସ୍ତ ସାମ୍ବାଦିକ ଧନ୍ୟବାଦ ଜଣାଇଛନ୍ତି।

# ମଦ ଜବତ; ଦୁଇ କୋର୍ଟଚାଲାଣ



**ସୁକିନ୍ଦା,୨୮।୧୧(ସମିସ):** ଯାଜପୁର ଅବକାରୀ ବିଭାଗ ପକ୍ଷରୁ ସୁକିନ୍ଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଚୋରା ଦେଶୀ ମଦ ଜବତ କରିବା ସହ ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସୁକିନ୍ଦା ଥାନା ଅନ୍ତର୍ଗତ ହାତୀବାରି ପଞ୍ଚାୟତ ଅଧୀନସ୍ଥ ଜଡ଼ାବାହାଲି ଗ୍ରାମ ରବୀନ୍ଦ୍ର ମୁଣ୍ଡା(୬୨) ଓ କାଳିଆପାଣି ଥାନା ଅନ୍ତର୍ଗତ ଗରାମିଁଆ ଗ୍ରାମ ପାଣ୍ଡୁରାମ ଜାମୁଦାଙ୍କ ପୁଅ ବାବୁରାମ ଜାମୁଦା(୩୬)ଙ୍କ ନିକଟରୁ ୭୦ଲିଟର ଚୋରା ଦେଶୀ ଓ ୧୩ଲିଟର ଚୋରା ବିଦେଶୀ ମଦ ଜବତ ହୋଇଥିବାରୁ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ୧୬୭/୨୫ ଓ ୧୬୮/୨୫ରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଉଭୟଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ଉରେ ସୁକିନ୍ଦା ଅବକାରୀ ଅଧିକାରୀ ବିଭୁ ପ୍ରସାଦ ସାହୁ, ଏଏସଆଇ ରଶ୍ମୀରେଖା ଜେନା, ଦେବକାନ୍ତ ଆଚାର୍ଯ୍ୟ ଓ ଶିଶିର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ନାଗସାପ ଉଦ୍ଧାର

**କବାଟବନ୍ଧ,୨୮।୧୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଅଣ୍ଡିଆ ପଞ୍ଚାୟତର ଶ୍ରୀଚନ୍ଦନପୁର ଗ୍ରାମରୁ ଏକ ନାଗ ସାପ ଉଦ୍ଧାର କରାଯାଇଛି। ଶୁକ୍ରବାର ଅପରାହ୍ନରେ ଗ୍ରାମର ପ୍ରଦୀପ ସାହୁଙ୍କ ଘରେ ଏକ ନାଗ ସାପ ରହିଥିବା ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ସାପ ଧରୁଥିବା ସ୍ନେକ ହେଲ୍ପ ଲାଇନର କାର୍ତ୍ତିକ ଚନ୍ଦ୍ର ଜେନାଙ୍କୁ ଖବର ଦେଇଥିଲେ। କାର୍ତ୍ତିକ ଉକ୍ତ ସ୍ଥାନାରେ ପହଞ୍ଚି ନାଗସାପ ଟିକୁ ସୁରକ୍ଷିତ ଅବସ୍ଥାରେ ଧରି ସ୍ଥାନୀୟ ଗଡ଼ମଧୁପୁର ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି। ସାପଟି ପ୍ରାୟ ୪ ଫୁଟର ଅଧିକ ଲମ୍ବା ହେବ ବୋଲି ଅନୁମାନ କରାଯାଉଛି। କାର୍ତ୍ତିକ ପୂର୍ବରୁ ଶତାଧିକ ସାପଙ୍କୁ ସୁରକ୍ଷିତ ଉଦ୍ଧାର କରି ଜଙ୍ଗଲ ରେ ଛାଡ଼ି ଆସୁଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ପ୍ରଶଂସା କରାଯାଇଛି।

## ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଡାକ୍ତର ଓ କର୍ମଚାରୀ ଅଭାବ; ସ୍ୱାସ୍ଥ୍ୟସେବା ବ୍ୟାହତ

**କୟାଁଗୋଲା/ମଙ୍ଗଳପୁର, ୨୮।୧୧(ସମିସ):** ଜନସାଧାରଣଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ଚେଷ୍ଟିତ। ତେବେ ଡାକ୍ତର, ନର୍ସ, ଆଟେଣ୍ଡାଣ୍ଟ ଭଳି ପଦବୀ ଖାଲିପଡ଼ିଥିବାରୁ ଅସୁବିଧା ଉପୁଜୁଛି। ଇଛା ଥାଇ ମଧ୍ୟ ଉପଯୁକ୍ତ ସେବା ଯୋଗାଇ ଦିଆଯାଇପାରୁନି। ଦଶରଥପୁର ବ୍ଲକ୍ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହା ଦେଖିବାକୁ ମିଳିଛି।




ଯାଜପୁର ଜିଲ୍ଲା ସମେତ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ରୋଗୀ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଦୈନିକ ୬ ଶହରୁ ୭ ଶହ ରୋଗୀ ଏଠାକୁ ଆସନ୍ତି। ରୋଗୀଙ୍କ ଲମ୍ବା ଧାଡ଼ି ଦେଖିଲେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର କେତେ ଯେ ଆବଶ୍ୟକତା ବୁଝା ପଡ଼ିବ। ୧୩ ଜଣଙ୍କ ଜାଗାରେ ମାତ୍ର ୫ ଜଣ ଡାକ୍ତର ଏଠାରେ ଅଛନ୍ତି। ୧୫ ଜଣ ନର୍ସ ରହିବା ବଦଳରେ ୫ ଜଣ ଏଠାରେ କାର୍ଯ୍ୟ କରୁଛନ୍ତି। ସେହିପରି ୪ ଜଣ ଆଟେଣ୍ଡାଣ୍ଟ ଙ୍କ ଜାଗାରେ ମାତ୍ର ଜଣେ କାର୍ଯ୍ୟ କରୁଛନ୍ତି। ଲାବ୍ରୋଟରି ସହାୟକ ୩ ଜଣ ରହିବା ଜାଗାରେ ମାତ୍ର ଜଣେ ଅଛନ୍ତି। ୨୪ ଘଣ୍ଟା ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏତେ ସବୁ ଅଭାବ ସତ୍ତ୍ୱେ କିଭଳି ସ୍ୱାସ୍ଥ୍ୟସେବା ଯୋଗାଇଛି ଭଗବାନ ଜାଣନ୍ତି। ସେହିପରି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେଥିମଧ୍ୟରୁ ୨ଟିରେ ଡାକ୍ତର ନାହାଁନ୍ତି। ନଦୀନାଳ ଘେରା ବନ୍ୟା, ବାତ୍ୟା ପ୍ରଭାବିତ ଏହି ଅଞ୍ଚଳରେ ରୋଗ ସର୍ବଦା ଲାଗି ରହିଥାଏ। ଏ ସମ୍ପର୍କରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ୍ ଅଧିକାରିଣୀ ଅମ୍ରିତା ପ୍ରୀତମ ମଲ୍ଲଙ୍କୁ ପଚାରିବାରୁ ଡାକ୍ତର ଓ ଅନ୍ୟ ଖାଲିପଡ଼ିଥିବା ପଦବୀ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅବଗତ ଅଛନ୍ତି। ଏଠାରେ ଅତିକମ୍‌ରେ ୩ ଜଣ ଡାକ୍ତର ଓ ୫ ଜଣ ନର୍ସ ଓ ଅନ୍ୟ କର୍ମଚାରୀ ନିହାତି ଆବଶ୍ୟକ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଯାତ୍ରୀବାହୀ ବସ୍ ଓ ଓମ୍‌ନି ଧକ୍କା; ୩ ଗୁରୁତର

**ବିଞ୍ଝାରପୁର, ୨୮।୧୧(ସମିସ):** ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାର ଶାସନ୍ଦା ଛକ ଠାରେ ଯାତ୍ରୀବାହି ବସ୍ ଏବଂ ଓମ୍‌ନି ମଧ୍ୟରେ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ସମେତ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ଗ୍ରାମବାସୀ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଅପର ପକ୍ଷରେ ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ସମସ୍ୟା ଦୂର କରିବା ସହିତ ଏହାର ତଦନ୍ତ କରୁଛି। ଲାଡୁ ନାମକ ଘରୋଇ ଯାତ୍ରୀବାହି ବସ୍ ଯାତ୍ରୀଙ୍କୁ ନେଇ କଟକରୁ ସିଂହପୁର ଅଭିମୁଖେ ଆସୁଥିବା ସମୟରେ ଦୁର୍ଘଟଣା ଘଟିଥିଲା।

# ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ; କାରଣ ଅସ୍ପଷ୍ଟ

**ପାଣିକୋଇଲି, ୨୮।୧୧ (ସମିସ):** ପାଣିକୋଇଲି ଥାନା ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା (ତାଜପୁର) ଗ୍ରାମର ଜଣେ ଯୁବକଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ପ୍ରକାଶଯେ ଗ୍ରାମର ଗୋଧିରାମ ଆରଣଙ୍କ ପୁଅ ପ୍ରଦୀପ (୪୦) କୋରାଇ ରାସ୍ତା କଡ଼ରେ ପଡ଼ିଥିଲେ। ସକାଳେ ଗ୍ରାମର କିଛି ଗ୍ରାମବାସୀ ପ୍ରଦୀପଙ୍କୁ ଦେଖିଠ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପରିବାର ଲୋକ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ କୋରାଇ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବେକରେ ଏକ ଦାଗ ଥିବାରୁ ହୁଏତ ସେ ଆତ୍ମହତ୍ୟା କରିଥାଇ ପାରନ୍ତି କିମ୍ବା ତାଙ୍କୁ କିଏ ବେକରେ ରଶି ଗୁଡ଼ାଇ ଶ୍ୱାସରୁଦ୍ଧ କରି ମାରିପାରନ୍ତି ବୋଲି ସନ୍ଦେହ କରାଯାଉଛି। ପରିବାର ଲୋକମାନେ କିନ୍ତୁ ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ଥାନାରେ ଅଭିଯୋଗ କରିଛନ୍ତି। ପରେ ପୁଲିସ ଏକ ମାମଲା ରୁଜୁ କରି ଶବକୁ ଜବତ କରି ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରଦୀପଙ୍କର ଗୋଟିଏ ପୁଅ (୧୦) ଓ ଗୋଟିଏ ଝିଅ(୧୫) ଥିବା ବେଳେ ତାଙ୍କର ମୃତ୍ୟୁରେ ପରିବାର ଲୋକମାନଙ୍କ ଉପରେ ଦୁଠଃଖର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତେଷ୍ଟିକ୍ରିୟା ଶେଷ ହୋଇଛି।

# ଗାଡ଼ି ଧକ୍କାରେ ଜଣେ ମୃତ; ରାସ୍ତାରୋକ

**ବଡ଼ଚଣା,୨୮।୧୧(ସମିସ):** ବଡ଼ଚଣା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗଣେଶ ଛକ ନିକଟରେ ଆଜି ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବଡ଼ଚଣା ଥାନା ବନ୍ଧାଳ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ସୀତାରାମ ମହାନ୍ତିଙ୍କ ପୁଅ ମହେନ୍ଦ୍ର ମହାନ୍ତି (୪୨)। ସୂଚନା ମୁତାବକ ଆଜି ସନ୍ଧ୍ୟାରେ ମହେନ୍ଦ୍ର ସାଇକଲ ଯୋଗେ ଜାତୀୟ ରାଜପଥର ଗଣେଶ ଛକ ନିକଟରେ ରାସ୍ତା ପାର ହେଉଥିବା ବେଳେ କଟକ ଅଭିମୁଖେ ଯାଉଥିବା ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଏହି ଧକ୍କାରେ ମହେନ୍ଦ୍ର ଗୁରୁତର ହୋଇ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବାରମ୍ବାର ଏହି ଛକରେ ଦୁର୍ଘଟଣା ଘଟି ବହୁ ଜୀବନ ଯାଉଥିବାରୁ ଗଣେଶ ଛକ ଠାରେ ଏକ ଓଭରବ୍ରିଜ ନିର୍ମାଣ ଦାବିରେ ସ୍ଥାନୀୟ ଅଞ୍ଚଳର ଲୋକେ କିଛି ସମୟ ଧରି ରାସ୍ତାରୋକ କରିଥିଲେ। ଖବର ପାଇ ବଡ଼ଚଣା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଲୋକମାନେ ରାସ୍ତାରୋକରୁ ହଟି ଯାଇଥିଲେ। ତେବେ ଶବ ବ୍ୟବଚ୍ଛେଦ କରାଯାଇ ଆସନ୍ତାକାଲି ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦିଆଯାଇଛି।

# ଗାଧୋଇବା ବେଳେ ନଦୀରେ ବୁଡ଼ିଗଲେ ଯୁବକ

**ଧର୍ମଶାଳା,୨୮।୧୧(ସମିସ):** ଧର୍ମଶାଳା ଥାନା ଉତ୍ତରପ୍ରତାପ ଗ୍ରାମର ଗୌରାଙ୍ଗ ରାଉତ (୫୫) ଶୁକ୍ରବାର ପୂର୍ବାହ୍ନରେ କେଲୁଅ ନଦୀରେ ଗାଧୋଇବା ପାଇଁ ଯାଇଥିବା ବେଳେ କୌଣସି କାରଣ ବଶତଃ ନଦୀରେ ବଡ଼ି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଅଗ୍ନିଶମ କର୍ମଚାରୀ ପୁରୁଷୋତ୍ତମ ନାୟକ ତାଙ୍କୁ ବଞ୍ଚାଇଛନ୍ତି। କେଲୁଅ ନଦୀ କୂଳରେ ପୁରୁଷୋତ୍ତମଙ୍କ ଦାଦାଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ ଚାଲୁଥିଲା। ପୁରୁଷୋତ୍ତମ ଓ ଅନ୍ୟ ପରିବାର ଲୋକେ ସେଠାରେ ଉପସ୍ଥିତ ଥିଲେ। ସେହି ସମୟରେ ଗୌରାଙ୍ଗ ନଈରେ ଗାଧୋଇଥିଲେ। କୌଣସି କାରଣରୁ ସେ ପାଣିରେ ବୁଡ଼ି ବଞ୍ଚିବା ପାଇଁ ଚିତ୍କାର କରୁଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଅଗ୍ନିଶମ କର୍ମଚାରୀ ପୁରୁଷୋତ୍ତମ ଏହା ଦେଖି ତତ୍‌କ୍ଷଣାତ ନଈକୁ ଡେଇଁ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ନଈ କୂଳକୁ ନେଇ ଆସିଥିଲେ। ଖବର ପାଇ ଗାଁ ଲୋକେ ଆସି ତାଙ୍କୁ ତାଙ୍କ ଘରକୁ ନେଇ ଯାଇଥିଲେ ଏବଂ ସ୍ୱାସ୍ଥ୍ୟ ଭଲ ଥିବା ସୂଚନା ମିଳିଛି। ପୁରୁଷୋତ୍ତମଙ୍କ ଉପସ୍ଥିତ ବୁଦ୍ଧି ଏବଂ କୌଶଳ ପାଇଁ ଗୌରାଙ୍ଗ ନୂଆ ଜୀବନ ପାଇଥିବାରୁ ସ୍ଥାନୀୟ ଲୋକେ ପୁରୁଷୋତ୍ତମଙ୍କୁ ବେଶ୍ ପ୍ରଶଂସା କରିଥିଲେ। ପୁରୁଷୋତ୍ତମ ୨୦୦୯ ମସିହାରୁ ଅଗ୍ନିଶମ ବିଭାଗରେ କାର୍ଯ୍ୟ କରି ଆସୁଛନ୍ତି। ବର୍ତ୍ତମାନ କଟକ ନିଆଳି ଅଗ୍ନିଶମ ବିଭାଗରେ ମୁଖ୍ୟ ଆଗ୍ନୀକ ଭାବେ କାର୍ଯ୍ୟ କରୁଛନ୍ତି। ଦାଦାଙ୍କ ଦେହାନ୍ତ ଖବର ପାଇ ଛୁଟିରେ ଘରକୁ ଆସିଛନ୍ତି।

**ଶୁଦ୍ଧିକ୍ରିୟାକୁ ଆସିଥିବା ଅଗ୍ନିଶମ କର୍ମଚାରୀ ଉଦ୍ଧାର କଲେ**

# ରାସ୍ତା ମରାମତିରେ ଅନିୟମିତତା ଅଭିଯୋଗ



**ଯାଜପୁର,୨୮।୧୧(ସମିସ):** ଯାଜପୁର ବ୍ଲକ୍ ସିମିଳିଆ ପଞ୍ଚାୟତକୁ ସଂଯୋଗ କରିଥିବା ବୁଢାଘାଟଠାରୁ ଶିମିଳିଆ ପଞ୍ଚାୟତ ରାସ୍ତା ମରାମତିରେ ଅନିୟମିତତା ଅଭିଯୋଗ ହୋଇଛି। ଏହି ରାସ୍ତା ଉପରେ ଓଲେଇପଡା, ତାଳପଡା, ଶିମିଳିଆ, ସଠିଆଟିକିରି, ମାଇଦପୁର, ନଖେଇ, ଗୋଠପୁର ଆଦି ଗ୍ରାମବାସୀ ନିର୍ଭର କରନ୍ତି। ଗତ ବନ୍ୟା ସମୟରେ ଏହି ରାସ୍ତାରେ ଘାଇ ସୃଷ୍ଟି ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଘାଇ ମରାମତି ନ କରି ଯେଉଁ ସ୍ଥାନରେ ମରାମତି ଆବଶ୍ୟକ ନାହିଁ ସେଠାରେ ମରାମତି କରୁଛି ଗ୍ରାମ୍ୟ ଉନ୍ନୟନ ବିଭାଗ ବୋଲି ଅଭିଯୋଗ ହୋଇଛି। ଘାଇରେ ବାଲି ପୂରାଇ ମରାମତି କରି ଏହା ଉପରେ ପିଚୁ କରିବା ପାଇଁ ଯୋଜନା ଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ତୁରନ୍ତ ଏହି ଘାଇର ପ୍ରକୃତ ମରାମତି କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

# ରାସନ ଯୋଗାଣରେ ଅନିୟମିତତା ଅଭିଯୋଗ

**କବାଟବନ୍ଧ,୨୮।୧୧(ସମିସ)**

ଧର୍ମଶାଳା ବ୍ଲକରେ ବିଭିନ୍ନ ପଞ୍ଚାୟତରେ ରାସନ ସାମଗ୍ରୀ ଯୋଗାଣରେ ବ୍ୟାପକ ଅନିୟମିତତା ହେଉଥିବା ବେଳେ ଗରିବ ଲୋକମାନଙ୍କ ରାସନ କାର୍ଡ କଟିଯିବା ଭୟରେ ମୁହଁ ଖୋଲନ୍ତି ନାହିଁ। ଡିଲର ମାନଙ୍କ ପ୍ରାଦୁର୍ଭାବ ଏବଂ ରାସନ କାର୍ଡ କଟିଯିବା ଭୟ ଯୋଗୁଁ ଅନେକ ହିତାଧିକାରୀ ଏକ ପ୍ରକାର ଶୋଷଣର ଶିକାର ହେଉଛନ୍ତି। ବ୍ଲକରେ ଏନେଇ ହୋଇଥିବା ଏକ ଅନିୟମିତତାର ଅଭିଯୋଗ ଥାନାରେ ପହଞ୍ଚିବା ସହିତ ଲିଖିତ ଅଭିଯୋଗ ହୋଇଛି। ରାସନ ହିତାଧିକାରୀ ତଥା କିଛି ଗ୍ରାମବାସୀ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ରାଇଛନ୍ଦା ପଞ୍ଚାୟତ କଣ୍ଟାପାଟଣା ଗ୍ରାମର କିଛି ଗରିବ ରାସନ ହିତାଧିକାରୀ ରାସନ ଚାଉଳ ପାଇଁ ଡିଲରଙ୍କ ନିକଟକୁ ଯାଇଥିଲେ। ମାତ୍ର ଡିଲର ତାଙ୍କୁ ଆସନ୍ତା ଜାନୁଆରୀ ମାସ ପର୍ଯ୍ୟନ୍ତ ଚାଉଳ ଦେଇ ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଖାତାରେ ଚାଉଳ ଦେଇଥିବା ଲେଖିଛନ୍ତି। ତେବେ ଚାଉଳ ନ ପାଇ ଆଗୁଆ କାହିଁକି ଖାତାରେ ଲେଖାଯିବ ବୋଲି ହିତାଧିକାରୀ ମାନେ ପ୍ରଶ୍ନ କରିଛନ୍ତି। ଅଭିଯୋଗକାରୀଙ୍କ କଣ୍ଟାପାଟଣା ଗ୍ରାମର ରେସନ କାର୍ଡ ନମ୍ବର ୨୫୧ର ହିତାଧିକାରୀ ଧନେଶ୍ୱର ସାହୁ ଡିଲରଙ୍କୁ କାହିଁକି ଆଗୁଆ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଲେଖାଯାଇଛି ବୋଲି ତଥା ଏ ସମ୍ବନ୍ଧରେ ପ୍ରଶ୍ନ କରିବାରୁ ଡିଲର ଜଣକ ଏହା ସରକାରଙ୍କ ନିର୍ଦ୍ଦେଶ ବୋଲି ଧନେଶ୍ୱରଙ୍କୁ କହିଥିଲେ। ପ୍ରତି ରାସନ କାର୍ଡ ହିତାଧିକାରୀଙ୍କୁ ସରକାର ଅତିରିକ୍ତ ୩ ମାସ ପାଇଁ ୫ କିଲୋ ଚାଉଳ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ଅକ୍ଟୋବର ମାସରେ ଡିଲର କାର୍ଡଧାରୀଙ୍କୁ ସେହି ୧୫ କିଲୋ ଅତିରିକ୍ତ ଚାଉଳ ଦେଇ ପୂର୍ବରୁ ମିଳୁଥିବା ମାସିକିଆ ଚାଉଳ ପରିମାଣ ପକାଇଥିଲେ। ଚଳିତ ନଭେମ୍ବର ମାସରେ ୩ ମାସର ଚାଉଳ ଅର୍ଥାତ ନଭେମ୍ବର, ଡିସେମ୍ବର ଏବଂ ଜାନୁଆରୀ ମାସର ଚାଉଳ ଦେଇ ରାସନ ଖାତାରେ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଦିଆଗଲା ବୋଲି ଲେଖିଛନ୍ତି। ଏନେଇ ନାଲୁ ସାହୁ ନାମକ ଅନ୍ୟ ଜଣେ ହିତାଧିକାରୀ ଉକ୍ତ ଡିଲରଙ୍କୁ ପଚାରିବାରୁ ମଧ୍ୟ ସନ୍ତୋଷ ଜନକଉତ୍ତର ଦେଇ ନ ଥିଲେ। ଏନେଇ ଗ୍ରାମବାସୀ ମିଳିତ ଭାବେ ଜେନାପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ଧନେଶ୍ୱର ସାହୁ, ପ୍ରଦୀପ ବେହେରା, ଗଗନ ସାହୁ, ଚଗଲା ପରିଡ଼ା, ଧନେଶ୍ୱର ନାଥ, ଲକ୍ଷ୍ମୀଧର ପରିଡ଼ା, ଶୀତ ବେହେରା, ଉଦୟ ନାଥ, ଅଲେଖ ନାୟକ, ବାଙ୍କନିଧି ମହାରଣା, ବାଙ୍କୁଆ ମଲ୍ଲିକ, ବିପିନ ବିହାରୀ ନାୟକ, ଭାରତୀ ସାହୁ ପ୍ରମୁଖ ଏକ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ତେବେ ଏ ସମ୍ବନ୍ଧରେ ମତାମତ ପାଇଁ ଧର୍ମଶାଳା ଯୋଗାଣ ଅଧିକାରିଣୀ ତପସ୍ୱିନୀ ବିଶ୍ୱାଳ ଏବଂ ବିଡିଓ ଜ୍ୟୋତିର୍ମୟ କରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।





# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶନୀ



**ଯାଜପୁର,୨୮।୧୧(ସମିସ):** ଯାଜପୁର ସହରସ୍ଥ ଗରିଆପୁର ୟୁଜିୟୁପି ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶନୀ ପ୍ରତିଯୋଗିତା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଇଦୁଜ ଜମାନ ଓ ପଞ୍ଚଶଖା ଶିକ୍ଷା ସେତୁ ସଭାପତି ଅର୍ଶଦୁଜ ଜମାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକେଶିନୀ ବାରିକ ଓ ମ୍ୟୁନିସିପାଲଟି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୋକୁଳାନନ୍ଦ ପଣ୍ଡା ବିଚାରକ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତ ପ୍ରକଳ୍ପ ଦେଖି ପ୍ରଶଂସା କରିବା ସହ ବିଜ୍ଞାନ ଓ ଗଣିତ ସମ୍ପର୍କିତ ବିଭିନ୍ନ ନୂତନ ଚିନ୍ତାଧାରାର ପ୍ରକଳ୍ପ ପ୍ରସ୍ତୁତ କରିବାକୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ଆର୍ତ୍ତତ୍ରାଣ ବେହେରା ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ୧୫ ଜଣ ଛାତ୍ରଛାତ୍ରୀ ସେମାନଙ୍କ ପ୍ରସ୍ତୁତ ବିଜ୍ଞାନ ଓ ଗଣିତ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏଥିରୁ ଦୁଇଟି ପ୍ରକଳ୍ପ ବ୍ଲକ୍ ସ୍ତର ମନୋନୀତ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁମିତ୍ରା ରାଉଳ, ଶିବାନୀ ସିଂ, ଶିକ୍ଷକ ସମ୍ବିତ ମୁଦୁଲି, ତାପସ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ବିଷ୍ଣୁ ପ୍ରସାଦ ବାନାର୍ଜୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ରୀନା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ନିର୍ବୋଧତା ପାଇଁ କୋଣସି ପ୍ରତିଷେଧକ ଟିକା ନାହିଁ!
-ଆଲବର୍ଟ ଆଇନଷ୍ଟାଇନ

## ଟାରିଫ ଦ୍ୱନ୍ଦ୍ୱ ଦୂର ହେଉ

ରାଜ୍ୟର ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା ଟାଟା ପାୱାର କମ୍ପାନୀ ଅନୁମୋଦିତ ଦର ଠାରୁ ୟୁନିଟ୍ ପିଛା ଅତିରିକ୍ତ ୩୬ ପଇସା ଲେଖାଏଁ ଆଦାୟ କରିଥିବା ଅଭିଯୋଗ ହୋଇଛି। ଓଇଆରସି ୟୁନିଟ ପିଛା ବିଦ୍ୟୁତ୍ ଶୁଳ୍କ ୫ ଟଙ୍କା ୬୭ ପଇସା ଧାର୍ଯ୍ୟ କରି ଥିବା ବେଳେ ଟାଟା ପାୱାରର ୪ଟି ବିତରଣ କଂପାନୀ ଉପଭୋକ୍ତାଙ୍କ ଠାରୁ ୟୁନିଟ ପିଛା ୬ ଟଙ୍କା ୩ ପଇସା ଆଦାୟ କରୁଥିଲେ। ଏଥିସହିତ ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ନିରବତା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ମାର୍ଟ ମିଟର ମାଧ୍ୟମରେ ଅତିରିକ୍ତ ଶକ୍ତି ବ୍ୟବହୃତ ହେଉଥିବା ଦର୍ଶାଇ ଟାଟା ପାୱାର ଶୁଳ୍କ ଆଦାୟ କରୁଥିବା ଅଭିଯୋଗର ବୈଷୟିକ ଦିଗ ସଂପର୍କରେ ଆମର ଧାରଣା କମ। ତେବେ ଅଭିଯୋଗର କିଛିଟା ଆଧାର ଯେ ରହିଛି ଏହା ସତ। ଦୁଇ ପ୍ରକାର ମିଟରରେ ରହୁଥିବା ପାର୍ଥକ୍ୟକୁ ଅଣଦେଖା କରାଯାଇପାରିବ ନାହିଁ।

ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କମ୍ପାନୀ ସ୍ୱଷ୍ଟୀକରଣରେ କହିଛି ଯେ ବିତରକ କମ୍ପାନୀମାନେ ଓଇଆର୍‌ସି ଦ୍ୱାରା ଅନୁମୋଦିତ ଓ ବିଜ୍ଞାପିତ ବିଦ୍ୟୁତ ଟାରିଫ୍ ଅନୁଯାୟୀ ହିଁ ୟୁନିଟ୍ ପିଛା ଶୁଳ୍କ ଆଦାୟ କରେ। ପ୍ରତିବର୍ଷର ଟାରିଫ୍ ନିର୍ଦ୍ଦେଶନାମା ଓଇଆରସି ୱେବସାଇଟରେ ସାର୍ବଜନୀନ ଭାବେ ଉପଲବ୍ଧ ଅଛି, ଯାହାକୁ କୌଣସି ଉପଭୋକ୍ତା ନିଜ ବିଲ୍ ସହ ସହଜରେ ମେଳ କରିପାରିବେ। ତେବେ କମ୍ପାନୀ ଆହୁରି କହିଛି ଯେ ଖବରରେ ଉଲ୍ଲେଖ ହୋଇଥିବା ଅତିରିକ୍ତ ୩୬ ପଇସା ନିୟନ୍ତ୍ରକ ଅନୁମୋଦିତ ସର୍ବମାଧ୍ୟମିକ ହାର ଓ ବିତରକ କମ୍ପାନୀମାନଙ୍କର ବାସ୍ତବ ବିଲିଂ ମଧ୍ୟରେ ଥିବା ତଫାତ୍। ବାସ୍ତବ ସପ୍ଲାଏ ମୂଲ୍ୟ ଅନୁଯାୟୀ ଏମିତି ତଫାତ୍ ପ୍ରାୟତଃ ହୋଇଥାଏ ଏବଂ ପରବର୍ତ୍ତୀ ଟ୍ରୁ-ଅପ୍ ଭିତରେ ସମନ୍ୱୟ ହୋଇଯାଏ ଆମର କହିବା କଥା ହେଲା ତେବେ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର ଭ୍ରମାତ୍ମକ ହେଲା କିପରି? ବୈଷୟିକ ହିସାବ ପରିଚାଳନାରେ ଥିବା ଜଟିଳତା ଜଣେ ଉପଭୋକ୍ତା ପକ୍ଷରେ ବୁଝିବା କଷ୍ଟକର। ଧାର୍ଯ୍ୟ ଅନୁମୋଦିତ ଓ ବିଦ୍ୟୁତ୍ ବିଲ୍‌ରେ ଥିବା ଟାରିଫ୍ ଦୃଷ୍ଟିରେ ପଡ଼ିବା ପରେ ସେ ଅଭିଯୋଗ କରିବା ସ୍ୱାଭାବିକ।

ଏଠାରେ ଆଉ ଗୋଟିଏ ଦିଗ ସଂପର୍କରେ ଉଲ୍ଲେଖ କରିବାକୁ ଆମେ ଉଚିତ ମନେ କରୁଛୁ। ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଜୁଳି ଶକ୍ତି ଯୋଗାଣ ପ୍ରତିଶ୍ରୁତି ପୂରଣ କରିବାରେ ଟାଟା ପାୱାର ବିଫଳ ହୋଇଛି। ନାନା କାରଣ ଦର୍ଶାଇ ଲାଇନ କାଟିବା ଏକ ନିୟମିତ ଧାରାରେ ପରିଣତ ହୋଇଛି। ଏସବୁ ବାଦ ଆମକୁ ସ୍ୱୀକାର କରିବାକୁ ହେବ ଯେ ବିଦ୍ୟୁତ୍ ପରିବହନ ଓ ଯୋଗାଣ ଭିତ୍ତିଭୂମି କ୍ରମେ ସୁଦୃଢ଼ ହୋଇଛି। ସେହିଭଳି ସରବରାହ କ୍ଷତି ମଧ୍ୟ ଅନେକଟା ହ୍ରାସ ପାଇଛି। ସର୍ବୋପରି ଉପଭୋକ୍ତାଙ୍କଠାରୁ ଆଦାୟ କରାଯାଇଥିବା ଅଧିକ ଶୁଳ୍କ କିଭଳି ଓ କେଉଁ ଧାରାରେ ଭରଣା କରାଯିବ ତାହା ସ୍ଥିରୀକୃତ ହେବା ଆବଶ୍ୟକ। ଆସନ୍ତା ଟାରିଫ ନିର୍ଣ୍ଣୟ ବେଳେ ଏହି ପ୍ରସଙ୍ଗର ନିଶ୍ଚୟ ସ୍ୱତନ୍ତ୍ର ଗୁରୁତ୍ୱ ରହିବ। ଗଣମାଧ୍ୟମରେ ପ୍ରକାଶିତ ଖବର ଓ ଟାଟା ପାୱାରର ସ୍ୱଷ୍ଟୀକରଣରେ ମଧ୍ୟ କିଛିଟା ଦ୍ୱନ୍ଦ୍ୱ ରହୁଛି। ଏହି ଦ୍ୱନ୍ଦ୍ୱ ଦୂର ହେବା ନିହାତି ଆବଶ୍ୟକ। ଏ ଦିଗରେ ସରକାରୀ ହସ୍ତକ୍ଷେପ ନିହାତି ଆବଶ୍ୟକ।

## ଦୁର୍ଲ୍ଲଭ ହେବ ସୁଲଭ

ବିଶ୍ୱର ୬୦ ପ୍ରତିଶତ ବିରଳ ମୃତ୍ତିକା ଚୀନ ନିୟନ୍ତ୍ରଣରେ ରହିଛି। ଏପରିକି ତାହାର ୯୦ ପ୍ରତିଶତ ଶୋଧନ କ୍ଷମତାବଳରେ ବ୍ୟବହାର ଉପଯୋଗୀ ସ୍ଥାୟୀ ଚୁମ୍ବକ ମଧ୍ୟ ପ୍ରସ୍ତୁତ. କରୁଛି। ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ସାମଗ୍ରୀ, ସୌର ଶକ୍ତି, ବିଦ୍ୟୁତ ଚାଳିତ ଗାଡ଼ି, ମହାକାଶ ଯାନ, ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହୃତ ଯନ୍ତ୍ରାଂଶ ନିର୍ମାଣରେ ଏହାର ପ୍ରୟୋଗ ପାଇଁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରଙ୍କୁ ଚୀନ ଉପରେ ନିର୍ଭର କରିବାକୁ ପଡୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧର ପ୍ରଥମ ଶିକାର ଚୀନ ହୋଇଥିଲେ ମଧ୍ୟ ବିରଳ ମୃତ୍ତିକା ପ୍ରସଙ୍ଗକୁ ନେଇ ସେ ନରମି ଯିବାକୁ ବାଧ ହୋଇଥିଲେ। ଗତ ଏପ୍ରିଲରେ ଭାରତକୁ ଏହା ଯୋଗାଇବାରେ ଚୀନ କଟକଣା ଲଗାଇବା ପରେ ଅଟୋମୋବାଇଲ ଓ ଇଲେକ୍ଟ୍ରୋନିକ୍ କ୍ଷେତ୍ରରେ ଶୀଥିଳତା ପରିଲକ୍ଷିତ ହୋଇଛି। ଏକ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ ପ୍ରୟାସ ଆରମ୍ଭ କରିଛି ସେହି ପ୍ରକଳ୍ପକୁ କେନ୍ଦ୍ର ସରକାର ୭.୩୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

ଏଦିଗରେ କାନାଡ଼ାର ସହଯୋଗିତାକୁ ପ୍ରାଧାନ୍ୟ ଦିଆଯାଇଛି। ଜି-୨୦ ଶିଖର ସମ୍ମିଳନୀ ପ୍ରେକ୍ଷାପଟରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ସହ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦୀଙ୍କ ସକାରାତ୍ମକ ଆଲୋଚନା ବେଶ ଫଳପ୍ରଦ ହୋଇଛି। ୭୦ ବିଲିୟନ ଡଲାର ଦ୍ୱିପାକ୍ଷିକ ବାଣିଜ୍ୟ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। କାନାଡ଼ାକୁ ୫୧ ତମ ରାଜ୍ୟରେ ପରିଣତ କରି ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ସେଠିକାର ରାଜ୍ୟପାଳ ଦାୟିତ୍ୱ ଦିଆଯିବ ବୋଲି ଟ୍ରମ୍ପ କରିଥିବା ଖୋଲାଖୋଲି ଘୋଷଣା ପରେ ପରେ ଦୁଇ ରାଷ୍ଟ୍ରମଧ୍ୟରେ ସଂପର୍କ ଏକପ୍ରକାର ତୁଟି ଯାଇଛି। ଶିଖ ଉଗ୍ରପନ୍ଥୀ ଖାଲିସ୍ଥାନୀଙ୍କୁ ନେଇ ଭାରତ ଓ କାନାଡ଼ା ମଧ୍ୟରେ ଯେଉଁ ବିବାଦର ସୂତ୍ରପାତ ହୋଇଥିଲା ତାହାକୁ ପଛରେ ପକାଇ ଏବେ ଦୁଇପକ୍ଷ ସଂପର୍କର ନୂଆ ଭିତ୍ତିଭୂମି ପ୍ରତିଷ୍ଠା କରିଛନ୍ତି। ବିଶେଷ କରି ଟ୍ରୁଡୋଙ୍କ ପରେ କାର୍ଣ୍ଣେ ରାଷ୍ଟ୍ର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାକୁ ଅଧିକ ଗୁରୁତ୍ୱ ଦେଇ ଜଣେ ପ୍ରଗତିଶୀଳ ନେତା ରୂପେ ଆବଶ୍ୟକସ୍ଥଳେ କୋହଳ ନୀତି ଅବଲମ୍ବନ କରିବାକୁ ଆଗେଇ ଆସିଛନ୍ତି। ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ କାନାଡ଼ାରେ ମହଜୁଦ୍ ଥିବା ଦୁର୍ଲଭ ଖଣିଜକୁ ଏକ୍ଷେତ୍ରରେ ବ୍ୟବହାର କରିବାର ସୁଯୋଗ ରହିଛି ବୋଲି ଅବଗତ କରାଇବା ପରେ ମଞ୍ଜୁରୀ ଲାଭ କରିଥିବା ନୂତନ ପ୍ରକଳ୍ପର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଏହି ସମନ୍ୱିତ ବିରଳ ମୃତ୍ତିକା କ୍ଷେତ୍ରରେ ଦେଶ ଆତ୍ମନିର୍ଭରଶୀଳ ହେବା ସହ ବିଶ୍ୱରେ ଅନ୍ୟତମ ପ୍ରମୁଖ ପ୍ରତିଯୋଗୀ ଭାବେ ଉଭା ହେବ।

ସମସ୍ୟା ବା ସଂକଟ ସୃଷ୍ଟି ନହେଲେ ସ୍ଥିତି ସମ୍ଭାଳିବାକୁ ବିକଳ୍ପ ଖୋଜିବାର ଆବଶ୍ୟକତା ପଡ଼େନି। ଚୀନ ଉପରେ ନିର୍ଭର କରି ଶିଳ୍ପାୟନର ପ୍ରଗତି ଓ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନ ଦେଖାଯାଇପାରିବ ନାହିଁ। ସମୟ ବଦଳିଛି। ଟ୍ରମ୍ପଙ୍କ ସହ ମନ ଅମେଳ ହେବାରୁ ବାଣିଜ୍ୟର ନୂଆକ୍ଷେତ୍ର ପାଇଁ ଉଦ୍ୟମ ଆରମ୍ଭ ହେଲା ଏବଂ ତାହା କ୍ରମେ ସଫଳତାର ନିକଟବର୍ତ୍ତୀ ହେଉଛି। ଏହି ପ୍ରକଳ୍ପର ଭବିଷ୍ୟତ ନେଇ ଏବେଠାରୁ କିଛି କହିହେବନି। ତେବେ ଏହା ଯେ ଏକ ଭଲ ପ୍ରୟାସ ଏଥିରେ କେହି ଦ୍ୱିମତ ହେବେ ନାହିଁ।

# ସାଂପ୍ରତିକ ସମାଜରେ ନିର୍ଯାତନାର ପରିଭାଷା

ଡକ୍ଟର ଅଭିମନ୍ୟୁ ବରାଳ

ଆମ ସମାଜରେ ମହିଳାଙ୍କ ଭଳି ପୁରୁଷମାନେ ମଧ୍ୟ ନିର୍ଯାତନା ଶିକାର ହେଉଛନ୍ତି। ନିର୍ଯାତିତ ଉଭୟ ମହିଳା ଓ ପୁରୁଷ ନ୍ୟାୟ ପାଇବା ପାଇଁ ହକ୍‌ଦାର। ତେଣୁ ନିର୍ଯାତନାର ଶିକାର ହେଉଥିବା ପୁରୁଷମାନଙ୍କ ପାଇଁ ମଧ୍ୟ ଏକ ପୁରୁଷ ଆୟୋଗ ଗଠନ ହେବାର ଏବଂ ଏଥିପାଇଁ ପୁରୁଷମାନେ ଏକଜୁଟ୍ ହୋଇ ଦାବି କରିବାର ବେଳ ଆସିଛି ବୋଲି ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି କହିଛନ୍ତି। ସାମ୍ପ୍ରତିକ ସମୟର ଆହ୍ୱାନ ଦୃଷ୍ଟିରୁ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ମତ ଓ ମନ୍ତବ୍ୟ ନିତାନ୍ତ ସ୍ୱାଗତଯୋଗ୍ୟ ଓ ଅପରିହାର୍ଯ୍ୟ। ଏହି ପୃଷ୍ଠଭୂମିରେ ଆମ ପୁରୁଷକୈନ୍ଦ୍ରିକ ସମାଜରେ ହିଁ ପୁରୁଷମାନେ କିଭଳି ନିର୍ଯାତିତ ସେ ବିଷୟରେ ଏକ ଆଲୋଚନାର ଅପେକ୍ଷା ରଖେ।

ଭାରତୀୟ ପରମ୍ପରାରେ ବୈଦିକ ଯୁଗରୁ ନାରୀ ଏକ ସମ୍ମାନାସ୍ପଦ ଆସନର ଅଧିକାରିଣୀ। ମନୁ, ପରାଶର ପ୍ରଭୃତି ଋଷିମୁନିମାନେ ନାରୀଙ୍କୁ ବହୁତ ସମ୍ମାନ ଦେଇଛନ୍ତି। ମନୁ କହିଛନ୍ତି 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା।' ଅର୍ଥାତ୍ ଯେଉଁଠାରେ ନାରୀମାନେ ପୂଜା ପାଆନ୍ତି ସେଠାରେ ଦେବତାମାନେ ସନ୍ତୁଷ୍ଟ ହୋଇଥା'ନ୍ତି। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ନାରୀ ସର୍ବତ୍ର ଅବହେଳିତା, ଲାଞ୍ଛିତା, ନିକ୍ଷେପିତା ଓ ପଦଦଳିତା ହେବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଲିଙ୍ଗଗତ ବୈଷମ୍ୟର ଶିକାର ନାରୀ ଆବାହମାନ କାଳରୁ ହୋଇ ଆସିଛି। ଏହି ଅସମାନତା ବିରୁଦ୍ଧରେ ସମାଜ ସଂସ୍କାରକଗଣ ବର୍ଷ ବର୍ଷ ଧରି ସଂଘର୍ଷ କରିବା ଦ୍ୱାରା ନାରୀ ସମାଜରେ ଏକ ସମ୍ମାନିତ ଆସନ ପାଇବାକୁ ହକଦାର ହୋଇପାରିଛି।

ପୁରୁଷ ପ୍ରଧାନ ସମାଜରେ କିନ୍ତୁ କେବଳ ନାରୀ ଯେ ନିର୍ଯାତନାର ଶିକାର ହୋଇଛି, ତା ନୁହେଁ। ପୁରୁଷ ମଧ୍ୟ ନାରୀ ଦ୍ୱାରା ବହୁଳ ଭାବରେ ନିର୍ଯାତିତ ହେଉଛି। ସଂପ୍ରତି ସମାଜରେ ପୁରୁଷ ନିର୍ଯାତନା ଏକ ଧାରାରେ ପରିଣତ ହୋଇଯାଇଛି। ଏଥିପାଇଁ ନାରୀର ସ୍ୱାର୍ଥପରତା, ସ୍ୱେଚ୍ଛାଚାରିତା, ଅର୍ଥଲୋଭ ନାରୀ ସ୍ୱାଧୀନତା ନାମରେ ଉଚ୍ଛୃଙ୍ଖଳିତା ଦାୟୀ। ବିବାହ ପରେ ପୁରୁଷ ନିର୍ଯାତନା ଏକ ବଡ଼ ସମସ୍ୟା ଭାବରେ ମୁଣ୍ଡ ଟେକିଛି। ପୁରୁଷ ପ୍ରତି ଏତେ ନିର୍ଯାତନା କରାଯାଉଥିଲେ ମଧ୍ୟ ଲୋକଲଜ୍ଜାକୁ ଡରି ସେ ସାମାଜିକ ସମ୍ମାନ କ୍ଷୁଣ୍ଣ ହେବା ଭୟରେ ନିରବ ରୁହେ। ଯଦି ପାଟି ଖୋଲି ଦେବ ତେବେ ପରିବାରରେ ଅଶାନ୍ତିର ଝଡ଼ ସୃଷ୍ଟି ହେବ। ତେଣୁ ନିଜକୁ ତିଳ ତିଳ କରି ଦହନ କରି ମଧ୍ୟପୁରୁଷ ନିରବତା ଅବଲମ୍ବନ କରୁଛି। ବେଳେ ବେଳେ ଏସବୁକୁ ସହ୍ୟ କରି ନ ପାରି ପୁରୁଷ ବାଧ୍ୟ ହୋଇ ଆତ୍ମହତ୍ୟା ଭଳି ଜଘନ୍ୟ ପଥକୁ ଆବୋରି ନେଉଛି। କାରଣ ନାରୀର ଅଭିଯୋଗକୁ ସମାଜରେ ସମସ୍ତେ ଗ୍ରହଣ କରିବେ। କିନ୍ତୁ ପୁରୁଷର ଅଭିଯୋଗ ସତ୍ୟ ହୋଇଥିଲେ ମଧ୍ୟ କେହି ବିଶ୍ୱାସ କରିବେ ନାହିଁ। ବେଙ୍ଗାଲୁରୁର କମ୍ପ୍ୟୁଟର ଇଞ୍ଜିନିୟର ଅତୁଲ ସୁବାସଙ୍କ ଆତ୍ମହତ୍ୟା, ଇନ୍ଦୋରର ନବ ବିବାହିତ ରାଜାରଘୁବଂଶୀଙ୍କ ହତ୍ୟା, କର୍ଣ୍ଣାଟକର ଜଣେ ଡି.ଜି.ପିଙ୍କ ହତ୍ୟା ଆଦି କେତୋଟି ଉଦାହରଣମାତ୍ର।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟାନୁଯାୟୀ ପୁରୁଷ ଆତ୍ମହତ୍ୟା ଖୁବ୍ ଅଧିକ। ବିବାହ ପରର ସଂପର୍କ, ଯୌତୁକ ଜନିତ ଅଭିଯୋଗ, ଅର୍ଥଲୋଭ, ସନ୍ତାନହୀନତା ଏହାର ମୂଳ କାରଣ। ୨୦୨୦ ମସିହାରେ ଘଟିଥିବା ଆତ୍ମହତ୍ୟା ଘଟଣାର ୭୧% ଭାଗ ପୁରୁଷ ଆତ୍ମହତ୍ୟା ଘଟଣା। ହିସାବରୁ ଜଣାପଡ଼େ ଯେ, ପାଞ୍ଚ ବର୍ଷ ମଧ୍ୟରେ ପାଞ୍ଚଟି ଉତ୍ତର-ଭାରତୀୟ ରାଜ୍ୟରେ ୭୮୫ ଜଣ ପତି, ପତ୍ନୀ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି। ଜାତୀୟ ଚିକିତ୍ସା ଅନୁସନ୍ଧାନ ସର୍ବେକ୍ଷଣରୁ ଜଣାପଡ଼େ ୧୦୦୦ ଉତ୍ପୀଡ଼ନ ଘଟଣାରେ ୫୧୫ ଜଣ ପୁରୁଷ ପତ୍ନୀ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି। ଭାରତରେ ପତ୍ନୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ପୁରୁଷଙ୍କ ସଂଖ୍ୟା ୩କୋଟି। ଏହା ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ହିସାବରୁ ଜଣାପଡ଼ିଛି। ଏହା ଏକ ବିଶ୍ୱବ୍ୟାପୀ ସମସ୍ୟା, କେବଳ ଭାରତର ନୁହେଁ। ଇଂଲଣ୍ଡରେ ପ୍ରତି ତିନି ଜଣରେ ଜଣେ ପୁରୁଷ ପାରିବାରିକ ହିଂସାର ଶିକାର ହେଉଛନ୍ତି। ସମୁଦାୟ ଉତ୍ପୀଡ଼ନ ଅଭିଯୋଗରୁ ୨୦% ଭାଗ ପୁରୁଷ ଉତ୍ପୀଡ଼ନ। ସେହିପରି ଭୁଟାନ୍, ଆମେରିକା ଓ ଫିନ୍‌ଲ୍ୟାଣ୍ଡ ପ୍ରଭୃତି ରାଜ୍ୟରେ ପୁରୁଷ ଉତ୍ପୀଡ଼ନ ମଧ୍ୟ ଉଗ୍ରରୂପ ଧାରଣ କରିଛି।

ପୁରୁଷ ନିର୍ଯାତନାର ମୁଖ୍ୟ କାରଣ ହେଲା ଘରୋଇ ହିଂସା। ସଂପ୍ରତି ମହିଳାମାନେ ଯୌତୁକ ନିର୍ଯାତନା, ଯୌନ ଉତ୍ପୀଡ଼ନ, ଅବହେଳା ଆଦିର ଅଭିଯୋଗ ଆଣି ସ୍ୱାମୀ, ଶ୍ୱଶୁର, ଶାଶୂ, ନଣନ୍ଦ ପ୍ରଭୃତିଙ୍କୁ ମିଛ ମାମଲାରେ ଲହୁଲୁହାଣ କରୁଛନ୍ତି। ମହିଳାମାନଙ୍କର ସେହି ଭୟଙ୍କର ନାଗଫାଶରୁ ବର୍ତ୍ତିବା ସହଜ ନୁହେଁ। ଛାଡ଼ପତ୍ର ମାମଲାରେ ଭରଣପୋଷଣ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଏବଂ ସ୍ୱାମୀଙ୍କ ସମ୍ପତ୍ତିରୁ ଓ ଦରମାରୁ ଅଧେ ଭାଗ ଦାବି କରିବା ସହିତ ଝିଅମାନଙ୍କର ଅର୍ଥ ଉପାର୍ଜନର ଏହା ଏକ ସହଜ ପନ୍ଥା ହୋଇଛି। ଆମର ଆଇନ ବ୍ୟବସ୍ଥା ଏପରି ହୋଇଛି ଯେ, ତାହା ମହିଳାମାନଙ୍କ ସପକ୍ଷରେ ଯିବ। ଏପରିକି ସ୍ୱାମୀ ମଧ୍ୟ ଜେଲ ଯାଇପାରେ। ଅନେକ ମିଥ୍ୟା ମାମଲାରେ ବିଚାରପତିମାନେ ସତ୍ୟାସତ୍ୟ ଜାଣିବା ପରେ ଅଭିଯୋଗକାରିଣୀଙ୍କୁ ଭର୍ତ୍ସନା କରିଥା'ନ୍ତି। କିନ୍ତୁ ଏପରି ବିଚାରପତି ବା କେତେଜଣ ଅଛନ୍ତି? ସମ୍ପ୍ରତି ସ୍ୱାମୀର ରୋଜଗାରକୁ ଦେଖି ଭରଣପୋଷଣ ଅର୍ଥରାଶି ଧାର୍ଯ୍ୟ ହେବା ନିତାନ୍ତ ଆବଶ୍ୟକ। ସ୍ୱାମୀ-ସ୍ତ୍ରୀ ମଧ୍ୟରୁ ଛାଡ଼ପତ୍ର କିଏ ଚାହୁଁଛି ଅନୁସନ୍ଧାନ କରି ଅର୍ଥରାଶି ବିଚାର କରିବା ଦରକାର। ରୋଜଗାରିଆ ପୁଅଟି ପିତା, ମାତା, ଭାଇ, ଭଉଣୀ, ବନ୍ଧୁବାନ୍ଧବ ସବୁଠିକ୍ ଭାବରେ ବ୍ୟବସ୍ଥା କରି ନ ପାରିଲେ ସ୍ତ୍ରୀ ଓ ନିଜ ପିତାମାତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରି ନ ପାରିଲେ, ଘରେ ଅଶାନ୍ତି ସୃଷ୍ଟି ହେବ। ଶେଷରେ ପୁରୁଷଟି ଏସବୁ ସହ୍ୟ କରି ନ ପାରି ବାଧ୍ୟ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତିକୁ ବାଛି ନେଇଥାଏ।

ପତିପତ୍ନୀଙ୍କ କଳହ ଉଗ୍ରରୂପ ଧାରଣ କରି ନ୍ୟାୟାଳୟରେ ପହଞ୍ଚିବା ପରେ ପୁରୁଷଟି ବିଚରା ଧାଇଁଧାଇଁ ନୟାନ୍ତ ହୋଇଯାଏ। ଧନହାନି ସହିତ ମନସ୍ତାପ ଓ ପ୍ରାଣପୀଡ଼ା ଭଳି ଘୋର ଅସୁବିଧାର ସମ୍ମୁଖୀନ ହୁଏ। ଯଦି କାରାବାସ ହୁଏ, ତେବେ ତ ଆହୁରି ଦୁଃଖ ବଢ଼ିଯାଏ। ଚାକିରି ହରାଇବା ସହିତ ଅର୍ଥାଭାବ ସାଙ୍ଗକୁ ସାମାଜିକ ଦୁର୍ଦ୍ଦଶା ଭୋଗ କରିବାକୁ ହୁଏ। ଲୋକନିନ୍ଦା ଓ ଅପବାଦକୁ ସହ୍ୟ କରି ନ ପାରି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୁଏ। ବିଚାରପତି ସନ୍ତାନମାନଙ୍କୁ ପତ୍ନୀଙ୍କ ସହିତ ରହିବାକୁ ଆଦେଶ ଦିଅନ୍ତି। ସନ୍ତାନମାନଙ୍କୁ ପତ୍ନୀ ନିଜ ସ୍ୱାମୀଙ୍କ ସହିତ ମିଶିବାକୁ ଦିଏ ନାହିଁ। ଫଳରେ ପୁରୁଷଟି ଘୋର ଅବସାଦର ଶିକାର ହୋଇ ଆତ୍ମହତ୍ୟା ଭଳି ଦୁଃଖଦ ପଥ ବାଛି ନିଏ।

ସମାଜରେ ନାରୀର ସ୍ୱାଧୀନତା, ସୁରକ୍ଷା, ସମ୍ମାନ ଓ ସ୍ୱାଭିମାନ ପାଇଁ ବହୁତ ଯୋଜନା କରାଯାଇଛି। ନାରୀ ସଶକ୍ତୀକରଣ ଓ ନିର୍ଯାତନା ନିବାରଣ ପାଇଁ ଅନେକ ଆଇନ ପ୍ରଣୟନ କରାଯାଇଛି। ନାରୀକୁ ପୁରୁଷ ସହିତ ସମକକ୍ଷ କରାଯାଇଛି। କିନ୍ତୁ ଦେଖାଯାଇଛି ନାରୀମାନେ ଏହି ନିୟମର ଦୁରୁପଯୋଗ କରୁଛନ୍ତି। ନିୟମଗୁଡ଼ିକର ଅପବ୍ୟବହାର କରୁଛନ୍ତି। ନାରୀମାନଙ୍କର ମିଥ୍ୟା ଅଭିଯୋଗରେ ନିର୍ଦ୍ଦୋଷ ଯୁବକଟି କାରାଦଣ୍ଡଭୋଗ କରୁଛି। ଫୁଟୁ ନ ଫୁଟୁଣୁ କଢ଼ିଟି ନଷ୍ଟ ହୋଇଯାଉଛି। ତେଣୁ ନ୍ୟାୟିକ ପ୍ରକ୍ରିୟାରେ ଏକ ଭାରସାମ୍ୟ ବ୍ୟବସ୍ଥା କରିବା ଉଚିତ୍। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯୌତୁକ ଜନିତ ମାମଲା ୧୦% ଭାଗ ଓ ଦୁଷ୍କର୍ମ ଅଭିଯୋଗ ୫୦% ଭାଗ ମିଛ। ବାସ୍ତବରେ ଯେଉଁଠାରେ ନାରୀପ୍ରତି ଅନ୍ୟାୟ କରାଯାଉଛି ସେଠାରେ ଦୋଷୀ କଠୋର ଦଣ୍ଡ ପାଉ। କିନ୍ତୁ ଆଇନକୁ ଅସ୍ତ୍ର କରି ଜଣେ ନିର୍ଦ୍ଦୋଷ ଦଣ୍ଡ ପାଇବା ଉଚିତ୍ ନୁହେଁ। ଏହା ଅଧର୍ମ। ଏକ୍ଷେତ୍ରରେ ପୁରୁଷଟିକୁ ନିର୍ଦ୍ଦୋଷ କରି ସେହି ଅଭିଯୋଗକାରିଣୀ ପ୍ରତି ଦଣ୍ଡ ବିଧାନ ହେବା ଉଚିତ୍।

ପୁରୁଷପ୍ରଧାନ ଦେଶରେ ନାରୀକୁ ଅବଳା ଦୁର୍ବଳା କହି ସବୁ ଆଇନ୍ ତା' ସପକ୍ଷରେ ଯିବ ଏବଂ ନିରୀହ ପୁରୁଷଟି ଦଣ୍ଡ ଭୋଗ କରୁଥିବ, ଏହା କେଉଁ ବିଚାର? ସମ୍ବିଧାନର ଧାରା ୧୪ ଓ ୧୫ ଲିଙ୍ଗଭେଦରେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିବା ବେଳେ ଧାରା ୨୧ ଅନୁସାରେ ମର୍ଯ୍ୟାଦାର ସହିତ ବଞ୍ଚିବା ପ୍ରତ୍ୟେକ ନାଗରିକଙ୍କର ମୌଳିକ ଅଧିକାର। ପୁରୁଷ ନିର୍ଯାତନା ପାଇଁ ସ୍ୱତନ୍ତ୍ର ଭାବେ ଏକ ପୁରୁଷ ଆୟୋଗ ଗଠନ ହେବାର ସମୟ ଆସିଛି। ବଢ଼ି ଚାଲିଥିବା ପୁରୁଷ ନିର୍ଯାତନାକୁ ସରକାର ଗୁରୁତର ଭାବେ ବିଚାର କରି ଆଇନ ପ୍ରଣୟନ କରିବା ବିଧେୟ। ତେଣୁ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ମତ ସର୍ବାଦୌ ଗ୍ରହଣୀୟ ଓ କରଣୀୟ।

ସାକ୍ଷୀଗୋପାଳ(ପୁରୀ), ମୋ: ୯୯୩୭୮୩୫୨୩୦

# ଦିଲ୍ଲୀରେ 'କୃତ୍ରିମବର୍ଷା'ର ଅସଫଳ ପ୍ରୟାସ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଆମର ପରମ୍ପରା ଅନୁସାରେ ଅନାବୃଷ୍ଟିରୁ ରକ୍ଷା ପାଇବା ପାଇଁ କରାଯାଏ ବର୍ଷାର ଦେବତା ଇନ୍ଦ୍ରଦେବଙ୍କର ପୂଜା ଏବଂ ନାନାଦି ଯାଗଯଜ୍ଞ। ସେହିପରି ସଂଗୀତଜ୍ଞ ତାନସେନଙ୍କ ସୁମଧୁର ଗାନ ମଧ୍ୟ ଇନ୍ଦ୍ରଦେବଙ୍କୁ ସନ୍ତୁଷ୍ଟ କରୁଥିଲା ଏବଂ ସେ ବୃଷ୍ଟିପାତ କରାଉଥିଲେ ବୋଲି କିମ୍ବଦନ୍ତୀ ରହିଛି। ତେବେ ବର୍ତ୍ତମାନ ତାହା କରାଯାଉଛି 'କ୍ଲାଉଡ୍ ସିଡିଂ' ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ। ଏହି ପ୍ରକ୍ରିୟାରେ ଜଳୀୟ ବାଷ୍ପଭରା ବାଦଲ ଉପରେ ସିଲଭର ଆଇୟୋଡାଇଡ, ପଟାସିୟମ ଆଇୟୋଡାଇଡ୍, ସୋଡିୟମ୍ କ୍ଲୋରାଇଡ୍, ଶୁଷ୍କ ବରଫ (କଠିନ ଅଙ୍ଗାର କାମ୍ଳ) ଆଦିର ସୂକ୍ଷ୍ମକଣିକାକୁ ବିଚ୍ଛୁରଣ କରାଯାଏ। ତାହା ଘନୀକରଣ ନାଭିକ ରୂପେ କାର୍ଯ୍ୟ କରନ୍ତି। ଏହାର ଚତୁଃପାର୍ଶ୍ୱରେ ଜଳୀୟବାଷ୍ପ ଘନୀଭୂତ ହୋଇ ବଡ଼ ବଡ଼ ଜଳକଣା କିମ୍ବା ବରଫସ୍ଫଟିକରେ ପରିଣତ ହୁଏ। ତହିଁରୁ ତାହା ଭୂପତିତ ହେବାକୁ ଲାଗେ। ବିଶେଷକରି, ବର୍ଷା ହେଉନଥିବା ଅଞ୍ଚଳରେ ବୃଷ୍ଟିପାତ କରାଇବା ଲାଗି କିମ୍ବା ବାୟୁପ୍ରଦୂଷଣ ହ୍ରାସ କରିବା ପାଇଁ ଏ ପଦ୍ଧତିର ଅବଲମ୍ବନ କରାଯାଏ।

ଏହି ପ୍ରକ୍ରିୟାକୁ ସଫଳ ରୂପେ ବ୍ୟବହାର କରାଯାଇପାରେ ଯେତେବେଳେ ବାଦଲରେ ଯଥେଷ୍ଟମାତ୍ରାରେ ଜଳୀୟ ବାଷ୍ପ ଥାଏ। ବିଶେଷକରି, ହିମାଙ୍କ ତାପମାତ୍ରାଠାରୁ କମ ହୋଇଥିବା ଅତି ଶୀତଳ ବାଦଲରେ ଏହା ଅଧିକ ଫଳପ୍ରଦ ହୁଏ। ଅତିଶୀତଳ ବାଦଲ ଉପରେ ଉଡ଼ାଜାହାଜ, ତୋପ କିମ୍ବା ଡ୍ରୋନ ସାହାଯ୍ୟରେ ବିଚ୍ଛୁରିତ ଉପରୋକ୍ତ ରାସାୟନିକ କଣିକାମାନେ ତାହାକୁ ବରଫ କଣାରେ ପରିଣତ କରନ୍ତି। ଅନ୍ୟପକ୍ଷରେ ଅପେକ୍ଷାକୃତ ଉଷ୍ଣବାଦଲରେ ଜଳକଣାଗୁଡ଼ିକ ଏକାଠି ହୋଇ ବୃହଦାକାର ହେବାରେ ଏହା ସାହାଯ୍ୟ କରେ। ବରଫ ସ୍ଫଟିକ ଏବଂ ବଡ଼ ବଡ଼ ଜଳକଣାଗୁଡ଼ିକର ଓଜନ ବେଶ୍ ବଢ଼ିଯାଏ ଏବଂ ସେଗୁଡ଼ିକ ବାୟୁମଣ୍ଡଳ ଦେଇ ତଳକୁ ଖସି ବର୍ଷା ଆକାରରେ ପତିତ ହୁଅନ୍ତି।

ଏ ପଦ୍ଧତିରେ କୃତ୍ରିମ ବର୍ଷା କରାଇବାର ଇତିହାସ ପ୍ରାୟବର୍ଷ ପୁରାତନ। ବର୍ତ୍ତମାନ ପୃଥିବୀର ନାନାସ୍ଥାନରେ, ବିଶେଷକରି, ଚୀନ, ଆମେରିକା, ଉପସାଗରୀୟ ଦେଶ ସମୂହରେ ଏହା ବିଭିନ୍ନ ମାତ୍ରାରେ ବ୍ୟବହୃତ ହେଉଛି। ଫଳରେ ୨୦ ରୁ ୫୦ ଶତାଂଶ ପର୍ଯ୍ୟନ୍ତ ବୃଷ୍ଟିପାତ ବୃଦ୍ଧି କରାଯାଇ ପାରୁଛି। ଆମ ଦେଶରେ ପୁଣେ ସ୍ଥିତ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରାପିକାଲ୍ ମେଟେରୋଲୋଜି' ୧୯୭୦ ଦଶକରେ 'କ୍ଲାଉଡ୍ ସିଡିଂ' ପ୍ରଯୁକ୍ତିବିଦ୍ୟାର ପରୀକ୍ଷା ଆରମ୍ଭ କରିଥିଲେ ହେଁ ଏହାର ସଫଳ ପ୍ରୟୋଗ କରି ୨୦୦୩ ମସିହାରେ ହିଁ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର କେତେକ ସ୍ଥାନରେ ବୃଷ୍ଟିପାତ ବୃଦ୍ଧି କରିବାକୁ ସକ୍ଷମ ହୋଇଥିଲା। ତତ୍ପରେ ଆବଶ୍ୟକତାକୁ ଚାହିଁ ଏହାର ଉପଯୋଗ କରାଯାଉଛି। ଉଦାହରଣସ୍ୱରୂପ ୨୦୧୫ ରୁ ୨୦୧୯ ମସିହା ମଧ୍ୟରେ ଆମ ଦେଶର ବିଭିନ୍ନ ସ୍ଥାନରେ ଏହା ବହୁବାର ପରୀକ୍ଷିତ ତଥା ବ୍ୟବହୃତ ହୋଇଛି।

ତେବେ ଗତ ଅକ୍ଟୋବର ମାସ (୨୦୨୫) ୨୮ ଓ ୩୦ ତାରିଖରେ ଏହାର ପ୍ରଥମ ପ୍ରୟୋଗ କରାଯାଇଛି ଦିଲ୍ଲୀଠାରେ ବାୟୁ ପ୍ରଦୂଷଣ ନିବାରଣ ଲାଗି, ଯାହାକି ସଫଳ ହୋଇପାରିନାହିଁ। ଏହାର କାରଣ ସ୍ୱରୂପ ଏ କ୍ଷେତ୍ରରେ ଦୀର୍ଘଦିନ ଧରି ଗବେଷଣା କରୁଥିବା ବେଙ୍ଗାଲୁରୁ ସ୍ଥିତ 'ଏଗ୍ରିଏରୋ ସ୍ପୋର୍ଟସ ଆଡ୍‌ଭେନ୍‌ଚର ଏକାଡେମୀ'ର ମୁଖ୍ୟ ଅରବିନ୍ଦ ଶର୍ମା ଦର୍ଶାଇଛନ୍ତି ଯେ କେବଳ 'କ୍ଲାଉଡ ସିଡିଂ' କୃତ୍ରିମ ବର୍ଷା କରାଇବା ପାଇଁ ଯଥେଷ୍ଟ ନୁହେଁ। ଏଥିଲାଗି ଲୋଡ଼ା ସ୍ଥାନୀୟ ଜଳବାୟୁର କେତେକ ଅନୁକୂଳ ଅବସ୍ଥା। ତନ୍ମଧ୍ୟରେ ରହିଛି ବାୟୁମଣ୍ଡଳରେ ଜଳୀୟବାଷ୍ପ ଓ ତାପମାତ୍ରା ବାଦଲ ସୃଷ୍ଟି ପ୍ରକ୍ରିୟା ଇତ୍ୟାଦି। ସେ ସମୟରେ ଦିଲ୍ଲୀରେ ଏସବୁ ସଠିକ୍ ରୂପେ ନଥିଲା। କାରଣ, କୃତ୍ରିମ ବର୍ଷା ପାଇଁ ବାୟୁର ଜଳୀୟବାଷ୍ପ ୨୦ ରୁ ୫୦ ଶତାଂଶ ଥିବା ଦରକାର। ସେତବେଳେ ସେଠାରେ ତାହା ଥିଲା ମାତ୍ର ୧୦ ରୁ ୧୫ ଶତାଂଶ।

ସାଧାରଣତଃ ଶୀତଋତୁର ପ୍ରାରମ୍ଭରେ ଦିଲ୍ଲୀର ବାୟୁମଣ୍ଡଳରେ ଜଳୀୟବାଷ୍ପ ଯଥେଷ୍ଟ ନଥାଏ। ଅତଏବ ଏ ପ୍ରକ୍ରିୟା ବିଫଳ ହେବା ସ୍ୱାଭାବିକ। ତେବେ ଏହି ଖର୍ଚ୍ଚବହୁଳ କାର୍ଯ୍ୟକ୍ରମରୁ ଅନ୍ୟ କେତେକ କଥା ଶିକ୍ଷା କରିବାକୁ ମିଳିଥିଲା। ଉଦାହରଣସ୍ୱରୂପ ଏହା ଚାଲିଥିଲା ବେଳେ ବାୟୁରେ ଭାସମାନ ସୂକ୍ଷ୍ମ କଣିକା ବା ପାର୍ଟିକ୍ୟୁଲେଟ ମ୍ୟାଟର୍ (ପିଏମ୍ ୨.୫ ଏବଂ ପିଏମ୍ ୧୦) ମାତ୍ରା ସାମୟିକ ଭାବେ ହ୍ରାସ ପାଇଥିଲା। ଅତଏବ ମନେହୁଏ, ଏହା ବୃଷ୍ଟିପାତ କରାଇ ନ ପାରିଲେ ବି ବାୟୁର ମାନ ବୃଦ୍ଧିରେ ସହାୟକ ହୋଇପାରିଥିଲା। ଏଣୁ ଏ ପରୀକ୍ଷା କରିଥିବା 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି - କାନପୁର'ର ଗବେଷକମାନଙ୍କ ମତରେ ଏଥିରୁ ସଂଗୃହୀତ ବିବିଧ ତଥ୍ୟ ଭବିଷ୍ୟତରେ ଏ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିବା ଲାଗି ଉପଯୁକ୍ତ ଅବସ୍ଥା ଚିହ୍ନଟ କରିବା ଏବଂ ଏହାକୁ ଅଧିକ ବିକଶିତ କରିବାରେ ମାର୍ଗଦର୍ଶନ କରାଇଛି।

'କ୍ଲାଉଡ ସିଡିଂ' ଏବେ ମଧ୍ୟ ଏକ ଜନପ୍ରିୟ ତଥା ନିଶ୍ଚିତ ପ୍ରକ୍ରିୟା ହୋଇପାରିନାହିଁ। ଏହାର ବିଭିନ୍ନ ଦିଗ ଉପରେ ତଥାପି ପରୀକ୍ଷା ନିରୀକ୍ଷା ଚାଲିଛି। ଅତଏବ ବହୁଳଭାବେ ବ୍ୟବହାର ଉପଯୋଗୀ ହେବା ଲାଗି ସମୟ ଲାଗିବ। ବିଶ୍ୱର ବହୁ ଦେଶରେ ଦୀର୍ଘ ଦିନ ହେଲା ଏଥିପାଇଁ ଉଦ୍ୟମ ଅବ୍ୟାହତ ରହିଛି। ପ୍ରଥମେ ଏ ପ୍ରଯୁକ୍ତିବିଦ୍ୟା ବ୍ୟବହାରରେ ଲଗାଇଥିଲେ ଆମେରିକାର ରସାୟନବିତ୍ ତଥା ଜଳବାୟୁ ବିଜ୍ଞାନୀ ଭିନ୍‌ସେଣ୍ଟ ସ୍କାଇଫେର। ସେ ୧୯୪୬ ମସିହାରେ ଶୁଷ୍କ ବରଫ ଗୁଣ୍ଡ ବ୍ୟବହାର କରି ତୁଷାରପାତ କରାଇ ପାରିଥିଲେ। ଏହାପରେ ଏହାର ପ୍ରମୁଖ ବିନିଯୋଗଗୁଡ଼ିକ ମଧ୍ୟରେ ରହିଛି ଭିଏତ୍‌ନାମ ଯୁଦ୍ଧରେ ଅମେରିକା ଦ୍ୱାରା କୃତ୍ରିମ ବୃଷ୍ଟିପାତ କରାଇବା। ସେଠାରେ ବର୍ଷା ଋତୁକୁ ପ୍ରଲମ୍ବିତ କରି ଶତ୍ରୁ ସୈନ୍ୟମାନଙ୍କୁ ଗମନାଗମନରେ ବାଧା ପହଞ୍ଚାଇବା ଥିଲା ଏହାର ଲକ୍ଷ୍ୟ। ଏହାବ୍ୟତୀତ ୧୯୮୦ ମସିହାରେ ମସ୍କୋ ଏବଂ ୨୦୦୮ ମସିହାରେ ବେଜିଂଠାରେ ଅନୁଷ୍ଠିତ ଅଲମ୍ପିକ କ୍ରୀଡ଼ା ପୂର୍ବରୁ ଏହାକୁ ବ୍ୟବହାର କରାଯାଇଥିଲା ସେ ସମୟରେ ବୃଷ୍ଟିପାତକୁ ପ୍ରତିହତ କରିବାକୁ। ଏସବୁରେ ଆଂଶିକ ସଫଳତା ମିଳିଥିଲା। ସେଥିପାଇଁ ଏହାକୁ ସଂପୂର୍ଣ୍ଣ ନିର୍ଭରଯୋଗ୍ୟ ବୋଲି ପରିବେଶବିତମାନେ ମନେ କରନ୍ତି ନାହିଁ, ବିଶେଷକରି ବାୟୁପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉପଯୋଗ ପାଇଁ।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଶାଳ-କୁଶ/ହାଜୋ: ଆସାମର ଗୌହାଟୀ ସହରର ପ୍ରାୟ ବିପରୀତ ଦିଗରେ ବ୍ରହ୍ମପୁତ୍ର ନଦୀର ଉତ୍ତର ତଟ ନିକଟରେ ଶାଳ-କୁଶ ନାମରେ ଗୋଟିଏ ଛୋଟ ଗ୍ରାମ ରହିଛି। ଏହା ଗୌହାଟୀରୁ ଦେବାନଗିରି ରାସ୍ତା କଡ଼ରେ ଅବସ୍ଥିତ। ଏ ଅଞ୍ଚଳ ପ୍ରାଚୀନ କାମରୂପ ଅନ୍ତର୍ଗତ। ଏହି ଶାଳ-କୁଶ ଅଞ୍ଚଳଟି ହେଉଛି ଭୁଟାନ ତଥା ତିବ୍ବତ ଯିବା ନିମନ୍ତେ ବହୁଳଭାବେ ବ୍ୟବହୃତ ଗୋଟିଏ ଗିରି ପଥ ମଧ୍ୟ। ଯେଉଁ ତିବ୍ବତୀୟ ଲାମାମାନେ ଆସାମକୁ ବୁଦ୍ଧଙ୍କର ମହାପ୍ରୟାଣ ସ୍ଥଳ କୁହନ୍ତି, ସେମାନେ ସ୍ୱଷ୍ଟ ଭାବେ ଏହି ଶାଳ-କୁଶ ଗ୍ରାମ ବା ଛୋଟ ସହରଟିକୁ ହିଁ କୁଶନଗର ବୋଲି ଦର୍ଶାଇଛନ୍ତି, ଯେଉଁଠି ଦୁଇଟି ଶାଳ ଗଛ ମଧ୍ୟରେ ବୁଦ୍ଧ ନିର୍ବାଣ ପ୍ରାପ୍ତି କରିଥିଲେ। ଏହି ସ୍ଥାନର ନିକଟରେ ହିଁ ପବିତ୍ର ହାଜୋ ପାହାଡ଼ ଅବସ୍ଥିତ। ଏଠାରେ ସମ୍ଭବତଃ ବୁଦ୍ଧଙ୍କର କିଛି ଅବଶେଷ ରହିଛି।

ହାଜୋ ପାହାଡ଼ (ଗୋଟିଏ ପାହାଡ଼ ନୁହେଁ ଏକାଧିକ ପାହାଡ଼ ଶ୍ରେଣୀ) ବ୍ରହ୍ମପୁତ୍ର ନଦୀର ଉତ୍ତର ତଟରେ ଗୌହାଟୀଠାରୁ ଉତ୍ତର ପଶ୍ଚିମକୁ ନଅ ମାଇଲ ଏବଂ ଶାଳ କୁଶଠାରୁ ଉତ୍ତରକୁ ଚାରି/ପାଞ୍ଚ ମାଇଲ ଦୂରରେ ଅବସ୍ଥିତ। ଅର୍ଦ୍ଧ-ଜନଜାତି ଶ୍ରେଣୀୟ ମେଚ ଓ କୋଚ ବର୍ଗର ଲୋକମାନେ ଏହି ପାହାଡ଼କୁ ସେମାନଙ୍କର ଦେବୀ ଭାବେ ପୂଜା କରିଥା'ନ୍ତି। ସେମାନଙ୍କ ପାଇଁ 'ହାଜୋ'ର ଅର୍ଥ ପାହାଡ଼। ଏହି ପାହାଡ଼ରୁ ଗୋଟିଏ ପୂର୍ବକାଳରେ ବୌଦ୍ଧମାନେ କବ୍‌ଜା କରିଥିଲେ।



ଦ୍ୱିତୀୟ-ବୁଦ୍ଧ କଥା

ମାତ୍ର ପରେ ବ୍ରାହ୍ମଣମାନେ ସେମାନଙ୍କୁ ବେଦଖଲ କରି ମନ୍ଦିରର ପୁନରୁଦ୍ଧାର ଓ ପୁନଃନିର୍ମାଣ କରିଥିଲେ। ଏହି 'ହାଜୋ ମନ୍ଦିର' ଏବେ ଆସାମରେ ଏକ ପ୍ରସିଦ୍ଧ ମନ୍ଦିର। ବହୁ ଭକ୍ତ ଓ ଦର୍ଶନାର୍ଥୀ ଏଠାକୁ ଆସିଥା'ନ୍ତି। ମୁସଲମାନେ ମଧ୍ୟ ଏହି ପାହାଡ଼ରୁ ସବୁଠାରୁ ଉଚ୍ଚ ପାହାଡ଼ ଉପରେ ଏକ ମସ୍‌ଜିଦ୍ ନିର୍ମାଣ କରିଛନ୍ତି। ଏହି ପାହାଡ଼ ଶ୍ରେଣୀ ମଧ୍ୟ ଦୂରରୁ ଅତ୍ୟନ୍ତ ସୌଷ୍ଠବମୟ ତଥା ଏକ ତ୍ରିଶୂଳ ଆକାରର ଦେଖାଯାଇଥାଏ। ମଝି ଭାଗରେ ଥିବା ପର୍ବତଶୃଙ୍ଗଟିକୁ ବୁଦ୍ଧଙ୍କ ନିଦର୍ଶନ ସ୍ୱରୂପ ବୌଦ୍ଧମାନେ ମନେ କରୁଥିବା ବେଳେ ଏହାର ଦୁଇ ପାଖରେ ରହିଥିବା ଉଚ୍ଚ ପାହାଡ଼କୁ ବୁଦ୍ଧଙ୍କର ଦୁଇ ପ୍ରମୁଖ ଶିଷ୍ୟ ସାରୀପୁତ୍ତ ଓ ମୌଦ୍‌ଗଲ୍ୟାୟନ ରୂପରେ ମନେ କରିଥା'ନ୍ତି।

ଏହି ତିନୋଟି ଯାକ ଅଧିକ ଉଚ୍ଚତାବିଶିଷ୍ଟ ପର୍ବତ ଅନେକ ଦୂରରୁ ଦେଖାଯାଏ। ନିକଟକୁ ଆସିଲେ ଏହାର ଶ୍ରେଣୀଭୁକ୍ତ ଥିବା ଅନ୍ୟ ଷୋହଳଟି ଦେଖାଯାଇଥା'ନ୍ତି। ଏହି ଷୋହଳଟି ପାହାଡ଼କୁ 'ନିତେନ୍-ଚୁ- ଡୁ' ଅଥବା ବୁଦ୍ଧଙ୍କ ଷୋହଳ ଶିଷ୍ୟ ବୋଲି କୁହାଯାଇଥାଏ। ଏହି ପର୍ବତମାଳା ମଧ୍ୟରେ ସବୁଠାରୁ ଅଧିକ ପବିତ୍ର ପୀଠଟି ହେଉଛି ପ୍ରାୟ ଆଠ ଗଜ ବ୍ୟାସ ପରିମିତ ଖଣ୍ଡିଏ ସମତଳ ପଥର ଏବଂ ଏଇଟି ପାହାଡ଼ର ଉତ୍ତର-ପଶ୍ଚିମ ପାଦଦେଶରେ ରହିଛି। ଏହି ପଥର ଉପରେ ତିବ୍ବତୀୟ ଲିପିରେ ବିଭିନ୍ନ ମନ୍ତ୍ରମାନ 'ଓଁ ମଣି ପଦ୍ମେ ହୁଁ', 'ଓଁ ଆହ୍ ହୁଁ', 'ଓଁ' ଇତ୍ୟାଦି ଖୋଦିତ ହୋଇଛି। ଏହିଠାରେ ବିଭିନ୍ନ ରଙ୍ଗର କନାଖଣ୍ଡ ସବୁ ବନ୍ଧା ଯାଇଥାଏ ପଥର ଚାରିପାଖ ଅଞ୍ଚଳରେ ରହିଥିବା ଗଛ ଓ ବୁଦାମାନଙ୍କରେ।

ଏହା ଉଲ୍ଲେଖନୀୟ ଯେ ଲାମାମାନେ ତିବ୍ବତର ସାଧାରଣ ଲୋକଙ୍କ ହିତ କାମନା କରି ଏହି ସ୍ଥଳର ପ୍ରତିରୂପ ତିବ୍ବତର ଚାରିଗୋଟି ସ୍ଥାନରେ ସ୍ଥାପନ କରିଛନ୍ତି ରା-ରଗ୍ୟାବ (ଲାସା ସହରର ଦକ୍ଷିଣ-ପଶ୍ଚିମ ବାହାର ଅଂଶ), ପା-ପୋନ୍-କର(ଲାସାର ଉତ୍ତରପାଖ ସହରତଳି ଅଞ୍ଚଳ), ପୁର୍-ମେ-ଚେ (ତାସୀ ଲୁନ୍ ପୋର ବାର ମାଇଲ ଉତ୍ତର ପୂର୍ବ) ଏବଂ ସେଲ୍‌ଫ ବ୍ରେ। ଏହି ସ୍ଥଳଗୁଡ଼ିକୁ ଔପଚାରିକ ଭାବେ ପ୍ରତିଷ୍ଠା କରାଯାଇଛି ଏବଂ ତାହା ଉପରେ ହାଜୋ ମୂଳ ସ୍ଥାନରୁ ଆସିଥିବା ପଥର ଖଣ୍ଡିଏ ଲେଖାଏଁ ମଧ୍ୟ ରଖାଯାଇଛି। ଏହି ପାହାଡ଼ର ଉତ୍ତର-ପୂର୍ବରେ ପ୍ରାୟ ଅଧାମାଇଲ ଦୂରରେ ପ୍ରାୟ ତିନିଶହ ଫୁଟ ଉଚ୍ଚର ଏକ ଶଙ୍ଖାକୃତି ବିଶିଷ୍ଟ ପାହାଡ଼ ଉପରେ ହିନ୍ଦୁ ମନ୍ଦିର ନିର୍ମାଣ କରାଯାଇଛି ଏବଂ ଏହା ମାଧବ ମନ୍ଦିର ବୋଲି କୁହାଯାଉଛି। ମାତ୍ର ଏହାକୁ ବୌଦ୍ଧମାନେ ମହାଚୈତ୍ୟ ଆଖ୍ୟା ଦେଇଛନ୍ତି, ଯାହାକି ତଥାଗତଙ୍କର ଦେହାବଶେଷ ଉପରେ ହିଁ ନିର୍ମିତ ବୋଲି କୁହାଯାଉଛି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବଢ଼ିବ ତାପମାତ୍ରା, କମିବ ଶୀତ

# ତାମିଲନାଡୁ-ଆନ୍ଧ୍ର ମୁହାଁ ବାତ୍ୟା 'ଡିଟୱା'

ଭୁବନେଶ୍ୱର,୨୭।୧୧(ସମିସ): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ତାପମାତ୍ରା ସାଧାରଣ ରହିଛି। କିନ୍ତୁ ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକରେ ତାପମାତ୍ରା ଅପେକ୍ଷାକୃତ କମ୍ ରହିଛି। ରାଉରକେଲାରେ ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ୭.୭ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଥିବା ବେଳେ ପାହାଡ଼ିଆ ଅଞ୍ଚଳ ମଧ୍ୟରେ ଜି ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଛି। ଏଥିସହ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଆସନ୍ତା ୪ ଦିନ ମଧ୍ୟରେ ଥଣ୍ଡା କମିବ। ଏହି ସମୟ ମଧ୍ୟରେ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଫଳରେ ତାପମାତ୍ରା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଡିଟୱା' ଗତ ଛଅ ଘଣ୍ଟା ମଧ୍ୟରେ ଉତ୍ତର ତାମିଲନାଡୁ ଏବଂ ପୁଡୁଚେରୀ ସଂଲଗ୍ନ ଦକ୍ଷିଣ ଉପକୂଳ ଅଞ୍ଚଳ ଆଡକୁ ଘଣ୍ଟା ପ୍ରତି ୧୫ କିଲୋମିଟର ବେଗରେ ଗତି କରୁଛି। ରବିବାର ଅର୍ଥାତ ନଭେମ୍ବର ୩୦ ସକାଳ ସୁଦ୍ଧା ଏହା ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳରେ ପହଞ୍ଚିବ। ଏହା ପ୍ରଭାବରେ ଦକ୍ଷୀଣ ଭାରତର ବିଭିନ୍ନ ରାଜ୍ୟରେ ବର୍ଷା ଜାରି ରହିଛି। ଅନ୍ୟପଟେ ବାତ୍ୟାଟି ବିଶେଷ ଶକ୍ତିଶାଳୀ ହୋଇ ନ ଥିବା ବେଳେ ଏହା ଅଧିକ ଘନୀଭୂତ ମଧ୍ୟ ହୋଇପାରୁ ନାହିଁ। ତେଣୁ ୩୦-୧ ସୁଦ୍ଧା ଏହା ଆନ୍ଧ୍ର ନିକଟବର୍ତ୍ତୀ ହେଲେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ କାଁ ଭାଁ ବର୍ଷା ଆଶଙ୍କା କରାଯାଉଛି। ଅନ୍ୟପଟେ ଏହି ବାତ୍ୟା ଯୋଗୁଁ ରାଜ୍ୟକୁ ବର୍ତ୍ତମାନ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ ବଢ଼ିଛି। ଏଥିପାଇଁ ରାଜ୍ୟରେ ଶୀତ କମିବା ସହ କୁହୁଡ଼ି ପାଇଁ ପାଗ ଅନୁକୂଳ ହେଉଛି। ଏହି କ୍ରମରେ ଶନିବାର ରାତିରୁ ରବିବାର ସକାଳ ପର୍ଯ୍ୟନ୍ତ ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ ଓ କଳାହାଣ୍ଡିରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ

## ବାଲି ଚାଲାଣକୁ ବିରୋଧ ମହଙ୍ଗା ପଡ଼ିଲା

# ଯୁବକଙ୍କୁ ଗୋଡ଼ାଇ ହାଣିଲେ ମାଫିଆ



### ଯୁବକ ଗୁରୁତର, ୪ ଆହତ; ଘଟଣାସ୍ଥଳରେ ଉତ୍ତେଜନା

### ପୁଲିସ ଫୋର୍ସ ମୁତୟନ

ବସ୍ତା ବ୍ଲକ/ ରାଜଘାଟ, ୨୮।୧୧(ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍‌ରେ ବାଲିମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯିଏ ବାଲି ଚାଲାଣକୁ ବିରୋଧ କଲା, ତାକୁ ମରଣାନ୍ତକ ଆକ୍ରମଣ ହେଉଛି। ଏଭଳି ଏକ ଘଟଣା ସିଂଲା ଥାନା ଗିଲା ଯୋଡ଼ି ଗ୍ରାମରେ ଘଟିଛି। ବାଲିଚାଲାଣକୁ ବିରୋଧ କରିବାରୁ ବାଲିମାଫିଆମାନେ ଦିନ ଦି'ପହରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ସେ ଗୁରୁତର ଆହତ ହୋଇଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ଏ ଘଟଣା ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ମୁତାବକ, ଗିଲାଯୋଡ଼ି ଗ୍ରାମ ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଗାଡ଼ି ବାଲି ପରିବହନ ଯୋଗୁଁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାକୁ ନେଇ ଅଞ୍ଚଳବାସୀ ବାରମ୍ବାର ବିରୋଧ କରି ଆସୁଥିବା ବେଳେ ଦୁଇଦିନ ତଳେ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇ ପାଞ୍ଚଜଣ ଆହତ ହୋଇଥିଲେ। ଏ ଘଟଣାକୁ ନେଇ ଉଭୟପକ୍ଷ ସିଂଲା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଶୁକ୍ରବାର ଦିନ ୧ଟା ସମୟରେ ଗ୍ରାମର ତାପସ ଜେନା (୨୮) ବଜାରରୁ ଔଷଧ କିଣି ଘରକୁ ଫେରୁଥିବାବେଳେ ଗ୍ରାମର ପ୍ରଦୀପ ଜେନା, ଜୀବନ ଜେନା, ଦିଲ୍ଲୀପ ଜେନା, କେଶବ ଜେନା, ସଂଜୀବ ଜେନା, ଅଜୟ ଜେନାଙ୍କ ସମେତ ଗ୍ରାମ ବାହାରୁ ଆସିଥିବା କିଛି ଭଡ଼ାଟିଆ ଗୁଣ୍ଡା ତାପସଙ୍କୁ ଏକ ଧାରୁଆ ଅସ୍ତ୍ରରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଖବର ପାଇ ତାପସଙ୍କ ପକ୍ଷରୁ କିଛି ଲୋକ ସେମାନଙ୍କୁ ଅଟକାଇବାକୁ ଯାଇ ସୁବାସ ଜେନା (୨୬), ସନ୍ତୋଷ ଜେନା(୫୨) ଚୈତନ୍ୟ ଜେନା(୫୦) ଓ ଲିଲି ଜେନା(୩୫) ଆହତ ହୋଇଥିଲେ। ଘଟଣା ଘଟିବା ପରେ ଘଟଣାସ୍ଥଳକୁ ଗ୍ରାମବାସୀଙ୍କ ସୁଅ ଛୁଟିବା ଦେଖି ଆକ୍ରମଣକାରୀ ସେଠାରୁ ଚମ୍ପଟ୍ ମାରିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ତାପସଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବସ୍ତା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଖବର ପାଇ ଘଟଣାସ୍ଥଳରେ ବସ୍ତା ଆଇଆଇସି ରଞ୍ଜିତ କୁମାର ସାହୁ, ସିଂଲା ଆଇଆଇସି ସୁଚନ୍ଦ୍ର ମହାଳିକ, ବାଲିଆପାଳ ଆଇଆଇସି ସାଲଖାନ ମୁର୍ମୁ, ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ ଓ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଖବର ଲେଖା ହେବା ସୁଦ୍ଧା ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଗ୍ରାମରେ ଶାନ୍ତି ଫେରାଇ ଆଣିବା ପାଇଁ ପୁଲିସ ମୁତୟନ ଅଛନ୍ତି। ତେବେ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନର ନିଷ୍କ୍ରିୟତା ପାଇଁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି। ଦୋଷୀଙ୍କ ଉପରେ କୋଠାର ଦଣ୍ଡ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ପାରିବାରିକ କଳହର କରୁଣ ପରିଣତି | ସ୍ତ୍ରୀକୁ ପିଟିପିଟି ମାରିଦେଲା

ଉଦଳା, ୨୮।୧୧(ସମିସ): ପାରିବାରିକ କଳହରୁ ସ୍ତ୍ରୀକୁ ପିଟିପିଟି ମାରିଦେଲା ସ୍ୱାମୀ। ଶୁକ୍ରବାର ଅପରାହ୍ଣରେ ଉଦଳା ଥାନା ତେଲଦିହୁଡ଼ି ଗ୍ରାମରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ରଞ୍ଜିତା ମଲ୍ଲିକ। ପୁଲିସ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରଶେଖର ମଲ୍ଲିକକୁ ଗିରଫ କରିଛି। ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ରଞ୍ଜିତା ଘର କାମ କରୁଥିବା ବେଳେ ଚନ୍ଦ୍ରଶେଖର ଘରକୁ ଫେରିଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଚନ୍ଦ୍ରଶେଖର ପାଖରେ ପଡ଼ିଥିବା ଏକ ବାଡ଼ିରେ ପିଟିପିଟି ତାଙ୍କୁ ନିର୍ମମ ହତ୍ୟା କରିଥିଲା। ହତ୍ୟା ସେ ରଞ୍ଜିତାଙ୍କ ମୃତଦେହକୁ ଜଗି ରହିଥିଲା। ତେବେ ଘରର ଅନ୍ୟ ସଦସ୍ୟ ପହଞ୍ଚିବା ପରେ ସେଠାରୁ ଫେରାର୍ ହୋଇଯାଇଥିଲା। ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ତାକୁ ଧରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତର ୩ଟି...

ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ୫ ବର୍ଷ ପୂର୍ବେ କେପି ଶର୍ମା ଓଲିଙ୍କ ସରକାର ମଧ୍ୟ ଏହି ବିବାଦିତ ମାନଚିତ୍ର ଜାରି କରି ଚର୍ଚ୍ଚା ସୃଷ୍ଟି କରିଥିଲେ। ଏହାକୁ ପରେ ନେପାଳ ସଂସଦ ମଞ୍ଜୁରୀ ପ୍ରଦାନ କରିଥିଲା। ନେପାର ଏହି ପଦକ୍ଷେପକୁ ଭାରତ ସେତେବେଳେ ବିରୋଧ କରିଥିଲା ଓ ଏହାକୁ ଏକତରଫା ବୋଲି କହିଥିଲା। ଉଲ୍ଲେଖଥାଉ କି, ଭାରତ ଓ ନେପାଳ ମଧ୍ୟରେ ୧୮୫୦ କିମିର ସୀମା ରହିଛି। ଏହା ଭାରତର ୫ଟି ରାଜ୍ୟ ସକ୍କିମ, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ଦେଇ ଯାଉଛି।

### ୧୭,୪୪୦ କୋଟିର...

କ୍ଷେତ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯୯୪ କୋଟି ଟଙ୍କା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ଅତିରିକ୍ତ ୪୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏଥିସହ ରାସ୍ତା ଏବଂ ସେତୁର ରକ୍ଷଣାବେକ୍ଷଣ ପାଇଁ ୨୫୦ କୋଟି ଟଙ୍କା ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଚଳିତ ଅତିରିକ୍ତ ବଜେଟ୍‌ରେ ଜିଲ୍ଲା ପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ବ୍ୟୟବରାଦ ଦ୍ୱାରା ବର୍ତ୍ତମାନ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ଖାଲି ପଡ଼ିଥିବା ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ପଦବୀର ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଅନ୍ୟପଟେ ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ମାତ୍ର ୫୭ କୋଟି ବ୍ୟୟ ବରାଦ କରିଛନ୍ତି।

### ଡିସେମ୍ବର ୪ରେ...

ଦେଇ ନଥିଲେ। ପୁଟିନଙ୍କ ଏହି ଗସ୍ତରେ ପ୍ରତିରକ୍ଷା ଚୁକ୍ତିକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଉଛି। ରୁଷିଆଠାରୁ ଭାରତ ଏସ୍-୪୦୦ ମିସାଇଲ ଡିଫେନ୍ସ ସିଷ୍ଟମର ଆହୁରି ୫ଟି ସେଟ୍ କ୍ରୟ କରିବା ନେଇ ଚୁକ୍ତି ହୋଇପାରେ। ରୁଷିଆର ସବୁଠାରୁ ଆଧୁନିକ ଫାଇଟର ଜେଟ୍ ଏସ୍‌ୟୁ-୫୭ର ୨-୩ ସ୍କ୍ୱାଡ୍ରନ ଭାରତ କ୍ରୟ କରିପାରେ। ଏଥିସହ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇପାରେ। ୩ ମାସ ତଳେ ପୁଟିନ ଭାରତ ଆସିବେ ବୋଲି କହିଥିଲେ। ପୁଟିନ ଶେଷଥର ପାଇଁ ୨୦୨୧ ଡିସେମ୍ବର ୬ରେ ଭାରତ ଆସିଥିଲେ। ସେତେବେଳେ ସେ ମାତ୍ର ୪ ଘଣ୍ଟା ପାଇଁ ଭାରତ ଆସିଥିଲେ। ଏହି ଅବସରରେ ଭାରତ ଓ ରୁଷିଆ ମଧ୍ୟରେ ୨୮ଟି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ସେହପରି ୨୦୨୪ରେ ପ୍ରଧାନମନ୍ତ୍ରୀ ଦୁଇଥର ରୁଷିଆ ଗସ୍ତ କରିଥିଲେ। ଅକ୍ଟୋବର ୨୨ରେ ବ୍ରିକ୍ସ ସମ୍ମିଳନୀ ଓ ଏହା ପୂର୍ବରୁ ଜୁଲାଇରେ ଦୁଇଦିନିଆ ଗସ୍ତରେ ରୁଷିଆ ଗସ୍ତ କରିଥିଲେ ମୋଦୀ। ସେତେବେଳେ ସେ ପୁଟିନଙ୍କୁ ଭାରତ ଗସ୍ତରେ ଆସିବାକୁ ନିମନ୍ତ୍ରଣ କରିଥିଲେ।

### ଅନ୍ଧାରରେ 'ଅନ୍ୱେଷା'...

ଚାଲୁ ରହିଛି। ତେବେ ଚଳିତବର୍ଷ ଏଥିରେ ପ୍ରଥମ ଶ୍ରେଣୀରେ ନାମଲେଖା ହୋଇନାହିଁ। ଯେଉଁମାନେ ବର୍ତ୍ତମାନ ଏଥିରେ ପାଠ ପଢ଼ୁଛନ୍ତି, ସେମାନଙ୍କ ପାଇଁ ଯୋଜନା ବଳବତ୍ତର ରହିଛି। ପରବର୍ତ୍ତୀ ସମୟରେ ନାମଲେଖା ନେଇ ସରକାର ବିଚାର କରିବେ ବୋଲି ସେ କହିଥିଲେ।

### ଧାନକିଣା: ଆରମ୍ଭରୁ...

ନାହାନ୍ତି। ଏପରିକି ମିଲରଙ୍କୁ ମାର୍କେଟୟାର୍ଡ ଆଲର୍ଟ ହୋଇନାହିଁ। ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ) ଗତ ଖରିଫ୍ ଏବଂ ରବି ଧାନ ଏଯାବତ୍ ରାଜ୍ୟରୁ ଉଠାଇ ନାହିଁ। ତେଣୁ ସରକାରଙ୍କ ପାଖରେ ଧାନ ରଖିବା ପାଇଁ ସ୍ଥାନର ଅଭାବ ରହିଛି। ସେଥିପାଇଁ ଧାନ କ୍ରୟ ପ୍ରକ୍ରିୟାରେ ବିଳମ୍ବ ହେଉଛି। ସରକାର ଚାଷୀଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ନିକଟରେ ବରଗଡ଼ରେ ମିଲର ଧାନ କିଣିବେ ନାହିଁ ବୋଲି ଖୋଲାଖୋଲି ସରକାରଙ୍କୁ ଚ୍ୟାଲେଞ୍ଜ କଲେ। ମାତ୍ର ସରକାର କୌଣସି ପ୍ରତିକ୍ରିୟା ରଖିଲେ ନାହିଁ। ଚାଷୀଟିଏ ଋଣ କରି ଚାଷରେ ପୁଞ୍ଜି ଲଗାଇଥିଲା; ଏବେ ଅଭାବୀ ବିକ୍ରି କରିବାକୁ ବାଧ ହେଲାଣି। ମାତ୍ର ସରକାର ଏଯାବତ୍ କୌଣସି ମିଲ ର ଷ୍ଟକ ଯାଞ୍ଚ କରିନାହାନ୍ତି। ଆପଣ ଚାଷୀଙ୍କୁ ରାଜ୍ୟର ମେରୁଦଣ୍ଡ ବୋଲି କହୁଛନ୍ତି। ମାତ୍ର ସେହି ମେରୁଦଣ୍ଡକୁ ଆଘାତ ଦେଉଛନ୍ତି। ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ଧାନ ବିକିବା ପାଇଁ ଟୋକନ ଦିଆଗଲା ନାହିଁ। ଚାଷୀଙ୍କୁ ଟୋକନ ନ ମିଳିଲେ ସେ ଧାନ କେମିତି ବିକ୍ରି କରିବ ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ। ତୁରନ୍ତ ସରକାର ଏଥିରେ କାର୍ଯ୍ୟାନୁଷ୍ଠାନ ନେଇ ଧାନକିଣା ଆରମ୍ଭ କରିବାକୁ ସେ ଦାବି କରିଥିଲେ।

### ଖେଞ୍ଚ ମାରିଲେ...

ସେହିପରି ଚାଷୀଙ୍କୁ ୮୦୦୦ କୋଟି ଟଙ୍କରା ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରାଯାଇଛି। ଯାହା ସରକାରଙ୍କ ପାଇଁ ଏକ ଚମକପ୍ରଦ ସଫଳତା। ଏବର୍ଷ ପ୍ରାୟ ୧୯ ଲକ୍ଷରୁ ୨୦ ଲକ୍ଷ ଚାଷୀ ପଞ୍ଜୀକୃତ କରିବାର ସମ୍ଭାବନା ଥିବାବେଳେ ପ୍ରାୟ ୯୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇପାରେ। ଏହା ନିଶ୍ଚିତ ଭାବେ ସରକାରଙ୍କ ପାଇଁ ଏକ ଆହ୍ୱାନ ଅଟେ। ରାଜ୍ୟରେ ବିଗତ ୧୦ ବର୍ଷରେ ମିଲ୍ ସଂଖ୍ୟା ଓ ଗୋଦାମ ସଂଖ୍ୟାରେ ବୃଦ୍ଧି ହୋଇନାହିଁ। ତେଣୁ ଧାନ ଯେପରି ସଠିକ୍ ଭାବେ ସଂଗ୍ରହ ହେବ ଏବଂ ସଂରକ୍ଷଣ ହେବ, ସେନେଇ ସରକାର ସୁବ୍ୟବସ୍ଥା କରନ୍ତୁ ବୋଲି ଶ୍ରୀ ଖଟୁଆ ଦାବି କରିଥିଲେ।

### ୨୦ରୁ କମ୍ ପିଲା...

ସମସ୍ୟା ବଢୁଛି। ଏହି ନିୟମରେ ସରକାର ପରିବର୍ତ୍ତନ ଆଣିବେ କି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଏହି ପ୍ରସ୍ତାବକୁ ଗୁରୁତ୍ୱର ସହ ବିଚାର କରୁଛନ୍ତି। ବର୍ତ୍ତମାନ ଯେଉଁ ଅଞ୍ଚଳରେ ନଇ, ନାଳ, ପାହାଡ଼ ପରି ପ୍ରାକୃତିକ ବାଧା ଥିବ, ସେଠାରେ ବନ୍ଦ ଥିବା ସ୍କୁଲ ଖୋଲିବା ପାଇଁ ଜିଲ୍ଲାସ୍ତରରେ ଥିବା କମିଟିରେ ଆବେଦନ କରାଯାଇପାରିବ। ରାଜ୍ୟ ସରକାର ଏହି ଆବେଦନକୁ ବିଚାର କରିବେ। ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ସରକାର ସ୍କୁଲ ପୁନଃ ଖୋଲିବା ନେଇ ନିଷ୍ପତ୍ତି ଗ୍ରହଣ କରିବେ। ଅଦ୍ୟାବଧି ରାଜ୍ୟରେ ଏ ଧରଣର ୪୬ଟି ବନ୍ଦ ସ୍କୁଲ ପୁନର୍ବାର ଖୋଲାଯାଇଛି। ଗୋଟିଏ ପ୍ରସ୍ତାବକୁ ନାକଚ କରି ଦିଆଯାଇଥିବା ବେଳେ ୪ଟି ପ୍ରସ୍ତାବ ବର୍ତ୍ତମାନ ସରକାରଙ୍କ ବିଚାରଧୀନ ରହିଛି ବୋଲି ସେ କହିଥିଲେ।

ମନ୍ତ୍ରୀଙ୍କ ଉତ୍ତରକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ। ସେ କହିଥିଲେ ଯେ ମନ୍ତ୍ରୀ ଯେଉଁ ଜିଲ୍ଲାସ୍ତରୀୟ କମିଟି କଥା କହୁଛନ୍ତି, କେଉଁ ଜିଲ୍ଲାରେ ଉକ୍ତ କମିଟି କେତେଥର ବସିଛି? ରାଜ୍ୟ ସରକାର ନିର୍ବାଚନ ବେଳେ ରାଜ୍ୟରେ ବନ୍ଦ ହୋଇଥିବା ସ୍କୁଲ ପୁନର୍ବାର ଖୋଲିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସରକାରକୁ ଆସିବା ପରେ ତାହା ଭୁଲିଗଲେ ବୋଲି ପ୍ରମିଳା କଟାକ୍ଷ କରିଥିଲେ।

### ୧୯ ରାଜ୍ୟରେ...

ପର୍ଯ୍ୟନ୍ତ ରାଜ୍ୟଗୁଡିକ ଦ୍ୱାରା କରାଯାଇଥିବା ପ୍ରକୃତ ଖର୍ଚ୍ଚ କେବଳ ପ୍ରାୟ ୩.୦୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆର୍ଥିକବର୍ଷ ୨୦୨୫-୨୬ର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର) ରେ କେନ୍ଦ୍ରର ମୋଟ ପୁଞ୍ଜି ବ୍ୟୟ ବଜେଟ ଆକଳନର ୫୨% ରହିଥିଲା। ଆର୍ଥିକବର୍ଷ ୨୦୨୫-୨୬ର ର ପ୍ରଥମ ୭ମାସ (ଏପ୍ରିଲ-ଅକ୍ଟୋବର)ରେ ରାଜ୍ୟଗୁଡ଼ିକ ସେମାନଙ୍କ ବଜେଟ ରାଜସ୍ୱ ଖର୍ଚ୍ଚର ପ୍ରାୟ ୪୭.୨% ବ୍ୟବହାର କରିଛନ୍ତି। ୧୯ଟି ରାଜ୍ୟର କ୍ରମାଗତ ରାଜସ୍ୱ ଖର୍ଚ୍ଚ ୪୩.୮ ଲକ୍ଷ କୋଟି ଟଙ୍କାର ବଜେଟ ଆକଳନ ତୁଳନାରେ ୨୦.୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ହିମାଚଳ ପ୍ରଦେଶ (୫୬.୫ ପ୍ରତିଶତ), ଆନ୍ଧ୍ର ପ୍ରଦେଶ (୫୫.୫ ପ୍ରତିଶତ) ଏବଂ ପଞ୍ଜାବ (୪୫.୭ ପ୍ରତିଶତ) ରେ ରାଜସ୍ୱ ବ୍ୟୟ ଉପଯୋଗ ହାର ତୁଳନାତ୍ମକ ଭାବରେ ଅଧିକ ଥିଲା। ତଥାପି, ମହାରାଷ୍ଟ୍ର (୪୩ ପ୍ରତିଶତ) ଏବଂ ତ୍ରିପୁରା (୪୦.୩ ପ୍ରତିଶତ) ଏହି କ୍ଷେତ୍ରରେ ସବୁଠୁ ତଳେ ରହିଛନ୍ତି।


Phone No. (06854) 241159/232717
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.**
HEAD OFFICE : N.K.T. ROAD, JEYPORE-764003,D IST.: KORAPUT (ODISHA)
Letter No. 5065/P&S/2025-26 Date 25.11.2025

**QUOTATION CALL NOTICE**

Sealed quotations are invited from the Authorised dealer with supported valid GST & PAN are requested to submit their sealed quotations before the undersigned on or before **Dt. 03.12.2025** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as **Air Conditioner** on envelop.

The tender will be opened on **Dtd. 04.12.2025** at **4.30 P.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | No. of Items required approximately | Proposed Installation Sight/Place |
|---|---|---|---|
| 1. | Air Conditioners Cost (Make: **Voltas/ Haier/ Carrier,** 1.5 Ton Capacity, 5 Star rated, Inverter Split AC (Copper Condenser, White in colour) | 12 | Installation sight under all or any Branch bank of the Koraput C. C Bank Ltd., Jeypore within undivided Koraput Districts (Place will be mentioned at the time of P.O supplied). |
| 2. | Stabilizer Cost (Make: Luminous/ Leotronix – Automatic) | | |
| 3. | Transportation & Installation Charges | | |
| 4. | A.C Stand for outdoor per unit, if required | | |
| 5. | Extra Copper pipe per feet, if required | | |
| 6. | Warranty / Guarantee | | |

The above items should be quoted including GST, Transportation, Installation charges and supply at any branch bank of the Koraput Central Cooperative Bank Ltd., Jeypore (within undivided Koraput District). The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary
K.C.C. Bank Ltd. Jeypore



ଭା.କ.ନି. CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ୍ — कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୨୮.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



**SAMBALPUR DISTRICT CO-OPERATIVE CENTRAL BANK**
QUOTATION CALL NOTICE NO.
4216/CB/CT/2025-26, dt.27.11.2025

Sambalpur District Co-Operative Central Bank (SDCCB) invites Quotation call notice for Purchase of New Water Purifier and Water Freezer for branches under Sambalpur District Cooperative Central Bank Ltd., Bargarh. For details please visit websites: www.sambalpurdccb.bank.in.The last date for receipt of proposal is 06.12.2025 at 3.00 PM. SDCCB reserves the right to accept/ reject any/ all Quotation without assigning any reason thereof.

Sd/-
Chief Executive Officer

SAMBALPUR DISTRICT CO-OPERATIVE CENTRAL BANK
HEAD OFFICE: BARGARH-768028
Email:headoffice@sambalpurdccb.com



**AFFIDAVIT**

By virtue of an affidavit before the Notary Public, Titilagarh, on dated-27/11/2025. I, **Phakira Harpal** (applicant name), S/o- Raju Harpal, permanent resident of AT-Sargiguda, Titilagarh, PO/PS-Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Tanmayee Harpal** (old name) to **Priyatama Harpal** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Priyatama Harpal** (new name) for all future purposes. **Phakira Harpal**

**AFFIDAVIT**

By Virtue of an affidavit sworn before Executive Magistrate and Tahasildar Basta, Sl No- 4494 Dt-25/11/2025.Bhupati Kamila,S/o Jhadeswar Kamila permanent resident of At-Kainda,Po-Irda,Ps-Singla/Dist-Balasore,Pin-756080. Declared that I Have Changed the name & address of my Minor Son MANIK DAS to SAISUMAN KAMILA & the same address. Hence this affidavit He shall be known as SAISUMAN KAMILA. MANIK DAS and SAISUMAN KAMILA same and one person for all future purposes.
**Bhupati Kamila**

**AFFIDAVIT**

By the virtue of an affidavit sworn before Executive Magistrate, Bhubaneswar, dated 26.11.2025, I, **DRAUPADI SWAIN**, At-Benapur, Po- Kantigadia, PS-Badachana, District- Jajpur, Pin-755049 declare that I have changed my name from **DOUPADI SWAIN** to **DRAUPADI SWAIN**. Henceforth, I shall be known as **DRAUPADI SWAIN** for all purposes.
**Sd- (DRAUPADI SWAIN)**

**AFFIDAVIT**

By virtue of an affidavit before Executive Magistrate, Bhubaneswar, on dated 28.11.2025, I Sarbeswar Nayak resident of Vill/Po- Lunga, Ps-Basudevpur, Dist- Bhadrak, Odisha, PIN- 756124 , declare that I have changed my daughter's name from Priyadarsini Nayak to Harapriya Nayak . Henceforth, she shall be known as **HARAPRIYA NAYAK** for all purposes.

**AFFIDAVIT**

By virtue of an affidavit before Executive Magistrate, Bhubaneswar, on dated 28.11.2025, I Soumyaranjan Barik, resident of At/Po- Jhajia, VTC- Jhajia, Sub- Dist-Badamba, Ps- Badamba, Dist-Cuttack, Odisha, PIN- 754031, declare that I have changed my name from Soumyaranjan Bariki to Soumyaranjan Barik . Henceforth, I shall be known as **SOUMYARANJAN BARIK** for all purposes.

**AFFIDAVIT**

I, Tabassum Jahan wife of Gulam Moinuddin Khan, resident of Ward No.- 25, Plot No.- N-1/316, IRC Village, P.O.- IRC Village, P.S.- Nayapalli, Bhubaneswar, Dist.- Khordha, Odisha-751015 declare by this affidavit No.- 11, dated 04.11.2025 that now onwards I shall be known as TABASUM JAHAN for all future purposes.
**Sd/- Tabasum Jahan**

**AFFIDAVIT**

By virtue of an affidavit before Notary Public, Bhubaneswar, on dated, 27.11.2025, I Yasmini Pradhan, resident of Madhusudan Nagar, Chhanaghar, Po/Ps- Jatni, Dist- Khordha, Odisha, PIN-752050, declare that I have changed my name from Yasmini Begum to Yasmini Pradhan . Henceforth, I shall be known as **YASMINI PRADHAN** for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 27.11.2025 I, CHAITANYA DHAKAD, S/o- Late. Ghenua Dhakad, Vill.- Maliguda, Po.- Sindhigaon, Ps.-Nabarangpur, Dist.- Nabarangpur, Odisha, Pin - 764059, declare that I have changed my name from **HARICHANDRA DHAKAD** to **CHAITANYA DHAKAD**. Henceforth, I shall be known as **CHAITANYA DHAKAD** for all purposes.
Sd/- CHAITANYA DHAKAD

**NOTICE**

By virtue of an affidavit sworn before Executive Magistrate, Baripada, Mayurbhanj, dated 24/11/2025, I SUNITA AGARWAL , W/o Sunil Kumar Agarwal At-M.P.C College Front, Baripada, Po/Ps – Baripada Town , Dist – Mayurbhanj, Pin – 757001 declare that I have changed my name from SUNITA MURARKA to SUNITA AGARWAL. Henceforth, I shall be known as SUNITA AGARWAL for all purposes.
**Sd/- SUNITA AGARWAL**



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-SIG-ZONAL-JJKR-519, ତା.24.11.2025ରିଖ

କାର୍ଯ୍ୟର ନାମ : 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/ଯାଜପୁର କେନ୍ଦୁଝର ରୋଡ୍ (JJKR) ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ (₹): 87,39,806.64, EMD (₹) : 1,74,800.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.02.12.2025 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.12.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଥାରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-847/Q/25-26



**AFFIDAVIT (For Minor)**

By virtue of an affidavit sworn before Executive Magistrate, Banpur, vide no.- 4311, dated-28/11/2025 I, Mohan Sahoo, aged about- 42yrs., Address S/o- Panu Sahoo, At- Sunakera, Po.- Banpur, Ps.- Banpur, Dist.- Khordha, Odisha, Pin-752031, declare that, I have changed the name of my minor son from **Ankit Pradhan** to **Ankit Sahoo**. Henceforth, he shall be known as **Ankit Sahoo** for all purposes.
Sd/- Ankit Sahoo

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 25.11.2025 I, BANITA MUDULI , W/o- Dinesh Muduli, At Village- Bejuguda, Po.- Bejuguda, Ps.- Tentulikhunti, Dist.- Nabarangpur, Odisha, Pin - 764070, declare that I have changed my name from **BANITA JHADIA** to **BANITA MUDULI**. Henceforth, I shall be known as **BANITA MUDULI** for all purposes.
Sd/- BANITA MUDULI

**AFFIDAVIT**

By virtue of an affidavit sworn before Executive Magistrate, Bissam Cuttack, vide no.- 2743, dated- 24/11/2025 I, Hari Saraka, S/o- Late Padan Saraka for resident of Vill.- Munda, Po.- Jhigidi, Ps.- Bissam Cuttack, Dist.- Rayagada, Odisha, PIN-765019 declare that, I have changed the name of my minor daughter from **Progati Saraka** to **Pooja Saraka**. Henceforth, she shall be known as **Pooja Saraka** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 26.11.2025 I, DHANURJAYA BHATARA, S/o - Narahari Bhatara , Village- Danaguda, Po.- Sanamasigam, Ps.- Nabarangpur, Dist.- Nabarangpur, Odisha, Pin - 764063, declare that I have changed the name of my Son from **HARDING BHATRA** to **NARASINGH BHATARA**. Henceforth, he shall be known as **NARASINGH BHATARA** for all purposes.
Sd/- Dhanurjaya Bhatara

**AFFIDAVIT**

By virtue of an affidavit (CF No. 103, date 25/11/2025) sworn before the Executive Magistrate, Bhubaneswar, I, **Sanjeet Kumar Mohanty,** S/o Late Trilochan Mohanty, resident of At Plot No. 1036/A, Lane-4, Santinagar, Korndakana, PO- Budheswari, PS-Laxmisagar, Bhubaneswar, Dist-Khordha, PIN- 751006, Odisha declare that I have corrected my minor son's name from **Subhanjeet Mohanty** to **Sivan Mohanty** and date of birth from **24/08/2013** to **14/02/2014.** Henceforth, he shall be known as **Sivan Mohanty** (**DOB: 14/02/2014**) for all future purposes.

**AFFIDAVIT**

I, Swaroop Ramdas Taksande, S/o- Late Ramdas Sonuji Taksande, resident of D-170, Nalco Nagar, Phase 1, Nalco Square, Bhubaneswar, Dist.-Khordha, Odisha-751012, do hereby declare by this affidavit No-313, dtd 27.11.2025 that I have changed the name of my minor daughter from **Tushita Taksande** to **Tushita Swaroop Taksande**. That now onwards my daughter shall be known as **Tushita Swaroop Taksande** for all future purposes.



ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com

• **B. Pharm** *Rs. 58,000/- P.A.* Eligibility: +2 Sc. (PCB/M & OJEE Appeared)
• **D. Pharm** *Rs. 48,000/- P.A.* Eligibility: +2 Sc. (PCB/M)
• **B.M.L.T.** *Rs. 58,000/- P.A.* Eligibility: +2 Sc. (PCB/M with 50 % Mark)
• **D.M.L.T.** *Rs. 48,000/- P.A.* Eligibility: +2 Sc. Pass (PCB/M)
• **M.P.H.** *Rs. 42,000/- P.A.* Eligibility: Any Graguate

ALL COURSE FEES ARE EXCLUDING HOSTEL

# ଖୋଲା ଆକାଶ ତଳେ 'ଅପୂଜା ମହାଦେବ'

ବାରିକପୁର,୨୮ ।୧୧(ସମିସ)

ଭଣ୍ଡାରିପୋଖରୀ ବ୍ଲକର ୩ନଂ. ହାଇଲେବୁଲ କେନାଲ ପାର୍ଶ୍ୱରେ ରହିଛି ବାବା ଅପୂଜା ମହାଦେବଙ୍କ ପୀଠ । ହେଲେ ଏହି ପୀଠ ଦୀର୍ଘ ବର୍ଷ ହେବ ଅବ୍ୟବସ୍ଥା ଦେଇ ଗତିକରୁଛି । ରାମଚନ୍ଦ୍ରପୁର ପଞ୍ଚାୟତ ପାର୍ବତୀ ନିକଟସ୍ଥ ରଣଜିତ ରାଜସ୍ୱ ଗାଁର ଚାଷ ଜମି ଘେରା ମଧ୍ୟରେ ଏହି ପୀଠଟି ଅବସ୍ଥିତ । ଅଞ୍ଚଳର ସର୍ବ ପୁରାତନ ଶୈବ ପୀଠ ଭାବେ ଅପୂଜା ମହାଦେବଙ୍କ ନାଁ ରହିଥିବା ବେଳେ ଉକ୍ତ ବୈଦିକ ସ୍ଥଳୀର ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ କେହି ନଜର ନ ଦେବା ପରିତାପର ବିଷୟ। ଇଟା ପାଚେରୀ ବୁଲା ଅର୍ଦ୍ଧ ନିର୍ମିତ ଛୋଟ ଗୃହରେ ମହାଦେବ ପ୍ରତିଷ୍ଠା ହୋଇଥିବା ବେଳେ ଖରା ବର୍ଷାରେ ଭଗବାନ ଦୈନିକ ପୂଜା ପାଉଛନ୍ତି। ପୀଠକୁ ଲାଗି କେବଳ ନଳକୂପଟିଏ ରହିଥିବା ବେଳେ ଅନ୍ୟ ଗୋଟିଏ ଅର୍ଦ୍ଧ ନିର୍ମିତ କ୍ଷୁଦ୍ର ବାସଗୃହଟିଏ ରହିଛି । ଏଠାରେ ବାର୍ଷିକ ଉତ୍ସବ ଭାବେ ମକର ସଂକ୍ରାନ୍ତି ବେଶ ଧୁମଧାମରେ ପାଳନ ହେଉଥିବା ବେଳେ ଅନ୍ୟାନ୍ୟ ପର୍ବପର୍ବାଣିରେ ମଧ୍ୟ ଭକ୍ତଙ୍କ ବେଶ ସମାଗମ ହୋଇଥାଏ। ସପ୍ତାହର ପ୍ରତ୍ୟକ ସୋମବାର ସହିତ ଅନ୍ୟାନ୍ୟ ଦିନରେ ମଧ ଭକ୍ତ ମାନେ ପୀଠକୁ ଯାଇ



ମହାଦେବଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଭାବ ଭକ୍ତିର ସହିତ ମାନସିକ କଲେ ମହାଦେବ ସମସ୍ତ ଦୁଃଖ ଦୁର୍ଦ୍ଦଶା ଦୂର କରିଥାନ୍ତି ବୋଲି ଅନେକ ଜନସାଧାରଣ ମତ ଦେଇଛନ୍ତି। କେନାଲ ରାସ୍ତାରୁ ମାତ୍ର ୫୦ମିଟର ମଧ୍ୟରେ ପୀଠଟି ରହିଥିବା ବେଳେ ଚତୁଃପାର୍ଶ୍ୱରେ ଚାଷ ଜମି ଘେରି ରହିଛି। ଦୈନିକ ସ୍ଥାନୀୟ ପୂଜକ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଯଦିଓ କିଛି ଦିନ ପୂର୍ବରୁ ପୀଠର ବିକାଶ ପାଇଁ ପଞ୍ଚାୟତ ତରଫରୁ କିଛି ଅନୁଦାନ ଯୋଗାଇ ଦିଆଯାଇଥିଲା; କିନ୍ତୁ ସରକାରୀ ନିୟମ ବିକାଶରେ ଅନ୍ତରାୟ ସୃଷ୍ଟି କରିଥିଲା। ଯେଉଁଥିପାଇଁ ବୈଦିକ ସ୍ଥଳୀର ସାମାନ୍ୟ ଉନ୍ନତି ମଧ୍ୟ ଏଯାଏଁ ହୋଇପାରିନାହିଁ। ସଂପ୍ରତି ବୈଦିକ ଅନୁଷ୍ଠାନ, ପୁରୁଣା କୀର୍ତିରାଜି ଓ ଦେବସ୍ଥଳୀଗୁଡିକର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର କୋଟିକୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଦେବ ଦେବ ମହାଦେବ ଖରା ବର୍ଷା କାକରରେ ବର୍ଷ ବର୍ଷ ଧରି ପଡି ରହିଛନ୍ତି। ତେଣୁ ଏହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଜୋର ଧରିଛି।

# ଲିଙ୍ଗଗତ ହିଂସା ବିରୋଧୀ ସଚେତନତା ଅଭିଯାନ

ଭଦ୍ରକ,୨୮ ।୧୧(ସମିସ): ଜିଲ୍ଲା ପ୍ରଶାସନ ଭଦ୍ରକ ଓ ଫେଲୋସିପ୍, ଆସିୟାନା, ନୁହାସ୍, ଶକ୍ତିସଦନ ମିଳିତ ଆନୁକୂଲ୍ୟରେ ଫେଲୋସିପ୍‌ର ସମ୍ପାଦକ ସେକ୍ ମହମ୍ମଦ ଫାରୁକଙ୍କ ସଭାପତିତ୍ୱରେ ଷୋଡଷ ଦିବସୀୟ ଲିଙ୍ଗଗତ ହିଂସା ଅଭିଯାନର ତୃତୀୟ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଭଦ୍ରକ ପୌରପାଳିକା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହିଥିରେ ମୁଖ୍ୟ ଅତିଥିଭାବେ ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ୍ ଏବଂ ଅତିଥିଭାବେ ୧୪ନଂ ୱାଡର୍‌ର କାଉନ୍‌ସିଲର ସେକ୍ ଜହିରୁଦ୍ଦିନ୍, ୱାନ୍ ଷ୍ଟପ୍‌ର ସେଣ୍ଟର କେଶ୍ ୱାର୍କର ସସ୍ମିତା ପ୍ରିୟଦର୍ଶିନୀ, ଆସିଆନ୍‌ର ସଂଯୋଜକ ରିଆଜ ଅହମଦ ପ୍ରମୁଖ ଯୋଗ ଦେଇ ଲିଙ୍ଗଗତ ବୈଶ୍ୟମତା, ସମାନତା ଓ ଟୋଲ୍ ଫ୍ରି ହେଲ୍ପଲାଇନ୍ ନଂ ୧୮୧, ଜରୁରୀକାଳୀନ ସେବା ୧୧୨, ଚାଇଲ୍ଡ ହେଲ୍‌ପ୍‌ଲାଇନ୍ ୧୦୯୮ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଗୁଲମକ୍କୀ ହବିବ୍ ତାଙ୍କ ବକ୍ତବ୍ୟରେ ଆଜିର ସମାଜରେ ମହିଳାମାନେ କିପରି ବିଭିନ୍ନ ହିଂସାରେ ପୀଡ଼ିତ ହେଉଛନ୍ତି ତାହା ଉପସ୍ଥିତ ମହିଳାମାନଙ୍କୁ ବୁଝାଇଥିଲେ। ସଭାପତି ଏସ୍.ଏମ୍. ଫାରୁକ ତାଙ୍କ ବକ୍ତବ୍ୟରେ କୌଣସି ପ୍ରକାର ହିଂସାକୁ ସହ୍ୟ ନକରି ବିଭିନ୍ନ ହେଲ୍ପ ଲାଇନ୍ ନମ୍ବରରେ ଯୋଗାଯୋଗ କରିବା ସହିତ ଆଇନ୍‌ର ସହାୟତା ନେବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ବାନ ଲୋକାଲ୍ ଅଫିସିଆଲ, ଏସ୍.ଏଚ୍.ଜି.ଗ୍ରୁପ୍, ମିଶନ ଶକ୍ତି ଫେଡ଼େରେସନ୍, ଲୋକାଲ୍ ଏନ୍.ଜି.ଓ ଯୋଗଦାନ କରିଥିଲେ। ଶକ୍ତିସଦନର ସୁପରିଣ୍ଟେଣ୍ଡେଣ୍ଟ ଯୋଗାମାୟା ଚାନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଲିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଗଦେଲେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ

ଭଦ୍ରକ,୨୮ ।୧୧(ସମିସ): ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀଟି ୩୧.୩.୨୫ ତାରିଖରୁ ଖାଲି ପଡିଛି। ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଅବସର ଗ୍ରହଣ ପରେ ଏହି ପଦବୀ ଖାଲି ପଡିଥିଲା । ପରେ ଗତ ୧.୪.୨୫ତାରିଖରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଏନେଇ ଦୈନିକ "ସକାଳ'ରେ ୫ମାସ ହେଲା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ଖାଲି... ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶନ ପରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗଙ୍କ ଆଦେଶ ସଂଖ୍ୟା ୧୭୬୦୪,୨୫.୧୧.୨୫ ତାରିଖ ଅନୁଯାୟୀ ନିଯୁକ୍ତି ପାଇଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଆଜି ଜିଲ୍ଲାପାଳଙ୍କ ପାଖରେ ଯୋଗଦାନ କରିଛନ୍ତି। ଏହି ମର୍ମରେ ଏକ୍ସ ପେଜରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏନେଇ ସୂଚନା ଦିଆଯାଇଛି। ଆଜି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ମହାପାତ୍ର କାର୍ଯ୍ୟଭାର ଗ୍ରହଣ ପରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱ ରେ ଥିବା ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ବର୍ତ୍ତମାନ ସ୍ଥିତି ଉପରେ ବୁଝାଇଥିଲେ। ସୂଚନା ଯୋଗ୍ୟ ଯେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ଗତ ୧.୦୪.୨୫ରୁ ଅଦ୍ୟାବଦୀ ଖାଲି ରହିଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଲିସାରାଣୀ ରାଉତ୍, ମିନାକ୍ଷୀ ଗରାବରୁ ଓ ପ୍ରଫୁଲ୍ଲ ଦାସ ନୂତନ ଅଧିକାରୀଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।



ସକାଳ ପ୍ରଭାବ

# ନେରଡାରେ କୁରାଳ ପଞ୍ଚମୀ ପାଳିତ

ବାରିକପୁର,୨୮ ୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ନେରଡା କୁମ୍ଭାର ସାହିରେ ପବିତ୍ର କୁରାଳ ପଞ୍ଚମୀ ଉପଲକ୍ଷେ ଲକ୍ଷ୍ମୀ ନାରାୟଣଙ୍କ ପୂଜା ଉତ୍ସବ ଭାବ ଭକ୍ତିର ସହିତ ପାଳିତ ହୋଇଯାଇଛି। ସ୍ଥାନୀୟ ବୈତରଣୀ ନଦୀରେ ଘଟ ଉତ୍ତୋଳନ ପରେ ଅଧିବାସ ଓ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ବୈଦିକ ରୀତିନୀତି ଅନୁଯାୟୀ ପୂଜକ ରବିନ୍ଦ୍ର କୁମାର ମିଶ୍ର ଲକ୍ଷ୍ମୀ ନାରାୟଣଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ଗଣେଶ ରଣା ଓ ସୁଷମା ରଣା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା ଉତ୍ସବ ପାଇଁ ଆୟୋଜକ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସମେତ ଆଖପାଖ ଅଂଚଳର ବୋହୁ ଜନସାଧାରଣ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବକୁ ପାଗଳ ବେହେରା, ମଦନମୋହନ ବେହେରା, ଶୁକ ସାହୁ, ନରେନ୍ଦ୍ର ବେହେରା, ଧନେଶ୍ୱର ବେହେରା, ପ୍ରାଣକୃଷ୍ଣ ବେହେରା, ରାଧାଶ୍ୟାମ ବେହେରା, ରସାନନ୍ଦ ବେହେରା, ନାରାୟଣ ବେହେରା, କିଶୋର ବେହେରା ପ୍ରମୁଖ ପରିଚାଳନା କରିଥିଲେ।



# ଶିକ୍ଷାବିତ୍ ଅଶୋକ ପାଣିଗ୍ରାହୀଙ୍କ ପରଲୋକ



ଭଦ୍ରକ,୨୮ ।୧୧(ସମିସ):ଅତ୍ୟନ୍ତ ଶୋକର ବିଷୟ ଏହିକି ଭଦ୍ରକ ବ୍ଲକ ଅନ୍ତର୍ଗତ ଗେଲପୁର ପଞ୍ଚାୟତ ଅଧୀନ ଗେଲପୁର ଗାଁର ବୈଷୟିକ ଶିକ୍ଷାବିତ୍, ଜ୍ଞାନୀଗୁଣୀ, ଧର୍ମପରାୟଣ ତଥା ଷ୍ଟେଟ୍ ଟେକ୍‌ନିକାଲ କାଉନ୍‌ସିଲର ପୂର୍ବତନ ଭିସି ଅଶୋକ କୁମାର ପାଣିଗ୍ରାହୀଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି । ସ୍ୱର୍ଗତ ପାଣିଗ୍ରାହୀ, ଜୟମାଧବ ପାଣିଗ୍ରାହୀଙ୍କ ଜ୍ୟେଷ୍ଠ ପୁତ୍ର ତଥା ବରିଷ୍ଠ ବିଜେଡିନେତା ଅସିତ୍ କୁମାର ପାଣିଗ୍ରାହୀଙ୍କ ବଡଭାଇ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗେଲପୁର ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ଅଶୋକ ପାଣିଗ୍ରାହୀ ଗେଲପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରି.ଳନା କମିଟି ସଭାପତି ଓ ଅନ୍ୟାନ୍ୟ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ଗେଲପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

# ୪ ବାଲି ବୋଝେଇ ଟ୍ରକ ଜବତ

ବାରିକପୁର,୨୮ ।୧୧(ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଗତ ଗୁରୁବାର ରାତିରେ ୪ଟି ବାଲି ଟ୍ରକକୁ ଜବତ କରାଯାଇଛି । ଥାନା ଅଧିକାରୀଣି ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ବାଲିଗାଡିକୁ ଯାଞ୍ଚ କରାଯାଇଥିଲା। ବାଲି ପରିବହନ ନେଇ କୌଣସି ସଠିକ୍ କାଗଜ ପତ୍ର ନମିଳିବାରୁ ସେଗୁଡ଼ିକୁ ଜବତ କରାଯାଇଛି। ଏନେଇ ଥାନା ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି। ସଂପ୍ରତି ବୈତରଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ପକ୍ଷରୁ ଏହାକୁ ରୋକଲଗାଇବା ପାଇଁ ଉଦ୍ୟମ ଜାରି ରହିଛି ।

# ଗୌରାଙ୍ଗ ବାରିକଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର



ଭଦ୍ରକ,୨୮ ।୧୧(ସମିସ): ଭଦ୍ରକ ଜିଲ୍ଲା ରାନ୍ଦିଆ କୋରଟହ ଗାଁର ଲୋକ ନାଟ୍ୟ ମୋଗଲତାମସା ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ-୨୦୨୪ ପାଇଁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର ଲୋକସେବା ଭବନରେ ବୁଧୁବାର ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ବାରିକଙ୍କୁ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟକେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବାବୁ ସିଂ, ଆକାଶ ଶ ଦାସ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶ୍ରୀ ବାରିକ ଲୋକନାଟ୍ୟ ମୋଗଲ ତାମ୍‌ସାରେ ଦୀର୍ଘଦିନ ହେବ ଅଭିନୟ କରି ସୁନାମ ଅର୍ଜନ କରିଥିବା ବେଳେ ଜଣେ ସଫଳ ନିର୍ଦ୍ଦେଶ ଭାବେ ମଧ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ସେ ରାଜ୍ୟ ତଥା ରାଜ୍ୟ ବାହାରେ ଲୋକନାଟ୍ୟ "ମୋଗଲ ତାମ୍‌ସା'କୁ ମଞ୍ଚସ୍ଥ କରିବା ସହିତ ପ୍ରସାର ଓ ପ୍ରଚାର ଚାର କରାଇ ଲୋକନାଟ୍ୟକୁ ଉଜ୍ଜୀବିତ କରିବା ସଙ୍ଗେସଙ୍ଗେ ଭଦ୍ରକର ଗୌରବକୁ କୁ ଅକ୍ଷୁଣ୍ଣ ରଖିବାରେ ପ୍ରୟାସ ଜାରି ରଖିଛନ୍ତି। ବିମଳା ନାଟ୍ୟ ସଂସଦର ସମ୍ପାଦକ ରହି ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକରି ନିଜର ଦାୟୀତ୍ୱ ସୂଚାରୁ ରୂପେ ସମ୍ପାଦନ କରି ବେଶ ପରିଚିତ ହୋଇଛନ୍ତି। ସେ ଜଣେ ସୁସଙ୍ଗଠକ ଭାବରେ ବହୁ ଅନୁଷ୍ଠାନ ସହ ଜଡିତ ରହି ସାମାଜିକ, ସାଂସ୍କୃତିକ, ସାଙ୍ଗଠନିକ ଓ ସମାଜକଲ୍ୟାଣ କାର୍ଯ୍ୟକରି ଲୋକପ୍ରିୟ ହୋଇପାରିଛନ୍ତି।

# ଖାନକା ସରିଫର ବାର୍ଷିକ ଉର୍ସ ଉତ୍ସବ



ଧାମନଗର,୨୮ ।୧୧(ସମିସ):ଧାମନଗର ସ୍ଥିତ ହଜରତ ପୀରବାବା ହୋଜୁର ମୁଜାହିଦ୍-ଏ-ମିଲ୍ଲିତଙ୍କ ପାଳିତ ପୁଅ ତଥା ପ୍ରସିଦ୍ଧ ପୀଠ ଖାନକା ସରିଫର ପ୍ରଥମ ମତ୍ୱଲ୍ଲି ହଜରତ ମୌଲାନା ଅବଦୁଲ ଓହିଦଙ୍କ ୩୫ତମ ବାର୍ଷିକ ଉର୍ଷ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବଦୁଲ ଓହିଦଙ୍କ ଆସ୍ଥାନକୁ ଗୋଲାପ ଜଳ ଓ ଚନ୍ଦନରେ ବର୍ତ୍ତମାନର ଖାନକା ସରିଫ୍ ମତ୍ୱଲ୍ଲୀ ଅଲହାଜ୍ ସୟଦ୍ ଗୋଲାମ ମହମ୍ମଦ ହବିବିଙ୍କ ପୁଅ ସୟଦ ହବିବ୍ ରଜା ହବିବିଙ୍କ କରକମଳରେ ଗୋସଲ ସରିଫ୍ (ସ୍ନାନ) କରାଇଥିଲା। ପରେ କୋରାନ୍ ଖାନି ଓ ଫାତେହା କାର୍ଯ୍ୟକ୍ରମ ସରିବା ପରେ ସର୍ବ ସାଧାରଣରେ ଦର୍ଶନ ଆରମ୍ଭ ହୋଇ ମଧ୍ୟାହ୍ନରେ ଲଙ୍ଗର(ଭୋଗ) ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଧାମନଗର ଶାମପୁର ସ୍ଥିତି ନାୟକ ସାହି ଇସଲାମ ନଗରଠାରେ ରାତି ୮ଟା ରେ ଏକ ଜଲସା କାର୍ଯ୍ୟକ୍ରମ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୌଲାନା ଅବଦୁଲ ଓହିଦଙ୍କ ପାଇଁ ଆଜି ଧାମନଗରରେ ହୋଜୁର ମୁଜାହିଦ୍-ଏ-ମିଲ୍ଲିତ ରହିଛନ୍ତି ବୋଲି ମୌଲାନା ଓ କବି ସୂଚନା ଦେଇଥିଲେ। ଏହି ଅବସରରେ ସେକ ଗୋଲାମ ମହମ୍ମଦ ମୋଜାହିଦୀ, ଗୋଲାମ ମୁସ୍ତଫା ହବିବିଙ୍କ ତତ୍ତ୍ୱାବଧାନରେ ଜଲସା କାର୍ଯ୍ୟକ୍ରମଳରେ ହଜରତ ମୌଲାନା ହବିବି ରଜା ହବିବି, ବିଶିଷ୍ଟ ସମାଜସେବୀ ଆଲହାଜ ଏମଡି ଡାକ୍ତର ସାଦିକ୍, ସାୟାର ସେକ ସାଇଦ ରଜା, ମୌଲାନା ଅବଦୁଲ ମାନ୍ନାନ ହବିବିଙ୍କ ସମେତ ମୌଲାନା ଓ ଅନ୍ୟ ସାୟାର ଓ କବି ପ୍ରମୁଖ ଯୋଗ ଦେଇ ଜଲସା, ମୁସାୟେରା ଓ ତକ୍ରୀର ଏବଂ ଧାର୍ମିକ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଗୋଲାମ ଜିଲାନି ହବିବି, ସେକ ଜାଫର ହବିବି, ସମାଜସେବୀ ଏମଡି ତାଜୁଦ୍ଦିନ ହବିବି ପ୍ରମୁଖ ଜଲସା ପରିଚାଳନାରେ ସହଯୋଗ କରିଥିଲେ।

# ସତ୍ୟାନନ୍ଦ ବିନ୍ଧାଣୀଙ୍କ ସ୍ମୃତିଚାରଣ ସଭା

ଭଦ୍ରକ,୨୮ ।୧୧(ସମିସ): ଛାତ୍ର ଜୀବନରୁ ଶିକ୍ଷକତା ପର୍ଯ୍ୟନ୍ତ ଜଣେ ସରଳ, ଭଦ୍ର, ମିଷ୍ଟଭାଷୀ, ମେଳାପୀ ଥିଲେ ସ୍ୱର୍ଗତ ସତ୍ୟାନନ୍ଦ ବିନ୍ଧାଣୀ। ସେ ଜଣେ ମେଧାବୀ ଛାତ୍ର ଭାବେ ଯେମିତି ତାଙ୍କର ସୁନାମ ଥିଲା ସେମିତି ଜଣେ ଉତ୍ତମ ଶିକ୍ଷକ ଭାବେ ପରିଚିତ ଥିଲେ ବୋଲି ତାଙ୍କ ଏକାଦଶାହ ଅବସରରେ ଆୟୋଜିତ ସ୍ମୃତି ଚାରଣ ସଭାରେ ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷିକେଶ ମିଶ୍ରଙ୍କ ସଭାପତିତ୍ୱରେ ବନ୍ତ ବ୍ଲକ



ଆଡିଆ ସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଚତୁର୍ଭୁଜ ପହି, ଶିକ୍ଷାବିତ କାଳନ୍ଦୀ ଚରଣ ଖୁଣ୍ଟିଆ, ସିଦ୍ଧେଶ୍ୱର ପଣ୍ଡା, ପରମାନନ୍ଦ ପଣ୍ଡା, ଲାଲମୋହନ ପୁହାଣ ଶିକ୍ଷକ ଜଗନ୍ନାଥ ମଲ୍ଲିକ, ବ୍ରିଗେଡ ସ୍କୁଲ ଅଧ୍ୟକ୍ଷ ହରିହର ଜେନା ପ୍ରମୁଖ ତାଙ୍କ ଉତମ ଚରିତ୍ର ଓ ତାଙ୍କ ଗୁଣାବଳୀ ବିଷୟରେ ସ୍ମୃତି ଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱନାଥ ବିନ୍ଧାଣୀ, ସନାତନ ରାଉତ, ଦିଲ୍ଲୀପ ମଲ୍ଲିକ, ପ୍ରଦୀପ କର, ପୂର୍ଣଚନ୍ଦ୍ର ପାତ୍ରଙ୍କ ସମେତ ସହପାଠୀ ମାନେ ସ୍ମୃତି ଚାରଣ କରିଥିଲେ। ପ୍ରକାଶ ଥାଉକି ସ୍ୱର୍ଗତ ବିନ୍ଧାଣୀ ରାୟଗଡା ଜିଲ୍ଲା ଆମ୍ବବାଡି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ମାତ୍ର ୪୯ ବର୍ଷ ବୟସରେ ବ୍ରେନ ଷ୍ଟ୍ରୋକରେ ଗତ ୧୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସମବାୟ ସଚିବଙ୍କ ଦୁଇଦିନିଆ ଭଦ୍ରକ ଜିଲ୍ଲା ଗସ୍ତ



ଭଦ୍ରକ,୨୮ ।୧୧(ସମିସ): ଦୁଇ ଦିନିଆ ଭଦ୍ରକ ଜିଲ୍ଲା ଗସ୍ତରେ ଆସିଥିବା ସମବାୟ ସଚିବ ଓ ଓଡିଶା ଷ୍ଟେଟ ବ୍ୟାଡ଼ମିଣ୍ଟନ ଆସୋସିଏସନର ସଭାପତି ରାଜେଶ ପ୍ରଭାକର ପାଟିଲ ଜିଲ୍ଲା ପ୍ରଦକ୍ଷଣ ଗୃହଠାରେ ଭଦ୍ରକ ଜିଲ୍ଲା ସଟଲ ଆସୋସିଏସନର କର୍ମକର୍ତ୍ତାଙ୍କ ସହିତ ସାକ୍ଷାତ କରି ଜିଲ୍ଲାରେ ବ୍ୟାଡ଼ମିଣ୍ଟନ ଖେଳର ଭିତିଭୂମି ଦୃଢ଼ କରିବା ପାଇଁ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମଧ ଉପସ୍ଥିତ ଥିଲେ। ଆସୋସିଏସନର ସଭାପତି ମହେଶପ୍ରସାଦ ଦାସ, ସମ୍ପାଦକ ଓ ରାଜ୍ୟ ଆସୋସିଏସନରୁ ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ସମୀର କାନ୍ତ ଦାସ, କୋଷାଧକ୍ଷ ରାଜେଶ ଦାସ, ସଂଯୋଜକ ବିଭୁକଲ୍ୟାଣ ବାରିକ, ସଦସ୍ୟ ପରେଶ ବାରିକ, ନିରଜ କୁମାର ସାହୁ, କୋଚ ସୁଜାତା ସାହୁ ପ୍ରମୁଖ ଆଗାମୀ ଦିନରେ ଭଦ୍ରକ ଜିଲ୍ଲାକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ। କ୍ରୀଡାମନ୍ତ୍ରୀ ଏ ନେଇ ତାଙ୍କ ସହିତ ଆଲୋଚନା କରିଛନ୍ତି ବୋଲି ଶ୍ରୀ ପାଟିଲ ସୂଚନା ଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

ଦୋବଲ,୨୮ ।୧୧(ସମିସ): ଦୋବଲ ନିକଟ ଦେହୁଡି ଆନନ୍ଦପୁର ପଞ୍ଚାୟତ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୦ତମ ବାର୍ଷିକ କ୍ରୀଡା ୨ଦିନ ଧରି ଅନୁଷ୍ଠିତ ହୋଇଛି । ଉଦଘାଟନୀ ଉତ୍ସବରେ କ୍ରୀଡ଼ା ଶିକ୍ଷକ ଦୋଳଗୋବିନ୍ଦ ବେହେରା ଯୋଗଦେଇ କ୍ରୀଡ଼ା ପତାକା ଉତୋଳନ କରି ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନିରାକାର ଦାଶଙ୍କ ସଂଯୋଜନାରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଗଦାଧର ସାହୁ, ସହସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ଗୋପାଳ ଚନ୍ଦ୍ର ବେହେରା ଓ କୋଷାଧକ୍ଷ ପ୍ରତାପ ଆଦିଆ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରମାନେ ମାନଲାପୁରସ୍ଥିତ ମା' ମଙ୍ଗଳା ମନ୍ଦିର ନିକଟରୁ ଏକ ମଶାଲ ଶୋଭାଯାତ୍ରାରେ ଆସି ବିଦ୍ୟାଳୟରେ ପହଞ୍ଚିବା ପରେ ଖେଳ ଆରମ୍ଭ ହୋଇଥିଲା। ପ୍ରାୟ ୪୫୦ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କ୍ରୀଡ଼ା ଶିକ୍ଷକ ହରିହର ପାତ୍ର କ୍ରୀଡ଼ା ଶପଥ ପାଠ କରାଇଥିବା ବେଳେ ଗୁରୁଜୀ ପ୍ରକାଶ ଚନ୍ଦ୍ର ଜେନା, ମନୋଜ ଜେନା, ଅଶୋକ ଶତପଥୀ, ବିନୋଦ ଦାସ, କାମେଶ୍ୱର ସାହୁ, ଅଭିଜିତ ସାମଲ, ଗୁରୁମା ଲଳିତା ମିଶ୍ର, ପ୍ରତିଭା ପାଣିଗ୍ରାହୀ, ସୁପ୍ରଭା ନାୟକ, ମନୋରମା ନାୟକ ପ୍ରମୁଖ ପରିଚାଳନା କରିଥିଲେ।



## ଭଦ୍ରକ ରୋଟାରୀ କ୍ଲବ୍‌ର ନୂତନ କର୍ମକର୍ତ୍ତା

# ଶାନ୍ତିସ୍ୱରୂପ ସଭାପତି ଓ ପ୍ରଣବ ସମ୍ପାଦକ ନିର୍ବାଚିତ

ଭଦ୍ରକ,୨୮ ।୧୧(ସମିସ)

ଭଦ୍ରକ ରୋଟାରୀ କ୍ଲବ୍ ପରିସରରେ (୨୭-୨୮) ରୋଟାରୀ ବର୍ଷ ପାଇଁ ସଭାପତି ଭାବେ ରୋଟାରିଆନ୍ ଶାନ୍ତିସ୍ୱରୂପ ମିଶ୍ର ଓ ସମ୍ପାଦକ ଭାବେ ରୋଟାରିଆନ ପ୍ରଣବ କୁମାର ସାହୁ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ରୋଟାରୀ କ୍ଲବ ନିର୍ବାଚନ ଅଫିସର ରୋ.ବସନ୍ତ କୁମାର ପାଣିଗ୍ରାହୀ ଆଜି ଆନୁଷ୍ଠାନିକ ଭାବେ ସର୍ବସମ୍ମତିକ୍ରମେ ଆସିଥିବା ପ୍ରସ୍ତାବ ଓ ସମର୍ଥନ ଗ୍ରହଣ ପୂର୍ବକ ନିର୍ବାଚନ ଫଳ ଘୋଷଣା କରିବା ପରେ ଉପସ୍ଥିତ ସମସ୍ତ ସଭ୍ୟ ପୁଷ୍ପଗୁଚ୍ଛ ପ୍ରଦାନ କରି ନବନିର୍ବାଚିତ ସଭାପତି ଓ ସମ୍ପାଦକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଚଳିତ ରୋଟାରୀ ବର୍ଷର ସଭାପତି ରୋ.ନାସିର ବାସ୍କେଙ୍କ ସଭାପତିତ୍ୱରେ ୨୬-୨୭ ରୋଟାରୀ ବର୍ଷର ପ୍ରଥମ ମହିଳା ସଭାପତି ସାୟନ୍ତା ସୌରମାଳିନି ସାହୁଙ୍କ ରୋଟାରୀ ବର୍ଷର ବୋର୍ଡ ଅଫ ଡାଇରେକ୍ଟର ଏବଂ ଚେୟାରମ୍ୟାନଙ୍କ ନାମ ମନୋନୟନ କରାଯାଇ ଇଲେକ୍ସନ ଅଫିସର ରୋ.ପାଣିଗ୍ରାହୀ ଘୋଷଣା କରିଥିଲେ। ରୋଟାରୀ ଗଭର୍ଣ୍ଣର ୨୭-୨୮ ଇନ୍ଦ୍ରଜିତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବ ନିର୍ବାଚିତ ସଭାପତି , ସମ୍ପାଦକ ଓ ବୋର୍ଡ ଅଫ ଡାଇରେକ୍ଟର ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତୁରନ୍ତ ଭଦ୍ରକ ରୋଟାରୀ କ୍ଲବ୍ ଦ୍ୱାରା ଏକ ଚକ୍ଷୁ ଓ ଦନ୍ତ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ କରି ଆବଶ୍ୟକ ଅର୍ଥ ରୋଟାରୀ ଫାଉଣ୍ଡେସନ ମାଧ୍ୟମରେ ୨୭-୨୮ ରୋଟାରୀ ବର୍ଷରେ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋ ବିଜୟ ସାହୁ, ଅମ୍ବିକା ବଲ୍ଲଭ ସ୍ୱାଇଁ, ଉମାକାନ୍ତ ଜେନା, ଗୟାଧର ପଣ୍ଡା, ବସନ୍ତ ସାମଲ, ଶୈଳେନ୍ଦ୍ର ପାଢ଼ୀ, ସତ୍ୟସୁନ୍ଦର ମଣ୍ଡଳ, ଅଜିତ ମହାପାତ୍ର, ସୌଭାଗ୍ୟ ବଳ ଓ ବହୁ ନିମନ୍ତ୍ରିତ ଅତିଥି ନବ ନିର୍ବାଚିତ ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ସହିତ ଶୁଭେଚ୍ଛା ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ଭାସ୍କର ଚନ୍ଦ୍ର ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଭଗବାନପୁର-ଇଛଦା ରାସ୍ତା କାମ ନିମ୍ନମାନର ଅଭିଯୋଗ

**ଧାମନଗର,୨୮ ।୧୧(ସମିସ):** ଧାମନଗର ବ୍ଲକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣଧୀନ ବିଭିନ୍ନ ରାସ୍ତା ପ୍ରକଳ୍ପ ବିନା ସୂଚନା ଫଳକରେ କାର୍ଯ୍ୟ ହେଉଥିବାବେଳେ ଏଥିରେ ବହୁ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । କେଉଁଠି ନିମ୍ନମାନର କାର୍ଯ୍ୟକୁ ଗ୍ରାମବାସୀ ଅଟକ ରଖିଲେଣି ତ ଅନ୍ୟ କେଉଁଠି ବ୍ୟକ୍ତିଗତ ଜାଗାରେ ରାସ୍ତା ହେଇଥିବା ଅଭିଯୋଗ ଦର୍ଶାଇ କାର୍ଯ୍ୟ ବନ୍ଦ ହୋଇଛି । ପ୍ରକାଶ ଯେ, ଭଗବାନପୁର ଛକ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଇଛଦା ପର୍ଯ୍ୟନ୍ତ ଦୀର୍ଘ ୩ କିମି ପିଚୁ ରାସ୍ତା ଓ ଆବଶ୍ୟକ ପଡ଼ିଲେ କଂକ୍ରିଟ ରାସ୍ତା ନିର୍ମାଣ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ହୋଇ କାର୍ଯ୍ୟ ଚାଲୁଅଛି । ଏହାସହ ଏହି ରାସ୍ତାଟି ଦୀର୍ଘ ବର୍ଷ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ଥିବାରୁ ସ୍ଥାନୀୟ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି । ଏହି ପ୍ରକଳ୍ପ ପାଇଁ ପ୍ରାୟ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅର୍ଥ ବ୍ୟୟବରାଦ କରାଯାଇଛି । ନିୟମ ଅନୁଯାୟୀ ଏହି ରାସ୍ତା କାମ ପ୍ରଥମେ ମେସିନ ସାହାଯ୍ୟରେ ସମ୍ପୂର୍ଣ୍ଣ ଭାବେ ଖୋଳାଯାଇ ରୋଲିଂ ହେବ ।



ଏହାସହ ଡବ୍ଲୁବିଏମ୍ ଯାହାକି ୬ ଇଞ୍ଚ ପକାଯାଇ ରୋଲିଙ୍ଗ ହେବା ପରେ ପିଚୁ ହେବା କଥା । ହେଲେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଅନିୟମିତତା ଓ ନିମ୍ନମାନର କରାଯାଉଥିବା ଦେଖାଦେଇଥିବା ବିଭାଗୀୟ ଅଧିକାରୀ ଚୁପଚାପ ରହିଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ଚର୍ଚ୍ଚାର ବିଷୟ ପାଲଟିଛି । ଏଷ୍ଟିମେଟ୍ ଅନୁସାରେ ରାସ୍ତାର ପ୍ରସସ୍ତ ୫.୫ ମିଟର କିମ୍ବା ୧୭.୫ ଫୁଟ ଲମ୍ବ ଏବଂ ଢଳେଇର ମୋଟେଇ ପ୍ରାୟ ୮ ଇଞ୍ଚ ହେବା କଥା । ଏହାସହ ରାସ୍ତାର ଉଭୟ ପାର୍ଶ୍ୱରେ ପାଖାପାଖି ୧ ଫୁଟ କଂକ୍ରିଟ ୱାଲ୍ ହେବାକୁ ମଧ୍ୟ ନିୟମ ରହିଛି । ହେଲେ ଠିକାଦାର ସମ୍ପୂର୍ଣ୍ଣ ଭାବେ ସରକାରୀ ନିୟମକୁ ଉଲଙ୍ଘନ କରି କାର୍ଯ୍ୟ କରୁଛନ୍ତି । କଂକ୍ରିଟ କେଉଁଠି ୧୦ ଫୁଟ ତ ଅନ୍ୟ କେଉଁଠି ୧୪ ଫୁଟ ରହିଛି । ଢଳେଇରେ ବ୍ୟବହୃତ ବେନାମୀ ଓ ନିମ୍ନମାନର ସିମେଣ୍ଟ, ମାଟିଆ ବାଲି, ଚିଲା ଓ ଛେଲା ଚିପ୍ସ ବା ମେଟାଲ ଆଦିରେ କାମ କରାଯାଉଛି । ସେହିପରି ରାସ୍ତାର ମୋଟେଇ ୩ ରୁ ୪ ଇଞ୍ଚ ରହୁଥିବା ବେଳେ ସାଇଟ୍ କଂକ୍ରିଟ ୱାଲ୍ ୨ ରୁ ୩ ଇଞ୍ଚ ଖୋଳି ଢଳେଇ କାମ ଚାଲିଛି । ସିମେଣ୍ଟ, ମେଟାଲ ଓ ବାଲି ଭାଗମାପର ଅନୁପାତ ଠିକ୍ ରହୁନାହିଁ । ନିମ୍ନମାନର କାମକୁ ନେଇ ନିକଟରେ ସ୍ଥାନୀୟ ଜନସାଧାରଣ ବନ୍ଦ ରଖିଥିଲେ । ବିଭାଗୀୟ ଯନ୍ତ୍ରୀ କାମ ଠିକ୍ ହେବାନେଇ ପ୍ରତିଶ୍ରୁତି ଦେବା ପରେ କାମ ଚାଲିଥିଲା । କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହିଥିବାରୁ ଠିକାଦାର ନିଜ ମନଇଚ୍ଛାରେ କାର୍ଯ୍ୟ କରୁଛନ୍ତି । ମାସେ ହେଲା କାମ ଚାଲିଥିଲେ ମଧ୍ୟ ପ୍ରକଳ୍ପର ସୂଚନା ଫଳକ ଏପର୍ଯ୍ୟନ୍ତ ଲଗାଯାଇନାହିଁ । ରାସ୍ତାଟି ଚାଷ ଜମି ଅଞ୍ଚଳ ଦେଇ ଯାଇଛି । ଏହାର ଦୁଇ ପାର୍ଶ୍ୱ ୱାଲ୍ ଠିକ୍ ନହେଲେ ଏହାର ସ୍ଥାୟିତ୍ୱ ଆଶଙ୍କାରେ ରହିବ ବୋଲି ଆଲୋଚନା ହେଉଛି । ତେବେ ନିର୍ମାଣାଧୀନ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବାରୁ ତୁରନ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଓ କ୍ୱାଲିଟି କଣ୍ଟ୍ରୋଲ ଅଧିକାରୀ ତଦନ୍ତ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରୂପକୁମାର ମୁଣ୍ଡାଙ୍କ ଯୋଗାଯୋଗ କରିବାରୁ ସେ କହିଲେ ଯେ ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ ଆମ ପାଖକୁ ଖବର ହୋଇଥିଲା । ଆମେ ଏହା ଉପରେ ଯତ୍ନବାନ ହୋଇ ଠିକାଦାରକୁ ତାଗିଦ କଲା ପରେ ଏବେ କାର୍ଯ୍ୟ ଠିକଠାକ ଚାଲିଛି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ବିଦ୍ୟାଳୟ ପରିସରରେ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର

**ଦୋଳସାହି,୨୮ ।୧୧(ସମିସ):** ଟିପିଏନ୍ଓଡିଏ ବିଦ୍ୟୁତ ବଣ୍ଟନ କମ୍ପାନୀର ଅବହେଳା ଯୋଗୁଁ ତୁଳସୀପୁର ପ୍ରାଥମିକ ସ୍କୁଲ ପରିସର ଏବେ ବିପଦପୂର୍ଣ୍ଣ ପାଲଟିଛି । ପ୍ରକାଶ ଥାଉକି, ତିହିଡ଼ି ବ୍ଲକ ଅଧିନ କୁବେରା ପଞ୍ଚାୟତର ୧୮ ନମ୍ବର ୱାର୍ଡରେ ଅବସ୍ଥିତ ତୁଳସୀପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବସିଥିବା ବେଳେ ଏହି ଟ୍ରାନ୍ସଫର୍ମର ଦୁର୍ବଳ ହୋଇ ନଇଁ ପଡ଼ିଲାଣି । ଫଳରେ ପାଦେ ପାଦେ ବିପଦ ଆଶଙ୍କା ରହିଛି । ଏହି ଟ୍ରାନ୍ସଫର୍ମର ହଟାଇବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବାରମ୍ବାର



ଟିପିଏନ୍ଓଡିଏଲ୍ କମ୍ପାନୀ କର୍ତ୍ତୃପକ୍ଷ ଅବଗତ କରାଯାଉଥିବା ବେଳେ ସେମାନେ କିଛି କର୍ଣ୍ଣପାତ କରୁନଥିବା ସ୍ଥାନୀୟ ଅଧିବାସୀ ତଥା ଅଭିଭାବକ ମହଲରେ ଅଭିଯୋଗ ହେଉଛି । ସେହିପରି ଏହି ସ୍କୁଲର ଛାତ୍ରୀଙ୍କ ପାଇଁ ପାଇଖାନା ନଥିବା ବେଳେ ପାଚେରୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନଥିବା ଯୋଗୁଁ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି ।

### ଧୂଷୁରୀ ଏରିଆ ହସ୍ପିଟାଲରେ ଅବ୍ୟବସ୍ଥା

## ସ୍ଥାୟୀ ନିଯୁକ୍ତି ନିର୍ଦ୍ଦେଶଦେଲେ ଜିଲ୍ଲାପାଳ

**ଅସୁରାଳି,୨୮ ।୧୧(ସମିସ):** ଧୂଷୁରୀ ଏରିଆ ହସ୍ପିଟାଲରେ ଚାଲିଥିବା ଅବ୍ୟବସ୍ଥା ପାଇଁ ଜନସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ ସେବିକା ଓ ଔଷଧ ବିତରଣ କର୍ମଚାରୀଙ୍କ ଅଭାବରେ ରୋଗୀମାନେ ଦିନକୁ ଦିନ ଅସୁବିଧାରେ ପଡୁଛନ୍ତି । ସକାଳୁ ଲମ୍ବା ଲାଇନ ଲାଗିଥିଲେ ମଧ୍ୟ ଔଷଧ ବିତରଣ କରୁଥିବା କର୍ମଚାରୀ ଉପସ୍ଥିତ ନଥିବାରୁ ଜଣେ ଡାକ୍ତର ରୋଗୀ ଦେଖିସାରିବା ପରେ ନିଜେ ଔଷଧ ଦେବାକୁ ବାଧ୍ୟ ହେଉଛନ୍ତି । ଏହି ସମ୍ବନ୍ଧରେ ଅନୁକମ୍ପା ମହିଳା ସଂଗଠନର ସଭାପତି କବିତା ସାହୁ, ଉପ ସଭାପତି ନମିତା ପଣ୍ଡା, ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଭେଟିଥିଲେ । ଜିଲ୍ଲାପାଳ ଶ୍ରୀ ରାଉତରାଏ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଡାକ୍ତର ସୁଧିରଞ୍ଜନ ନାୟକଙ୍କ ସହ କଥାବାର୍ତ୍ତା କରି ତୁରନ୍ତ ଫାର୍ମାସୀ ଏ ଏନ୍ ଏମ୍ ଦିଦି ଙ୍କୁ ନିଯୁକ୍ତି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅବ୍ୟବସ୍ଥା ପରିଣାମ ଯୋଗୁଁ ରୋଗୀମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି । ଡାକ୍ତର ସଂଖ୍ୟା ୩ ଆବଶ୍ୟକ ହେଉଥିବାବେଳେ ମାତ୍ର ଜଣେ ଅଛନ୍ତି ଓ ଫାର୍ମାସୀଷ୍ଟ ୨ଜଣ ଆବଶ୍ୟକ ଥିବା ବେଳେ ଜଣେ ଅଛନ୍ତି ଓ ନର୍ସିଂ ଷ୍ଟାଫ୍ ୩ ଜଣ ଆବଶ୍ୟକ ଥିବା ବେଳେ ୨ ଜଣ ଅସ୍ଥାୟୀ ଭାବେ ନିଯୁକ୍ତି ହୋଇଥିବା ବେଳେ ଜଣେ ଆସୁଛନ୍ତି । ଆଟେଣ୍ଡାଣ୍ଟ ୨ ଜଣଙ୍କର ଆବଶ୍ୟକ ଥିବା ବେଳେ କେହି ନାହାନ୍ତି । ଧୂଷୁରୀ ଏରିଆ ହସ୍ପିଟାଲ ଉପରେ ଧୂଷୁରୀ ଅଞ୍ଚଳର ୨୦ ପଞ୍ଚାୟତ ସହିତ ପଡ଼ୋଶୀ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ୮–୧୦ ପଞ୍ଚାୟତ ଜନସାଧାରଣ ନିର୍ଭର କରୁଥିବା ସତ୍ତ୍ୱେ, ସ୍ୱାସ୍ଥ୍ୟ ସେବାରେ ଅବ୍ୟବସ୍ଥା ଚାଲିଥିବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ରାତ୍ରିକାଳୀନ ସେବା ପାଇଁ କେବଳ ଜଣେ ଡାକ୍ତର ଓ ଜଣେ ସ୍ୱିପର୍ ଉପସ୍ଥିତ ରହୁଥିବାରୁ ଆପତ୍ତକାଳୀନ ସ୍ଥିତିରେ ରୋଗୀମାନେ ସମସ୍ୟାରେ ପଡୁଛନ୍ତି । ବାରମ୍ବାର ଅଭିଯୋଗ ଦେଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସୁଫଳ ମିଳୁନାହିଁ । ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏଭଳି ଅବସ୍ଥା ନୀନ୍ଦନୀୟ ବୋଲି ମତପ୍ରକାଶ ପାଇଛି ।

## ‘ମାଆ ସୁନମୁଖି’ଙ୍କ ମନ୍ଦିର ପ୍ରତିଷ୍ଠା

**ଅସୁରାଳି,୨୮ ।୧୧(ସମିସ):** ସାହସପୁର ପଞ୍ଚାୟତ ଅଧୀନ ପନ୍ଦରବାଟିଆ ଗାଁରେ ଗ୍ରାମଦେବୀ “ମା ସୁନମୁଖି’ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ୨ଦିନ ଧରି ଆୟୋଜିତ ଏହି ଉତ୍ସବରେ ଗ୍ରାମବାସୀଙ୍କ ଦ୍ୱାରା ଅଧିବାସ, କଳସ ଯାତ୍ରା, ହୋମ ଯଜ୍ଞ ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପଣ୍ଡିତ ଦେବେନ୍ଦ୍ର ବେଦୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ମାଙ୍ଗଳିକ କାର୍ଯ୍ୟ ସମାପନ କରାଯାଇଥିଲା । ଉକ୍ତ ଧାର୍ମିକ



କାର୍ଯ୍ୟକ୍ରମରେ ଖଗେଶ୍ୱର ଖଟୁଆ, ପବିତ୍ରା ଖଟୁଆ, ନାରାୟଣ ସାହୁ ଓ ସରସ୍ୱତୀ ସାହୁ ପୂଜାରେ କର୍ତ୍ତା ଭାବେ ଅଂଶଗ୍ରହଣ କରିଥିଲେ । ଗ୍ରାମଦେବୀଙ୍କ ସେବାୟତ ଯୁଧିଷ୍ଠିର ବାରିକ, ଦିଲ୍ଲୀପ ମହାନ୍ତି, ଧ୍ରୁବ ଧଳ, ବାଇଧର ସାହୁ, ପରମେଶ୍ୱର ନାୟକ, କାହ୍ନୁ ନାୟକ, ବିଚିତ୍ର ସେଠୀ, ବିନୋଦ ଦାସ, ବିଜୟ ରାଉତ, ରବୀନ୍ଦ୍ର ରାଉତ, ଶରତ ବାରିକ, ସଞ୍ଜୀବ ସେଠୀ, ଚନ୍ଦ୍ରଶେଖର ମହାନ୍ତି, ଶିବଶମ୍ଭୁ ବିଶ୍ୱାଳ ଓ ଅନ୍ୟାନ୍ୟ ଗ୍ରାମବାସୀ ସହଯୋଗ କରିଥିଲେ ।

## ନିଯୁକ୍ତି ବିଜ୍ଞାପନ ରଦ୍ଦ ପାଇଁ ଦାବିପତ୍ର

**ବାରିକପୁର,୨୮ ।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପିଏମଶ୍ରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ କରି ପରିଚାଳନା କମିଟି ସଭ୍ୟ ସଭ୍ୟା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବିଦ୍ୟାଳୟରେ ଶିଶୁ ସେବିକା ଓ ପାଚିକା ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଛି । ଏଥିପାଇଁ ପ୍ରଧାନ ଶିକ୍ଷକ ଜଣଙ୍କ ପରିଚାଳନା କମିଟିର ମତାମତ ଲୋଡ଼ି ନାହାନ୍ତି । ଏପରିକି କୌଣସି ସଦସ୍ୟ ସଦସ୍ୟାଙ୍କୁ ପ୍ରଧାନ ଶିକ୍ଷକ ଏ ବାବଦରେ ସୂଚନା ଦେଇନାହାନ୍ତି । ଅତି ମନମୁଖୀ ଏବଂ ଏକପାଖିଆ ନିଷ୍ପତି ଅନୁଯାୟୀ ଉକ୍ତ ବିଜ୍ଞାପନ ପ୍ରକାଶିତ ହୋଇଛି । ତେଣୁ ଏହାକୁ ରଦ୍ଦ କରିବା ପାଇଁ ଆଜି ପରିଚାଳନା କମିଟି ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଣି ମଞ୍ଜୁଳା ନାୟକଙ୍କୁ ପରିଚାଳନା କମିଟି ସଭ୍ୟା ଦାବି ପତ୍ର ପ୍ରଦାନ କରି ବେଆଇନ ବିଜ୍ଞାପନକୁ ରଦ୍ଦ ପାଇଁ ନିବେଦନ କରିଛନ୍ତି ।

## ଡାକ୍ତର ପୁଅଙ୍କ ସାମ୍ନାରେ ବାପାଙ୍କ ମୃତ୍ୟୁ

**ବନ୍ତ/ଆଗରପଡ଼ା,୨୮ /୧୧(ସମିସ):** ବିଧିର ବିଧାନ ବଡ଼ ବିଚିତ୍ର । ବାପା ହଠାତ୍ ଅସୁସ୍ଥ ହୋଇ ପଡ଼ିଲେ । ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ଆଗରପଡ଼ା ମେଡିକାଲରେ କାର୍ଯ୍ୟରତ ତାଙ୍କ ଡାକ୍ତର ପୁଅ ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ । ମାତ୍ର କିଛି କ୍ଷଣ ମଧ୍ୟରେ ପୁଅଙ୍କ ସାମ୍ନାରେ ବାପା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏହିପରି ଦୁଃଖଦ ଘଟଣା ଏଠାରେ ଘଟିଛି । ଡାକ୍ତର ଶିଶିର



ରାଉତ ଆଗରପଡ଼ା ମେଡିକାଲରେ କାର୍ଯ୍ୟରତ ଅଛନ୍ତି । ହାଟଡିହି ବ୍ଲକ୍ର ମୌଦା ଗ୍ରାମର ତାଙ୍କ ବାପା ଗଙ୍ଗାଧର ରାଉତ ଗତ ୨୩ ତାରିଖ ରବିବାର ରାତିରେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା ଓ ତାଙ୍କ ପୁଅ ଚିକିତ୍ସା କରୁଥିବାବେଳେ ବାପାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା । ପୁଅ ସାମ୍ନାରେ ବାପାଙ୍କ ମୃତ୍ୟୁ ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ଥିଲା ।

## ହାଇମାଷ୍ଟ ଲାଇଟ୍ ଅଚଳ

**ଦୋଳସାହି,୨୮ ।୧୧(ସମିସ):** ତିହିଡ଼ି ବ୍ଲକ୍ ଦୋଳସାହି ପଞ୍ଚାୟତ ଦୋଳସାହି ବଜାରରେ ସରକାରଙ୍କ ପକ୍ଷରୁ ଦୀର୍ଘବର୍ଷ ତଳେ ବଜାର ଆଲୋକିତ କରିବା ପାଇଁ ଏକ ବିଶାଳ ହାଇମାଷ୍ଟ ଲାଇଟ୍ ଲଗାଯାଇଥିଲା । ତେବେ ଏହି ହାଇମାଷ୍ଟ ଲାଇଟ୍‌ଟି ବହୁ ଦିନରୁ ଅଚଳ ହୋଇପଡ଼ିଛି । ଏହାକୁ ସଚଳ କରିବାକୁ ଜିଲ୍ଲା



ପ୍ରଶାସନଠାରୁ ବ୍ଲକ୍ ପ୍ରଶାସନ ପର୍ଯ୍ୟନ୍ତ ଦାବି ହୋଇଥିଲେ ବି କିଛି ସୁଫଳ ମିଳିନି । ଏହି ବ୍ୟସ୍ତବହୁଳ ଓ ଦୁର୍ଘଟଣାପ୍ରବଣ ରାସ୍ତାରେ ତୁରନ୍ତ ଉକ୍ତ ହାଇମାଷ୍ଟ ଲାଇଟ୍‌କୁ ସଚଳ କରିବାକୁ ଦାବି ହୋଇଛି ।

## ବେଧଡ଼କ ଚାଲିଛି ମଦ ଚାଲାଣ

**ଦୋଳସାହି,୨୮ ।୧୧(ସମିସ):** ତିହିଡ଼ି ବ୍ଲକ୍‌ରେ ବ୍ୟାପକ ସରକାରୀ ଓ ବେସରକାରୀ ଚୋରା ମଦ ବେପାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ସାଧାରଣରେ ତଥା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ମୁତାବକ ତିହିଡ଼ି ଅବକାରୀ ବିଭାଗରେ କର୍ମଚାରୀ ଅଭାବରୁ ତାଲା ପଡ଼ି ରହୁଥିବା ଦେଖିବାକୁ ମିଳୁଥିବାବେଳେ ଏହି ବିଭାଗ ଅଧୀନରେ ସମସ୍ତ ଅଞ୍ଚଳରେ ବେସରକାରୀ ଚୋରା ଦେଶୀ ମଦ ବେପାର ଖୋଲାଖୋଲି ହେଉଥିଲା ବେଳେ ଏହି ମଦ ପିଉଥିବା ଅଧୀକାଂଶ ବ୍ୟକ୍ତିଙ୍କର ଅକାଳ ବିୟୋଗ ଘଟୁଥିବା ଅଭିଯୋଗ ହେଉଛି । ଏଥିସହ ପରିବାର ଛାରଖାର ହେଉଥିବା ଜଣାପଡ଼ିଛି । ସେହିପରି ତିହିଡ଼ି ଥାନା ଅଞ୍ଚଳରେ ବ୍ୟାପକ ଭାବରେ ସରକାରୀ ବିଦେଶୀ ଓ ଦେଶୀ ମଦ ର ଚୋରା କାରବାର ବହୁଳ ମାତ୍ରାରେ ହେଉଥିଲା ବେଳେ ଅନେକ ସମୟରେ ଅଘଟଣ ଘଟୁଥିବା ଅଭିଯୋଗ ହେଉଛି । ଏହି ଚୋରା ମଦ ବେପାର ବୃଦ୍ଧି ପାଉଥିବା ସହ ଅର୍ଥ ଅଭାବ ରୁ ବହୁ ଯୁବକ ଏହି ମଦ ପାଇଁ ଚୋରି ଓ ଅସାମାଜିକ କାର୍ଯ୍ୟ ରେ ଲିପ୍ତ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା ବେଳେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରା ରେ ରହୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

## ବେଳାଭୂମିରେ ପୁଲିସ-ଜନତା ସଦ୍‌ଭାବନା ସହଭାଗିତା କାର୍ଯ୍ୟକ୍ରମ




**ଭଦ୍ରକ,୨୮ ।୧୧(ସମିସ):** ଧାମରାର ସୁଦୀର୍ଘ ୫୮ କି.ମି ଉପକୂଳ ଅଞ୍ଚଳ ଥିବାବେଳେ ଦିନକୁ ଦିନ ବାଂଲାଦେଶୀ ଅନୁପ୍ରବେଶକୁ ରୋକିବା,ସାଧାରଣ ଜନତା ଓ ପୁଲିସ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ପାଇଁ ଉପକୂଳ ଅଞ୍ଚଳରେ ଥିବା ମତ୍ସ୍ୟଜୀବୀ ଏବଂ ପୁଲିସ ମଧ୍ୟରେ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ଧାମରା ସାମୁଦ୍ରିକ ଥାନା ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳ ମୁଖ୍ୟ ଅତିଥି ଭାବେ ଏଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ଧାମରା ସାମୁଦ୍ରିକ ଥାନା ଅଧିକାରିଣୀ ପ୍ରିୟଦର୍ଶର୍ନୀ ଖଟୁଆ, ସମ୍ମାନିତ ଅତିଥି ଭାବେ ଦେବାଶିଷ ଭୂୟାଁ, ଡେପୁଟି ରେଞ୍ଜର ସୁଶାନ୍ତ ବାଗ, ଦୋସିଙ୍ଗା ସରପଞ୍ଚ ରାମକୃଷ୍ଣ ଜାନା, ସମାଜସେବୀ ଦେବନ୍ଦ୍ର ନାୟକ, ଧାମରା ମତ୍ସ୍ୟଜୀବୀ ସଂଘର ସମ୍ପାଦକ ସୁଦର୍ଶନ ଲେଙ୍କା, ସଭାପତି ଅଶୋକ ଜାନା, ବାଲିଚର ମତ୍ସ୍ୟଜୀବୀ ସଂଘର ଅଶୋକ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଏଏସ୍‌ପି ଶ୍ରୀ ଦ୍ୱିବେଦୀ ନିଜର ବକ୍ତବ୍ୟରେ ୨୬/୧୧ ଘଟଣାର ପୁନଃରାବୃତ୍ତି ନହେଉ ଏବଂ ଏଥିପାଇଁ ସମସ୍ତ ଜନସାଧାରଣଙ୍କ ସହେଯାଗ ଏକାନ୍ତ କାମ୍ୟ ବୋଲି କହିଥିଲେ । ଅଶୋକ ଜାନା ନିଜ ବକ୍ତବ୍ୟରେ ମତ୍ସ୍ୟଜୀବୀଙ୍କ ପାଇଁ ଅଞ୍ଚଳ ନିର୍ଦ୍ଧାରଣ କରିବା ସହ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ପ୍ରଜନନ ସମୟରେ ନଭେମ୍ବର ମାସରୁ ମେ’ ମାସ ପର୍ଯ୍ୟନ୍ତ ମାଛଧରା ବନ୍ଦ ରହୁଥିବାବେଳ ଏହି ସମୟସୀମା କମ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ଅମର ନଗର ଓ ବାଂଶଡ଼ା ଟିମ୍ ମଧ୍ୟରେ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା ।

ଅଂଶ ଗ୍ରହଣ କରିଥିବା ଦଳକୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ପରେ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । କୃତୀ ପ୍ରତିଯୋଗୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ଆପଦମିତ୍ର ପ୍ରତିମା ପରମାଣିକ ଓ ବିଶ୍ୱକେତୁ ଖୁଣ୍ଟିଆଙ୍କୁ ସମ୍ମାନିତ କରାଯାଇଥିଲା । ପରେ କମ୍ବଳ ବଣ୍ଟନ କରାଯାଇଥିଲା । ସହଭାଗିତା କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ନାୟକ, ଶରତ ଚନ୍ଦ୍ର ଜେନା, ସଞ୍ଜୀବ ମଳିକ, ବେଣୁଧର ମଳିକ ପ୍ରମୁଖ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଧାମରା ସାମୁଦ୍ରିକ ଥାନାଧିକାରିଣୀ ପ୍ରିୟଦର୍ଶନୀ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟେଣ୍ଟ ପ୍ରସ୍ତୁତବେଳେ ଚାଲିଗଲା ଜୀବନ

**ବନ୍ତ/ଆଗରପଡ଼ା,୨୮ /୧୧(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ବର୍ତ୍ତନା ପଂଚାୟତ ଅନ୍ତର୍ଗତ ହରିପୁର ଗାଁରେ ବାହାଘର ପାଇଁ ଭଦ୍ରକ ବ୍ଲକ ଅନ୍ତର୍ଗତ ସାବରଙ୍ଗ, ତୁରଣପଦା ଗ୍ରାମର ପ୍ରେମାନନ୍ଦ ଭୋଇ (୨୧)ଟେଣ୍ଟ ମାରିବାକୁ ଆସିଥିଲେ । ହଠାତ୍ ସେ ଅଚେତ ହୋଇ ପଡ଼ିଥିଲେ । ଚିକିତ୍ସା ପାଇଁ ତାଙ୍କୁ ଆଗରପଡ଼ା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି । ଏହି ସଂପର୍କରେ ଆଗରପଡ଼ା ଥାନାରେ ୧୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି ।

## ଶୂନ୍ୟ ମୃତାହତ ପକ୍ଷରେ ସାଇକଲ ଶୋଭାଯାତ୍ରା

**ଭଦ୍ରକ,୨୮ ।୧୧(ସମିସ):** ସଡ଼କ ଦୁର୍ଘଟଣା ଜନିତ ଶୂନ ମୃତାହତ ପକ୍ଷ ପାଳନ ଅବସରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏକ ସାଇକଲ୍ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଏକ ସଚେତନତା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ସାଇକେଲ ଶୋଭାଯାତ୍ରାରେ ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଓ ସମ୍ବିତ ମାଝୀ, ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟଲ, ସଡ଼କ ସୁରକ୍ଷା ସମିତିର ସଦସ୍ୟ ଅତିସ ବେହେରା, ଭଦ୍ରକ ବସ୍ ସିଣ୍ଡିକେଟ ସଭାପତି ଶ୍ରୀନିବାସ ପତି ପ୍ରମୁଖଙ୍କ ସହ ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।



## ବିଦ୍ୟାଳୟରେ ପାଳନ ହେଉନି ଶିକ୍ଷାବିଭାଗ ଆଦେଶ

**ବନ୍ତ/ଆଗରପଡ଼ା,୨୮ ।୧୧(ସମିସ):** ଦେଶ ବିଦେଶର ଖବର ଜାଣିବା ସହ ଦକ୍ଷତା ବିକାଶ ପାଇଁ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲ, କଲେଜମାନଙ୍କରେ ପ୍ରାର୍ଥନା ସଭାରେ ଖବରକାଗଜ ପାଠ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ଆଦେଶନାମା ଜାରି ହୋଇଥିଲା । ପ୍ରତି ସ୍କୁଲ କଲେଜରେ ଶିକ୍ଷକ ଶିକ୍ଷୟିତ୍ରୀ ଖବରକାଗଜ ପାଠ କରି ମୁଖ୍ୟ ଖବରକୁ ଖାତାରେ ଲିପିବଦ୍ଧ କରି ପ୍ରାର୍ଥନା ସଭାରେ ପିଲାଙ୍କ ସମ୍ମୁଖରେ ପଢ଼ିବା କଥା । କିନ୍ତୁ ବନ୍ତ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ପାଖାପାଖି ୮୦ ପ୍ରତିଶତରୁ ଅଧିକ ବିଦ୍ୟାଳୟକୁ ଖବରକାଗଜ ଯାଉନଥିବା ବେଳେ ନିୟମିତ ଖବର ପାଠ କରାଯାଉନଥିବା ଜଣାପଡ଼ିଛି । ଖବରକାଗଜ କିଣିବାକୁ ବାର୍ଷିକ ଅନୁଦାନରୁ ଖର୍ଚ୍ଚ ବ୍ୟବସ୍ଥା ରହିଥିଲେ ହେଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆଗ୍ରହ ଅଭାବରୁ ଛାତ୍ରଛାତ୍ରୀ ଖବର ଜାଣିବାରୁ ବଞ୍ଚିତ ହେଉଛନ୍ତି । ବ୍ଲକ୍‌ରେ ପ୍ରାୟ ୨୦୦ରୁ ଅଧିକ ବିଦ୍ୟାଳୟ ଥିଲେ ମଧ୍ୟ ବହୁ ସ୍କୁଲ, କଲେଜକୁ ଖବରକାଗଜ ମଗାଉନଥିବା ଜଣାପଡ଼ିଛି ।

ଏଥିପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବହୁ ଅଭିଭାବକ କୁହନ୍ତି । ବନ୍ତ ବ୍ଲକରେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ଓ ତଦାରଖରେ ଅବହେଳା ଯୋଗୁଁ ଶିକ୍ଷକଙ୍କ ମନମାନିରେ ଶିକ୍ଷାଦାନ ଚାଲୁଥିବାରୁ ଏଥିପ୍ରତି କେହି ବି ଦୃଷ୍ଟି ଦେଉ ନ ଥିବା ଜଣାପଡ଼ିଛି । ତେଣୁ ଶିକ୍ଷାବିଭାଗ ପକ୍ଷରୁ ଜାରି ଆଦେଶନାମାକୁ ଯଥା ଶୀଘ୍ର ପାଳନ କରିବା ସହ ପିଲାଙ୍କ ଦକ୍ଷତା ବିକାଶ ବୃଦ୍ଧି ନିମନ୍ତେ ବ୍ଲକର ସମସ୍ତ ବିଦ୍ୟାଳୟରେ ଖବର କାଗଜ ଉପଲବ୍ଧ କରାଇବାକୁ ବ୍ଲକ ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ‘ବିକଶିତ ଗ୍ରାମ୍ୟ ସମାଜ ରାଷ୍ଟ୍ର ଉନ୍ନତିର ପଦଧ୍ୱନି’

**ଭଦ୍ରକ,୨୮ ।୧୧,(ସମିସ):** ଗାଁ ହେଉଛି ଜୀବନର ମୂଳ ଆଧାର । ଗାଁର ଯୁବଶକ୍ତି, ନାରୀଶକ୍ତି, ପ୍ରଯୁକ୍ତି କାରିଗରି ଓ ସ୍ୱଚ୍ଛଶାସନ ସମ୍ମିଶ୍ରଣରେ ଆତ୍ମନିର୍ଭର ଭାରତ ଗଠନର ସ୍ୱପ୍ନ ସାକାର ହେବ ଓ ବିକଶିତ ଗ୍ରାମ୍ୟ ସମାଜ ରାଷ୍ଟ୍ର ଉନ୍ନତିର ପଦଧ୍ୱନୀ ବୋଲି ଶୁକ୍ରବାର ‘ତ୍ୟାଗଭୂମି ମହୋତ୍ସବ’ର ୫ମ ସନ୍ଧ୍ୟାରେ ଅତିଥି ମତବ୍ୟକ୍ତ କରିଛନ୍ତି ।

### ତ୍ୟାଗଭୂମି ମହୋତ୍ସବର ୫ମ ସନ୍ଧ୍ୟା

ତ୍ୟାଗଭୂମିର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିଶିଷ୍ଟ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ‘ଗ୍ରାମ୍ୟ ସମାଜ ଓ ପରିବର୍ତ୍ତନର ପଦଧ୍ୱନି’ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲଚନ୍ଦ୍ର ଘଡ଼ାଇ ଯୋଗଦେଇ କହିଲେ- ଆଧୁନିକତା ପରିପ୍ରେକ୍ଷୀରେ ଯେଉଁସବୁ ପରିବର୍ତ୍ତନ ଗ୍ରାମ୍ୟ ଜୀବନରେ ଅଗ୍ରଗତି ଆଣୁଛି, ସେପରି ଅନେକ ଅନ୍ତଃରାୟ ମଧ୍ୟ ସୃଷ୍ଟିକରୁଛି । ପାରମ୍ପରିକ ସମ୍ମିଳନୀ, ଲୋକଜ୍ଞାନ, ପାରିବାରିକ ସଂହତି ଆଜି ଧୀରେଧୀରେ ହ୍ରାସ ପାଉଛି । ଗାଁ ମଣିଷ ଆଜି ପ୍ରଯୁକ୍ତିବିଦ୍ୟାର ଉପଯୋଗ କରୁଛି ସତ, ମାତ୍ର ମାନବୀୟ ଶୃଙ୍ଖଳା ଓ ସମ୍ବନ୍ଧଠାରୁ ଦୂରେଇ ଯାଉଛି । ମୁଖ୍ୟବକ୍ତା ଭାବେ ଓଡ଼ିଶାର ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଯୋଗଦେଇ ପରିବର୍ତ୍ତନ ସଂସ୍କାରର ପଦଧ୍ୱନି । ଆଜିର ନୂତନ ଜ୍ଞାନର ଆଲୋକ ଓ ସମୃଦ୍ଧ ଯୋଗାଯୋଗ ଗ୍ରାମ୍ୟଜୀବନକୁ ଉତ୍କର୍ଷ ପଥରେ ଅଗ୍ରସର କରାଇବା କଥା । ଗ୍ରାମ ସଶକ୍ତ ହେଲେ ପରିବର୍ତ୍ତନ ସଫଳ ହୁଅନ୍ତା ଓ ବିକଶିତ ରାଷ୍ଟ୍ର ପରିକଳ୍ପନା ସାକାର ହୋଇପାରନ୍ତା ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଓ ବକ୍ତା ଭାବେ ସମାଜସେବୀ ଡାକ୍ତର ପ୍ରଦୀପ କୁମାର ନାୟକ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ବିଷୟଭିତିକ ଭିତିକ ସ୍ୱ- ଚିନ୍ତନ ବାଢ଼ିଥିଲେ । ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ମଂଚ ଆହ୍ୱାନ କରିଥିବା ବେଳେ ଶିକ୍ଷାବିତ୍ ଗୋବର୍ଦ୍ଧନ ସାମଲ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ପ୍ରତିଭା ଡ. କେଶବଚନ୍ଦ୍ର ଜେନା, ଗୌରାଙ୍ଗ ବାରିକ, ବାଦଲ୍ ସିକଦାର, ରଣଜିତ ମହାପାତ୍ର, ମୁକ୍ତିକାନ୍ତ ପାଲ ପ୍ରମୁଖଙ୍କୁ ତ୍ୟାଗଭୂମି ତରଫରୁ ଆଜିର ମଞ୍ଚରେ ସମ୍ମାନିତ କରାଯାଇଥିଲା । କଣ୍ଠଶିଳ୍ପୀ ରୁଦ୍ରମାଧବ ଓ ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’ ପରିବେଷଣ କରିଥିଲେ । ସଦସ୍ୟା ଚଇତାଳି ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ । ଚାନ୍ଦବାଲି ମୀରାମ୍ବିତା ଫାଇନ ଆର୍ଟସ୍ ଓ ମ୍ୟୁଜିକ୍ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।




ତ୍ୟାଗଭୂମି ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବଳ, ସଂଗଠନ ସମ୍ପାଦକ ସୁଧାକର ରାଉତ, ସଦସ୍ୟ ଅଶୋକ ଦ୍ୱିବେଦୀ, ଇଂ. ଅଖିଳ କୁମାର ପାଢ଼ୀ, ଇଂ. ଆମ୍ବିକା ବଲ୍ଲଭ ସ୍ୱାଇଁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ବସୁମିତ୍ରା ସାହୁ, ଡ. ରାଧାରାଣୀ ମହାପାତ୍ର, ଅଧିବକ୍ତା ଅରୁଣ ଚାନ୍ଦ, ପବନ ଶର୍ମା, ମୋହରିର ସଙ୍ଘ ସଭାପତି ଉମାକାନ୍ତ ସାହୁ, ସମ୍ପାଦକ ରାମଚନ୍ଦ୍ର ନାୟକ, ଲକ୍ଷ୍ମୀକାନ୍ତ ବାରିକ୍, ବାବୁଲାଲ୍ ଦାସ, ଗୌରାଙ୍ଗ ବାରିକ, ଶାନ୍ତନୁ ନାୟକ, ବିଚିତ୍ରାନନ୍ଦ ମହାନ୍ତି, ଚର୍ଚ୍ଚିକା ମହାପାତ୍ର, ପଦ୍ମନ ରାୟ, ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ପରିଡା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

### ଟାସ୍କଫୋର୍ସ ପକ୍ଷରୁ ଚଢ଼ଉ; ୫ ଡମ୍ପର ଜବତ

# ୩ ଦିନରେ ୨୭ ଲକ୍ଷ ଜରିମାନା ଆଦାୟ



ବାରିପଦା/ମୋରଡ଼ା,୨୮।୧୧(ସମିସ): ବେତନଟୀ ତହସିଲଦାରଙ୍କୁ ମାଡ ମାରିବା ଓ ରାସଗୋବିନ୍ଦପୁର ପୁଲିସକୁ ଆକ୍ରମଣ କରିବା ଘଟଣାକୁ ଗୁରୁତର ଭାବେ ନେଇଛି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ। ମାଫିଆଙ୍କୁ ସାବାଡ କରିବା ନିମନ୍ତେ ଟାସ୍କଫୋର୍ସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ ଜୋରଦାର ଚାଲିଛି। ବାଲେଶ୍ୱର ଜିଲ୍ଲା ଖାଦାନରୁ ବାଲି ବୋଝେଇ କରି ଆସୁଥିବା ୫ଟି ଡମ୍ପରକୁ ଟାସ୍କଫୋର୍ସ ଟିମ ଜବତ କରିଛି। ବେତନଟୀ ଏସ୍‌ଡ଼ିପିଓ ଓ ରାସଗୋବିନ୍ଦପୁର ଆଇଆଇସିଙ୍କ ନିର୍ଦ୍ଦେଶରେ ଗାଁଅମର୍ଦା ଫାଣ୍ଡି ଅଧିକାରୀ ନିଶିକାନ୍ତ ସାମଲ ତମ୍ବାଖୋରୀ ନିକଟରେ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ। ତେବେ ପରମିଟ କାଗଜପତ୍ର ଥିଲେ ହେଁ ଓଭରଲୋଡ଼ିଂ ଥିବାରୁ ୫ଟି ଡମ୍ପରଠାରୁ ୧ ଲକ୍ଷ ୭୨ ହଜାର ୬ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଆଉ ଦୁଇଟି ସ୍ଥାନରେ ଟାସ୍କଫୋର୍ସ ପକ୍ଷରୁ ଚଢଉ କରାଯାଇଛି। ଭରଡାନଣ୍ଡା ନଦୀ ଘାଟରୁ ବାଲି ଉଠି ସରକାରୀ ଜାଗାରେ ଅଧିକ ମାତ୍ରାରେ ଗଚ୍ଛିତ କରି ରଖିଥିବାରୁ ଘାଟ ମାଲିକଙ୍କୁ ୯ ଲକ୍ଷ ୫୭ ହଜାର ଟଙ୍କା ଫାଇନ କରାଯାଇଛି। ଏହା ବ୍ୟତୀତ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବାଗସାହିଠାରେ ଟିମ୍ ଏକ ଜେସିବିକୁ ଜବତ କରିଛି। ସୂଚନାଯୋଗ୍ୟ ଯେ, ତିନି ଦିନରେ ମୋଟ ୨୭ଲକ୍ଷ ଟଙ୍କା ଜରିମାନା ଓ ନିଲାମ ଆକାରରେ ଆଦାୟ ହୋଇଥିବା ବେଳେ ୩ଟି ଜେସିବି ମେସିନ ଜବତ ହୋଇଛି ବୋଲି ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡା କହିଛନ୍ତି। ଆଜି ରାସଗୋବିନ୍ଦପୁର, ବାଘସାହି, ବାଛୁରୀପାଳ ଓ ବରକନ୍ଦ ବାଲି ସୈରାତରେ ଚଢଉ ହୋଇଥିଲା।

● ୧୩ ଦଫା ଦାବି

## କେନ୍ଦେଇପଶି ଓଏଭି ଶିକ୍ଷକ ଶିକ୍ଷୟିତ୍ରୀଙ୍କ କଳାବ୍ୟାଜ୍ ପରିଧାନ

ତୁରୁମୁଙ୍ଗା, ୨୮।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ମୁଖ୍ୟାଳୟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନେ ୧୩ଦଫା ଦାବିରେ ବିଦ୍ୟାଳୟ ପରିସରରେ କଳା ବ୍ୟାଜ ପରିଧାନ କରି କାର୍ଯ୍ୟ କରିବା ପରେ ସ୍କୁଲ ଛୁଟି ପରେ ଧାରଣାରେ ବସିଥିଲେ। ଏହି ଆନ୍ଦୋଳନ ବିଦ୍ୟାଳୟ ପରିସରରେ ସୋମବାରଠାରୁ ଆରମ୍ଭ ହୋଇଛି। ଦାବି ପୂରଣ ନହେଲେ ଆସନ୍ତା ଡିସେମ୍ବର ୮ରେ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରିବେ। କର୍ମଚାରୀଙ୍କ ପାଇଁ ସମାନତା, ମର୍ଯ୍ୟାଦା ଏବଂ ନ୍ୟାୟ ସୁନିଶ୍ଚିତ କରିବା ପାଇଁ କର୍ମଚାରୀଙ୍କ ପାଇଁ ଏଚଆରଏମ ଏସଆଇଡି ଖୋଲିବା ଏବଂ ସ୍କୁଲ ଓ ମାସ୍ ଏଜୁକେସନ ହାଇସ୍କୁଲ ଶିକ୍ଷକଙ୍କୁ ଦେଉଥିବା ସମସ୍ତ ସୁବିଧା, ସମସ୍ତ କର୍ମଚାରୀଙ୍କୁ ସମାହିତ କରୁଥିବା ୟୁନିଫର୍ମ କ୍ୟାଡର ନିୟମ, ସଂଗୀତ, କ୍ରୀଡା ଶିକ୍ଷକ ଏବଂ କମ୍ପ୍ୟୁଟର ଶିକ୍ଷକଙ୍କ ପାଇଁ ୪୬୦୦ ଗ୍ରେଡ୍ ପେ ଲାଗୁ କରିବା, ପ୍ରତ୍ୟେକ ସ୍କୁଲରେ ପିଜିଟି ଓଡ଼ିଆ ପଦ, କଳା ଷ୍ଟ୍ରିମ୍ ଖୋଲିବା ଭଳି




୧୩ଟି ପ୍ରମୁଖ ଦାବି ନେଇ ଅଧକ୍ଷ ଦେବୀଦତ୍ତ ସିଂ, ଶିକ୍ଷକ ସତ୍ୟାନନ୍ଦ ପାଣିଗ୍ରାହୀ, ଦିଲେଶ୍ୱର ନାଏକ, ଚନ୍ଦ୍ରକାନ୍ତ ନାଏକ, ଅଜିତ କୁମାର ନାଏକ, ଆଶିଷ ନାଏକ, ସୁଭାଷଚନ୍ଦ୍ର ବେହେରା, ଜ୍ଞାନରଞ୍ଜନ ପଣ୍ଡା, ପ୍ରିୟଦର୍ଶନ ସାହୁ, ସୌଭାଗ୍ୟ ରଞ୍ଜନ ସାମନ୍ତରାୟ, ଶିକ୍ଷୟିତ୍ରୀ ରଶ୍ମିରେଖା ଦାସ, ଅର୍ପିତା ପ୍ରିୟଦର୍ଶିନୀ ଜେନା, ସ୍ୱାତି ସୁଚରିତା ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

### ସୁବର୍ଣ୍ଣରେଖା କେନାଲ ରାସ୍ତା ଅବରୋଧ ଘଟଣା

## ବାଡ଼ ହଟାଇବାକୁ ଅଞ୍ଚଳବାସୀଙ୍କ ଦାବି



ମୋରଡା,୨୮।୧୧(ସମିସ): ମୋରଡା ବ୍ଲକ ଜୁଆଳିଭଙ୍ଗା ପଞ୍ଚାୟତ ମହୁଲବଣି ଓ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମବାସୀ ସୁବର୍ଣ୍ଣରେଖା ଶାଖା କେନାଲ ରାସ୍ତା ଅବରୋଧକୁ ନେଇ ବାରମ୍ବାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧିକାରୀ, ପୁଲିସ ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ। ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଯୋଗେଶ୍ୱର ମହାକୁଡ଼ କେନାଲ ରାସ୍ତାର ୩ଟି ସ୍ଥାନରେ କଣ୍ଟା, ବାଉଁଶରେ ବାଡ଼ ଘେରି ଦେଇ ରାସ୍ତା ବନ୍ଦ କରିଦେଇଛନ୍ତି। ଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ଦେଇ ଗ୍ରାମବାସୀ ମାଇଗାଁକୁ ଯିବା ଆସିବା କରୁଥିଲେ। ଏବେ ବାଟ ବନ୍ଦ ରହିବା ଫଳରେ ଲୋକେ ୫ କିମି ଦୂର ବୁଲକରି ଯିବାକୁ ପଡୁଛି। ଏନେଇ ବାରମ୍ବାର ସରପଞ୍ଚ ଏବଂ ସମିତିସଭ୍ୟ ଗ୍ରାମରେ ବୈଠକ ଡାକୁଥିଲେ ମଧ ଶ୍ରୀ ମହାକୁଡ ଯୋଗ ଦେଉନାହାନ୍ତି। ତେଣୁ ଗ୍ରାମବାସୀ ମେ ୨୯ତାରିଖରେ କ୍ଷୁଦ୍ରଜଳସେଚନ ପ୍ରକଳ୍ପ ଅଧିକାରୀ ଏବଂ ଅକ୍ଟୋବର ୬ତାରିଖରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକାଷ୍ଟରେ ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଶୁକ୍ରବାର ଜୁଆଳିଭଙ୍ଗା ସରପଞ୍ଚ ସୁଶାନ୍ତ ସିଂ, ସମିତି ସଭ୍ୟ ସିନଗ ସୋରେନ, ପାଣି ପଞ୍ଚାୟତ ସମ୍ପାଦକ ଲାଲମୋହନ ମହାନ୍ତ, ସଚ୍ଚିଦାନନ୍ଦ ମହାନ୍ତ, ପ୍ରବୀର କୁମାର ମହାନ୍ତ, ହିମାଂଶୁ ମହାନ୍ତ, ଦୀପକ ମୋହନ୍ତ, ଧରିତ୍ରୀ ମହାନ୍ତ, କଦମ୍ବ ମହାନ୍ତ ସମେତ ବହୁ ଗ୍ରାମବାସୀ ତୁରନ୍ତ ବାଡ ନ ଉଠାଗଲେ ଆନ୍ଦୋଳନ କରିବେ ବୋଲି କହିଛନ୍ତି।

### ଦୁମାଡିହି ବିଦ୍ୟାଳୟରେ ଶିକ୍ଷକ ପଦ ଖାଲି

## ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



ରାଇରଙ୍ଗପୁର/ବହଳଦା, ୨୮।୧୧ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଦୁମାଡିହି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଓ ସଂସ୍କୃତ ଶିକ୍ଷକ ପଦ ଖାଲି ଥିବାରୁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଉ ୨ ମାସ ପରେ ମାଟ୍ରିକ ପରୀକ୍ଷା ହେ। ଏ ନେଇ ବାରମ୍ବାର ଦାବି ପରେ ବି ଶିକ୍ଷକ ନିଯୁକ୍ତ କରାଯାଉନାହିଁ। ଫଳରେ ଛାତ୍ରୀମାନଙ୍କଠାରୁ ଆରମ୍ଭ କରି ଅଭିଭାବକ ମଧ ଚିନ୍ତାରେ ପଡିଛନ୍ତି। ଏହାକୁ ନେଇ ମାସା ଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଅଭିଭାବକ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ବାରିପଦାଠାରେ ଭେଟି ସମସ୍ୟା ବାବଦରେ ଜଣାଇଛନ୍ତି। ଏହା ସହିତ ବିଜ୍ଞାନ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ୫ ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ଉଦୟ ହାଁସଦା, ମାଝି ହାଁସଦା, ବୁଢାନ ସରେନ, ସାକିଲା ବାସ୍କେ, ଲକ୍ଷ୍ମୀକାନ୍ତ ବାସ୍କେ, ଦାସ୍ମାତ ସରେନ ପ୍ରମୁଖ ଉପସ୍ଥିତ ଥିଲେ।

## ଓଏଭି ଶିକ୍ଷକଶିକ୍ଷୟିତ୍ରୀଙ୍କ କଳାବ୍ୟାଜ୍ ପରିଧାନ



କରଞ୍ଜିଆ, ୨୮।୧୧(ସମିସ): ରାଜ୍ୟ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ୧୩ ଦଫା ଦାବିନେଇ ରାଜ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ କଳା ବ୍ୟାଜ୍ ପରିଧାନ କରିଛନ୍ତି। ଏହି କ୍ରମରେ କରଞ୍ଜିଆ ବ୍ଲକ ବଡଦେଉଳି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ମଧ କଳା ବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି। କର୍ମଚାରୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ଏଚ୍‌ଆର୍‌ଏସ୍‌ଏସ୍ ଆଇଡି ପ୍ରଦାନ, ସମାନ କାମକୁ ସମାନ ଦରମା, କମ୍ପ୍ୟୁଟର, ପିଇଟି, ମ୍ୟୁଜିକ ଶିକ୍ଷକ ମାନଙ୍କୁ ୪୨୦୦ଟଙ୍କା ଗ୍ରେଡପେ' ପ୍ରଦାନ, ଯୁକ୍ତଦୁଇ କଳା ବିଭାଗ ଆରମ୍ଭ କରିବା ସହ କଳା ବିଭାଗ ଶିକ୍ଷକଙ୍କୁ ଟିଜିଟି ଆର୍ଟର ମାନ୍ୟତା, ଓଡିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷାର୍ଥୀଙ୍କୁ ଏନ୍‌ଏସ୍‌ଏସ୍‌ଏସ୍ ପରୀକ୍ଷା ଦେବା ଅନୁମତି ପ୍ରଦାନ ସହ ଜେଇଇ, ନିଟ୍ ପରୀକ୍ଷାରେ ୧୫% ସଂରକ୍ଷଣ ବ୍ୟବସ୍ଥା ପ୍ରଦାନ କରିବା ଦାବି ଉପସ୍ଥାପନ କରାଯିବା ସହ ଏନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଶାସଙ୍ଗ ହାଇସ୍କୁଲରେ ଶକ୍ତି ସଂରକ୍ଷଣ ସଚେତନତା

ହାଟଡିହୀ,୨୮।୧୧(ସମିସ): ଟାଟା ପାୱାର କ୍ଲବ୍ ଏନର୍ଜି ତରଫରୁ ଶାସଙ୍ଗ ହାଇସ୍କୁଲରେ ଶକ୍ତି ସଂରକ୍ଷଣ ଓ ଅକ୍ଷୟ ଶକ୍ତିର ସୁବିନିଯୋଗ ନିମନ୍ତେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ, ବକ୍ତୃତା, ଚିତ୍ରାଙ୍କନ, ପ୍ରକଳ୍ପ ପ୍ରଦର୍ଶନ ଆଦି ଅନୁଷ୍ଠିତ ହେବା ସହ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରାଯାଇଥିଲା। କୁଇଜରେ ପ୍ରତୀକ୍ଷା ଦେଓ, ବିଶ୍ୱଜିତ ରାଜ, ସାଇପ୍ରସାଦ ସାହୁ, ବକ୍ତୃତାରେ ବିଶ୍ୱଶ୍ରୀ ବେହେରା, ଅମ୍ରିତା ମହାନ୍ତି, ଶୁଭସ୍ମିତା ସାହୁ, ଚିତ୍ରାଙ୍କନରେ ଶୁଭଶ୍ରୀ ଜେନା, ରାଜଶ୍ରୀ ରାଜଲକ୍ଷ୍ମୀ ରଣା, ସାଇପ୍ରସାଦ ସାହୁ, ପ୍ରକଳ୍ପରେ ରୁଦ୍ରଜିତ ଜେନା, ରଶ୍ମିରଂଜନ ବିଶ୍ୱାଳ, ଶ୍ରୀନିବାସ ଅଚାର୍ଯ୍ୟ ସଫଳତା ହାସଲ କରିଥିବା ବେଳେ ସେମାନଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ପୁରସ୍କୃତ କରାଯାଇଥିଲା। ଟାଟାପାୱାରର ସଂଯୋଜକ ଅରୁଣ କୁମାର ମହାନ୍ତ, ପ୍ରଧାନଶିକ୍ଷକ ରାଧାକୃଷ୍ଣ ପତି, ସହକାରୀ ଶିକ୍ଷକ ମାଧବାନନ୍ଦ ଜେନା, ପଦ୍ମନାଭ ପଣ୍ଡା, ଲକ୍ଷ୍ମୀକାନ୍ତ ମିଶ୍ର, ପର୍ଶୁରାମ ନାୟକ, ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ବଡ଼ସାହି,୨୮।୧୧(ସମିସ): ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୬ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକଭାବେ ସମାଜସେବୀ ରାଜକିଶୋର ଆଚାର୍ଯ୍ୟ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ସାହି ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ଯୋଗଦାନ କରି ଅଲମ୍ପିକ ମଶାଲ ପ୍ରଜ୍ୱଳନ କରିଥିଲେ। ମୋବାଇଲ ଖେଳକୁ ତ୍ୟାଗ କରି ଶାରିରୀକ କ୍ରୀଡ଼ାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବଡ଼ସାହି ହ୍ୟୁମାନ ରାଇଟ୍ ମିସନର ସଭାପତି ସୁବୋଧ କୁମାର ଦଣ୍ଡପାଟ, ଅତିଥି ଭାବେ ସିଆରସିସି ସନକ କୁମାର ଘୋଷ, ସମ୍ମାନିତ ଅତିଥି ଭାବେ ଆଦର୍ଶ ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ ଓ ବରିଷ୍ଠ ଖେଳ ଶିକ୍ଷକ ମନୋରଞ୍ଜନ ମହାପାତ୍ର ଯୋଗଦାନ କରି କ୍ରୀଡାର ମହତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ସୌମ୍ୟରଞ୍ଜନ ନାୟକ ଓ ବୀଣାପାଣି ବାରିକ ଧାରାବିବରଣୀ ଦେଇଥିଲେ। ଶେଷରେ ଗୁରୁଜୀ କାର୍ତ୍ତିକ ସେଠୀ ଧନ୍ୟବାଦ ପର୍ପଣ କରିଥିଲେ।

## ଠେଙ୍ଗା ମାଡ଼ରେ ନାବାଳକ ମୃତ

କେନ୍ଦୁଝର, ୨୮।୧୧(ସମିସ): କେନ୍ଦୁଝର ଟାଉନ ଥାନା ବ୍ରାହ୍ମଣୀ ଗାଁରେ ଗତକାଲି ରାତି ଏକ ଅଭାବନୀୟ ଘଟଣା ଘଟିଯାଇଛି। ମିଳିଥିବା ସୂଚନା ଅନୁସାରେ ଗତକାଲି ରାତି ବ୍ରାହ୍ମଣୀଗାଁ ପରେଶ ନାଏକ (୧୭) ବାରଣ୍ଡାରେ ବସି ମୋବାଇଲ ଦେଖୁଥିଲେ। ଏହି ସମୟରେ ସେହି ଗ୍ରାମର ଯାଦବ ନାଏକ (୫୦) ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ବାଡ଼େଇ ଦେଇଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ତାଙ୍କୁ ସଂଗେସଂଗେ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ କରାଇଛି। ଯାଦବକୁ ପୁଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତର ସାମାନ୍ୟ ମାନସିକ ବିକୃତି ଥିବା ପୁଲିସ ପ୍ରକାଶ କହିଛି।

## ଟ୍ରାକ୍ଟର୍‌ରେ ଚାପିହୋଇ ଯୁବକ ମୃତ

ରାଇରଙ୍ଗପୁର,୨୮।୧୧(ସମିସ): ହାଟବାଦଡ଼ା ଅଞ୍ଚଳରେ ଟ୍ରାକ୍ଟର୍ ଚାପି ଜଣକ ମୃତ ହୋଇଛି। ମୃତକ ଜଣଙ୍କ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଉପରବେଡ଼ା ନିକଟ ରଙ୍ଗାମାଟିଆ ଗ୍ରାମର ମଟା ସମାଡ (୧୯)। ଉପରବେଡ଼ା ଗ୍ରାମରେ ଟ୍ରାକ୍ଟର ଚକ ତଳେ ଚାପି ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ଟ୍ରାକ୍ଟର ଚଳାଉଥିବା ବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟର ତଳକୁ ଓଲଟି ପଡ଼ିବାରୁ ଅଘଟଣ ଘଟିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଛନ୍ତି।

## ବିପୁଳ ଦେଶୀ ଓ ବିଦେଶୀ ମଦ ଜବତ; ୮ ଗିରଫ

କରଞ୍ଜିଆ, ୨୮।୧୧(ସମିସ): କରଞ୍ଜିଆ ଅବକାରୀ ବିଭାଗ ତରଫରୁ ମାରାଥନ ଚଢାଉ କରାଯାଇ ୨୩୨ଲିଟର ଦେଶୀ ମହୁଲି ଓ ବିଦେଶୀ ମଦ ଜବତ କରାଯିବ ସହିତ ୮ଜଣଙ୍କୁ ଗିରଫ କରାଯାଇଛି। ସହକାରୀ ନିରୀକ୍ଷକ ରଶ୍ମିରଞ୍ଜନ ନାୟକଙ୍କ ନେତୃତ୍ୱରେ କରଞ୍ଜିଆ ଅବକାରୀ କର୍ମଚାରୀ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଚଢଉ କରାଯାଇଥିଲା। ୱାଡର୍ ନମ୍ବର ୧୦ର ଅପନା ବଜାର ଗଳିରେ ଚିତ୍ତରଞ୍ଜନ ପାତ୍ର ମଦ ବିକ୍ରୟ କରୁଥିବା ବେଳେ ଧରାପଡି ତାଠାରୁ ୫୦ଲିଟର ମୁହୁଲି ମଦ, ସାନଦେଉଳି ଗ୍ରାମର ପବିତ୍ର ନାୟକ ଠାରୁ ବିଦେଶୀ ୬ଲିଟର ମଦ ଜବତ ହୋଇଛି। ସେହିପରି ୬ନଂ. ୱାର୍ଡର ସଂଜୁ ନାୟକ ଠାରୁ ୫୦ଲିଟର, ବସଷ୍ଟାଣ୍ଡର ବବଲୁ କାରୁଆ ପାଖରୁ ୨୫ଲିଟର, ଟିକାସିଲ ଗ୍ରାମର ଉଲପି ନାୟକ ପାଖରୁ ୧୮ ଲିଟର, କରଞ୍ଜିଆ ସୋନି ମନ୍ଦିର ନିକଟ ସଞ୍ଜୁଲତା ସାହୁ ନିକଟରୁ ୫୦ଲିଟର ଦେଶୀ ମଦ ଜବ ହୋଇଛି। ସେହିପରି କରଡ଼ିଆ ଗ୍ରାମର ବାବୁଲି ମହାକୁଡ଼ ପାଖରୁ ୧୮ ଲିଟର ମଦ ଜବତ ହୋଇଛି। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ସିଏସ୍‌ପି କେନ୍ଦ୍ରରୁ ଚୋରି

ରାଇରଙ୍ଗପୁର/ଯଶିପୁର, ୨୮।୧୧(ସମିସ): ଯଶିପୁର ଥାନା ଅଧୀନ ଦୁଙ୍ଗୁରିପୋଷି ଅଞ୍ଚଳର ଏକ ସିଏସପି କେନ୍ଦ୍ରରୁ ଚୋରି ହୋଇଛି। ଏ ନେଇ ରାଜବାବୁ ହେମ୍ବ୍ରମ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। କେନ୍ଦ୍ରର ତାଲା ବନ୍ଦ ଥିବା ବେଳେ ସାମଗ୍ରୀ ଚୋରି ହୋଇଛି। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି।

## ୧୩ ଦଫା ଦାବି: ଓଏଭି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ କଳାବ୍ୟାଜ୍ ପରିଧାନ

ଶୁକୁଳି/ଖୁଣ୍ଟିଂ, ୨୮।୧୧(ସମିସ): ରାଜ୍ୟ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘର ଆହ୍ୱାନ କ୍ରମେ ସାରା ରାଜ୍ୟରେ ୧୩ ଦଫା ଦାବି ନେଇ ଶିକ୍ଷକ ଶିକ୍ଷୟିତ୍ରୀମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗଦେଇଛନ୍ତି। ଗତ ୨୪ ତାରିଖରୁ ଶାନ୍ତିପୂର୍ଣ୍ଣଭାବେ ଆନ୍ଦୋଳନ ଚାଲିଛି। କର୍ମଚାରୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, କ୍ୟାଡ଼ର ରୁଲ୍ ପ୍ରଦାନ, ସମାନ କାମକୁ ସମାନ ଦରମା ପ୍ରଦାନ, କମ୍ପ୍ୟୁଟର, ପଇଟି ଓ ମ୍ୟୁଜିକ ଶିକ୍ଷକଙ୍କୁ ୪୨୦୦ ଗ୍ରେଡ ପେ ପ୍ରଦାନ, ଯୁକ୍ତ ଦୁଇ କଳା ବିଭାଗର ଆରମ୍ଭ କରିବା ଆଦି ୧୩ ଦଫା ଦାବି ନେଇ ଏହି ଆନ୍ଦୋଳନ ଚାଲିଛି।

## ବାର୍ଷିକ କ୍ରୀଡ଼ା ଉଦଯାପିତ

ରାଇରଙ୍ଗପୁର,୨୮।୧୧(ସମିସ): ରାଇରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଛି। ସ୍ଥାନୀୟ ଭରଣ୍ଡିଆ ପଡିଆରେ ୩୫ତମ ବାର୍ଷିକ କ୍ରୀଡା ଉଦଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରମୁଖ ବାବୁଲାଲ ଦାସ, ସମ୍ମାନିତ ଅତିଥି ଭାବେ କ୍ରୀଡା ଶିକ୍ଷକ ଦୁର୍ଗାଚରଣ ମହାନ୍ତ ଏବଂ ଜିଲ୍ଲା ଶୈକ୍ଷିକ ପ୍ରମୁଖ ପ୍ରକାଶ ଚନ୍ଦ୍ର ମଣ୍ଡଳ ଉପସ୍ଥିତ ଥିଲେ। ୩ଦିନ ଧରି ପରିଚାଳିତ କ୍ରୀଡା ପ୍ରତିଯୋଗିତାରେ ୧୧, ୧୪, ୧୭ ଏବଂ ୧୯ ବର୍ଷରୁ କମ ବର୍ଗର ବିଭିନ୍ନ କ୍ରୀଡା ହୋଇଥିଲା। ଏହି ଖେଳରେ ମୋଟ ୧୪୫୨ଜଣ ଶିଶୁ ଭାଇ ଭଉଣୀ ଭାଗ ନେଇଥିଲେ। ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଆଁଳ ଗାଁ ରାସ୍ତାରେ ପାଇପ୍ ଫାଟି ବହୁଛି ପାଣି



ଆନନ୍ଦପୁର, ୨୮।୧୧ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡ଼ା ପଞ୍ଚାୟତର ସୁଆଁଳ ଗାଁରେ ପାଣି ପାଇପ ଫାଟିଯାଇ ରାସ୍ତାରେ ପାଣି ବହିଯାଉଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୁଆଁଳ ଗ୍ରାମକୁ ବିଶୁଦ୍ଧ ପାନୀୟଜଳ ଯୋଗାଉଥିବା ପାଇପ ଦୁଇଟି ଜାଗାରେ ଫାଟିଯିବାରୁ ଗ୍ରାମରାସ୍ତା ପାଣି କାଦୁଅରେ କର୍ଦ୍ଦମାକ୍ତ ହୋଇ ଜନଜୀବନକୁ ପ୍ରଭାବିତ କରିଛି। ଦୁଇ ସପ୍ତାହ ଧରି ଏପରି ସମସ୍ୟା ଲାଗି ରହିଥିଲେ ମଧ ପାଇପ୍‌କୁ ସଜାଡିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏବେବି ଅନେକ ଗାଁ ବିଶୁଦ୍ଧ ପାନୀୟଜଳ ସମସ୍ୟାରେ ଥିବା ବେଳେ ଏଠାରେ ପାନୀୟ ଜଳର ଅପଚୟ ହେଉଛି। ନିମ୍ନମାନର ପାଇପ୍ ଯୋଗୁଁ ଏପରି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ପୁଲିସକୁ ଆକ୍ରମଣ ସହ ଗାଡ଼ି ଭଙ୍ଗାରୁଜା ନେଇ ମାମଲା ରୁଜୁ

ତୁରୁମୁଙ୍ଗା, ୨୮।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଜମୁନାପଶି ଗ୍ରାମର ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ନେତା ବେଣୁଧର ସର୍ଦ୍ଦାରଙ୍କୁ ଗତ ବୁଧବାର ବିଳମ୍ବିତ ରାତ୍ରିରେ ତୁରୁମୁଙ୍ଗା ପୁଲିସ ଗିରଫ କରିବାକୁ ଯାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଥିଲା। ପୁଲିସ ଗାଡ଼ିରୁ ବେଣୁଧରଙ୍କୁ ଖଲାସ କରିବାକୁ ଗ୍ରାମର ଲୋକେ ଦାବି କରିଥିଲେ। ପୁଲିସ ଗାଡ଼ି ଆଗରେ ଶୋଇ ରହିବା ସହ ବସି ରହିଥିଲେ। ଯାହାଫଳରେ ୪ ଘଣ୍ଟା ଧରି ପୁଲିସ ଗ୍ରାମବାସୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ପୁଲିସ ମୃଦୁ ଲାଠି ଚାଳନା କରି ଉଦ୍ଧାର ପାଇ ଫେରିବା ସମୟରେ ଜମୁନାପଶି ଓ କଡଖମଣ ଗ୍ରାମବାସୀ ଲୋକେ ଗାଡ଼ି ଭଙ୍ଗାରୁଜା କରିବା, ପୁଲିସ କର୍ମଚାରୀଙ୍କୁ ଅଟକାଇ ଆକ୍ରମଣ କରିବା ସହ ଠେଙ୍ଗାରେ ପିଟିବା ଭଳି ଏକ ମାମଲା ତୁରୁମୁଙ୍ଗା ପୁଲିସ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ୩୦୦/୨୫ରେ ଏକ ମାମଲା ରୁଜୁ ହେବା ସହ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ, ଅକ୍ଷୟ ନାୟକ ଏବଂ ଗିରଫ ହୋଇଥିବା ୫ଜଣ ପ୍ଲାଣ୍ଟ ବିରୋଧୀ ନେତା ବେଣୁଧର ସର୍ଦ୍ଦାର, ଭୁବନାନନ୍ଦ ସର୍ଦ୍ଦାର, ବେଣୁଧର ମହାନ୍ତ ସରୋଜ ସିଂ ରବୀନ୍ଦ୍ର ମହାନ୍ତ ଓ ଉଭୟ ଯମୁନାପଶି ଓ କଡଖମଣ ଗ୍ରାମଙ୍କ ନାମରେ ମାମଲା ରୁଜୁ କରିଥିବା ଥାନା ଇନସ୍ପେକ୍ଟର କିରଣ ସାହୁ କହିଛନ୍ତି। ଅପରପକ୍ଷରେ, ଅଗଣତାନ୍ତ୍ରିକ ଭାବରେ ପୁଲିସ୍ ମାମଲା ରୁଜୁ କରିବା ସହ ପ୍ରଶାସନର ହୀନ ଉଦ୍ଦେଶ୍ୟ ନେଇ ମାମଲା ରୁଜୁ କରି ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ଗିରଫ କରୁଥିବା ଘନଶ୍ୟାମ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପୁଲିସର ଆକ୍ରୋଶମୂଳକ କାର୍ଯ୍ୟକୁ ଗ୍ରାମବାସୀ ନାପସନ୍ଦ କରିବା ସହ ଘଟଣାକୁ ନେଇ ଉଭୟ ଗାଁରେ ଅସନ୍ତୋଷର ବହ୍ନି ଜଳୁଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୪୯ - ପୂର୍ବ ଜର୍ମାନୀର ଏକ ୟୁରାନିୟମ୍ ଖଣିରେ ବିସ୍ଫୋରଣ ହେବାରୁ ୩୭୦୦ ଲୋକଙ୍କ ପ୍ରାଣହାନି।
- ୧୯୬୧- ରୁଷୀୟ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କ ଭାରତ ଆଗମନ।
- ୧୯୮୯ - ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଇସ୍ତଫା ।
- ୨୦୦୮ - ୬୦ ଘଣ୍ଟାର କମାଣ୍ଡୋ ଅପରେସନ୍ ପରେ ମୁମ୍ବାଇ ଆତଙ୍କବାଦୀଙ୍କ କବଳରୁ ମୁକ୍ତ ।
- ୨୦୧୧- ଅହମିୟା ଲେଖିକା ତଥା ଜ୍ଞାନପୀଠ ପୁରସ୍କାର ବିଜେତା ଇନ୍ଦିରା ଗୋସ୍ୱାମୀଙ୍କ ପରଲୋକ।



# ଭ୍ରାମ୍ୟମାଣ ସ୍କୁଲ

ପଞ୍ଜାବ, ଭଟିଣ୍ଡାରେ ଏକ ସ୍କୁଲକୁ ନେଇ ଏବେ ସବୁଠି ଚର୍ଚ୍ଚା। କାରଣ ଅନ୍ୟ ସ୍କୁଲ ଭଳି ଏଠାକୁ ପିଲାମାନେ ପଢ଼ିବାକୁ ଯାଆନ୍ତି ନାହିଁ। ବରଂ ପିଲାମାନଙ୍କ ପଢ଼ିବା ନିମନ୍ତେ ସେମାନଙ୍କ ପାଖକୁ ସ୍କୁଲ ଆସିଥାଏ। 'ଗୁଡ୍‌ୱିଲ ମୋବାଇଲ୍ ସ୍କୁଲ' ନାମରେ ପରିଚିତ ଏହି ସ୍କୁଲଟି ଏକ ଟ୍ରାକ୍ଟର ଟ୍ରଲିରେ ତିଆରି ହୋଇଛି। ସହରର ବସ୍ତି ପିଲାଙ୍କୁ ଏହା ମାଗଣାରେ ଶିକ୍ଷାଦାନ କରିଥାଏ। ଅବସରପ୍ରାପ୍ତ ରେଲୱେ ଇଞ୍ଜିନିୟର କେକେ ଗର୍ଗ ବସ୍ତିରେ ରହୁଥିବା ଆର୍ଥିକ ଅନଗ୍ରସର ପିଲାଙ୍କୁ ଶିକ୍ଷିତ କରିବା ଉଦ୍ଦେଶ୍ୟରେ ଏହି ସ୍କୁଲର ଆରମ୍ଭ କରିଥିଲେ। ୨୦୦୬ ମସିହାରେ ସେ ତାଙ୍କ ଡ୍ୟୁଟିକୁ ଯାଉଥିବା ସମୟରେ ରେଳ ଲାଇନ୍ ନିକଟରେ ଥିବା ପିଲାମାନେ ସବୁବେଳେ ଖେଳୁଥିବାର ସେ ଦେଖୁଥିଲେ। କେବେବି ପିଲାମାନଙ୍କୁ ସେ ସ୍କୁଲ ଯିବାର ଦେଖୁ ନ ଥିଲେ। ଶିକ୍ଷାରୁ ବଞ୍ଚିତ ଏହି ପିଲାମାନଙ୍କୁ ସେ ଶିକ୍ଷିତ କରିବାକୁ ଅବସର ପରେ ଏମିତି ଏକ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ଖରା-ବର୍ଷାର ମୁକାବିଲା କରିବାକୁ ସେ ଏଥିରେ ପାଣିପାଗ ପ୍ରତିରୋଧି ଜାପାନୀ ସିଟ୍ ଏବଂ ଜିପ୍‌ସମ୍ ବୋର୍ଡ ବ୍ୟବହାର କରିଛନ୍ତି। ପିଲାମାନଙ୍କୁ ଗରମ ନ ଲାଗିବା ଲାଗି ସେ ଏଥିରେ ପଙ୍ଖାର ବନ୍ଦୋବସ୍ତ ମଧ୍ୟ କରିଛନ୍ତି। ତେବେ ବିଗତ ୧୭ ବର୍ଷ ମଧ୍ୟରେ ଏହି ସ୍କୁଲଟି ପାଖାପାଖି ୭୦୦ରୁ ଅଧିକ ପିଲାଙ୍କୁ ଶିକ୍ଷାଦାନ କରିବାରେ ସକ୍ଷମ ହୋଇଛି। ତେବେ ଏହି ପିଲାମାନଙ୍କୁ ପ୍ରାରମ୍ଭିକ ଶିକ୍ଷା ଯୋଗାଇ ଦିଆଯିବା ପରେ ସେମାନଙ୍କୁ ନିକଟସ୍ଥ ସରକାରୀ ସ୍କୁଲରେ ନାମ ଲେଖାପାଇଁ ସେ ବନ୍ଦୋବସ୍ତ କରି ଦିଅନ୍ତି। ପିଲାଙ୍କୁ ପଢ଼ାଇବାକୁ ଶ୍ୱେତା ନାମକ ଜଣେ ଶିକ୍ଷୟିତ୍ରୀ ମଧ୍ୟ ଅଛନ୍ତି। ଶ୍ୱେତା କୁହନ୍ତି, ଏହି ସ୍କୁଲରେ ସେ ଚାରି ବର୍ଷ ହେଲାଣି ପଢ଼ାଉଛନ୍ତି। ତେବେ ଆରମ୍ଭରୁ ଏହି କାମ କରିବା ତାଙ୍କ ପାଇଁ ବହୁତ ସମସ୍ୟା ଥିଲା। ହେଲେ ବସ୍ତିର ପିଲାମାନଙ୍କର ମାବାପାଙ୍କୁ ବୁଝାଇବା ପରେ ସେମାନେ ତାଙ୍କ ପିଲାଙ୍କୁ ପଢ଼ିବାକୁ ଛାଡିଥିଲେ। ପ୍ରତିଦିନ ସେ ଦ୍ୱିପ୍ରହର ୩ରୁ ୫ଟା ପର୍ଯ୍ୟନ୍ତ କ୍ଲାସ୍ ନିଅନ୍ତି। ସବୁଠୁ ବଡ଼ କଥା ହେଉଛି, ମାଗଣାରେ ଶିକ୍ଷାଦାନ ସହିତ ସ୍କୁଲ ପକ୍ଷରୁ ପିଲାମାନଙ୍କୁ ଫଳ, ବିସ୍କୁଟ୍ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦିଆଯାଇଥାଏ। ଅନ୍ୟପଟେ ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଏହିପରି ସ୍କୁଲ ସବୁଆଡେ ହେବା ଦରକାର। ସରକାର ମଧ୍ୟ ଏଭଳି ସ୍କୁଲ ଖୋଲିବା ପାଇଁ ସାହାଯ୍ୟ କରିବା ଦରକାର।

# 'ସ୍ପିରିଟ୍'ରେ ରଣବୀର



ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ବର୍ଷ ବର୍ଷ ଧରି ଅପେକ୍ଷା କରିଥାନ୍ତି। ପ୍ରଭାସଙ୍କ ଆଗାମୀ ଫିଲ୍ମ 'ସ୍ପିରିଟ୍'ର ରିଲିଜ୍‌କୁ ଏବେ ତାଙ୍କ ପ୍ରଶଂସକମାନେ ଚାହିଁ ବସିଛନ୍ତି। 'ଆନିମଲ', 'କବିରସିଂହ' ଫେମ୍ ସନ୍ଦୀପ ରେଡ୍ଡି ଭାଙ୍ଗା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ରଣବୀର କପୁର ଏଥିରେ ନଜର ଆସିବେ ବୋଲି ଜଣାପଡ଼ିଛି। ଅବଶ୍ୟ ରଣବୀର ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ। ପୂର୍ବରୁ ରଣବୀର ସନ୍ଦୀପଙ୍କ ସହ 'ଆନିମଲ' ଫିଲ୍ମରେ କାମ କରିଥିଲେ। ଏହି ଫିଲ୍ମ ମାଧ୍ୟମରେ ପ୍ରଥମ ଥର ସେ ପ୍ରଭାସଙ୍କ ସହ ସ୍କ୍ରିନ୍ ସେୟାର୍ କରିବେ। ଇତିମଧ୍ୟରେ ସନ୍ଦୀପ ଏହାର ସୁଟିଂ ମଧ୍ୟ ଆରମ୍ଭ କରିଛନ୍ତି। 'ଆନିମଲ' ଫିଲ୍ମ ବ୍ଲକ୍‌ବଷ୍ଟର୍ ହେବା ପରେ 'ସ୍ପିରିଟ୍'କୁ ହିଟ୍ କରିବା ପାଇଁ ସନ୍ଦୀପ ରଣବୀରଙ୍କୁ ନେଇଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ଏଯାଏଁ ରଣବୀରଙ୍କୁ ନେଇ ସନ୍ଦୀପ ବିଧିବଦ୍ଧ ଭାବେ କିଛି କହିନାହାନ୍ତି।

# ଇନ୍‌ଫ୍ଲୁଏନ୍ସରଙ୍କ ପାଇଁ ନୂଆ ନିୟମ

ନିକଟରେ ଚୀନ୍ ଏପରି ଏକ ନିୟମ ଆଣିଛି ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ତର୍କ ବିତର୍କ ଆରମ୍ଭ ହୋଇଛି। ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଇନ୍‌ଫ୍ଲୁଏନ୍ସର୍‌ମାନେ କହିବା ପାଇଁ ଏହି କ୍ଷେତ୍ରରେ ଡିଗ୍ରୀ ରହିବା ନିହାତି ଆବଶ୍ୟକ। ଏଥିରୁ ଏକଥା ସ୍ପଷ୍ଟ ହେଉଛି ଯେ, ବିନା ଡିଗ୍ରୀ ଏବଂ ଲାଇସେନ୍ସ ନ ଥିବା ଇନ୍‌ଫ୍ଲୁଏନସର୍ ଏହି ସବୁ ବିଷୟରେ ଖୋଲାଖୋଲି ଆଲୋଚନା କରିପାରିବେ ନାହିଁ। ଚୀନ୍‌ରେ ଏହି ନିୟମ ଅକ୍ଟୋବର ୨୫ରୁ ଲାଗୁ ହୋଇଛି। ତେବେ ଏଭଳି ନିୟମର ଉଦ୍ଦେଶ୍ୟ ହେଉଛି ଅନଲାଇନ୍‌ରେ ଭୁଲ ତଥ୍ୟ ପ୍ରଦାନ କରିବା ଏବଂ ଲୋକଙ୍କୁ ଭୁଲ୍ ତଥ୍ୟ ଦେଉଥିବା ଇନ୍‌ଫ୍ଲୁଏନ୍ସର୍‌ଙ୍କୁ ବନ୍ଦ କରିବା। ତେବେ ଏହି ନିୟମକୁ ସାଇବରସ୍ପେସ୍ ଆଡମିନିଷ୍ଟ୍ରେସନ ଅଫ୍ ଚୀନ୍ ଲାଗୁ କରିଛି। ସେହିପରି ଏହି ନିୟମ କେବଳ ଇନ୍‌ଫ୍ଲୁଏନ୍ସର୍‌ଙ୍କ ଉପରେ ନୁହେଁ, ବରଂ Douyin, weibo, bilibili ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ମଧ୍ୟ ଲାଗୁ ହେବ। ଏହାବାଦ୍ ଚିକିତ୍ସା ଉପକରଣ, ହେଲଥ ଫୁଡ୍ ଏବଂ ସପ୍ଲିମେଣ୍ଟ ସମ୍ବନ୍ଧିତ ବିଜ୍ଞାପନ ଉପରେ ବି କଟକଣା ଲାଗୁ କରାଯାଇଛି। ସେହିପରି ଏହି କମ୍ପାନିମାନଙ୍କୁ ସୁନିଶ୍ଚିତ କରିବାକୁ ହେବ ଯେ, ଏହାର ପ୍ଲାଟଫର୍ମରେ ଥିବା କ୍ରିଏଟରଙ୍କ ପାଖରେ ସେସମ୍ପର୍କିତ ଡିଗ୍ରୀ, ସାର୍ଟିଫିକେଟ୍ ରହିଛି। ଯଦି ଜଣେ ଇନ୍‌ଫ୍ଲୁଏନ୍ସର୍ ତାଙ୍କ ବିଷୟବସ୍ତୁରେ ଏଆଇ ଜେନେରେଟେଡ୍ ସାମଗ୍ରୀ କିମ୍ବା ଗବେଷଣା ଅଧ୍ୟୟନ ବ୍ୟବହାର କରନ୍ତି, ତାହେଲେ ତାଙ୍କୁ ସେହି ଭିଡିଓ କିମ୍ବା ପୋଷ୍ଟରେ ଏ ବାବଦରେ ସ୍ପଷ୍ଟ ଭାବରେ କହିବାକୁ ପଡ଼ିବ। ଅନ୍ୟପଟେ ଏହି ନିୟମକୁ ନେଇ ଅନଲାଇନ୍‌ରେ ତର୍କ ଆରମ୍ଭ ହୋଇଛି। କିଛି ଲୋକ ଏହାକୁ ଠିକ୍ ପଦକ୍ଷେପ ବୋଲି କହିଥିବା ବେଳେ ଆଉ କିଛି ଜଣ ଏଭଳି ଆଇନ ବ୍ୟକ୍ତିଗତ ସ୍ୱାଧୀନତାକୁ ହସ୍ତକ୍ଷେପ କରୁଛି ବୋଲି କହିଛନ୍ତି।



## ପ୍ରହେଳିକା

- ପାତି ବାଉଁଶରେ ମୋ ଦେହ ଗଢ଼ା
  ଚାଉଳରୁ କୁଣ୍ଡା ପକାଏ କାଢ଼ି
  ସବୁ ପରିବାର ପାଇଁ ମୁଁ ଲୋଡ଼ା
  ମୋ ପିଠିରେ ମାଆ ପାରଇ ବଡ଼ି
  ଶୁଭ ବିବାହରେ ପଡ଼ଇ ଖୋଜା
  ହାତୀ କାନ ପରି ରୂପଟି ମୋର
  ଶବ ସଙ୍ଗେ ଯାଏ କହରେ ରାଜା
  ନାଆଁଟି ମୋହର ଦୁଇ ଅକ୍ଷର ।

  ଉତ୍ତର:- କୁଲା

- ସାଧୁ ବସିଥିଲେ ପୋଖରୀ କୂଳେ
  ଏକ ଧ୍ୟାନରେ
  ମୀନ ଖେଳୁଥିଲା ଗଭୀର ଜଳେ
  ଖୁସି ମନରେ
  ଜିହ୍ୱା ଲାଳସାର ମୋହରେ ସାଧୁ
  ଥଣ୍ଟରେ ଧରି
  ଗିଳି ପକେଇଲେ ଜିଅନ୍ତା ମାଛ
  ଡେରି ନ କରି
  ଡେଙ୍ଗା ଗୋଡ଼ ସାଧୁ ପୋଷାକ ଧଳା
  କହି ନ ପାରିଲେ ଚଞ୍ଚଳ ପଳା
  ଉତ୍ତର କହିବ ଯିଏ
  ଖେଚୁଡ଼ି ଖାଇବ ସିଏ ।

  ଉତ୍ତର :- ବଗ



- ବଞ୍ଚିଥିଲେ ଲକ୍ଷେ ମରିଗଲେ ଲକ୍ଷେ
  ପୂର୍ବରୁ ରହିଛି ପ୍ରବାଦ
  ସେଇ ଜୀବ ଏବେ ଗାଆଁ ମୁହାଁ ହୋଇ
  ନିଇତି ଘଟାଏ ବିବାଦ
  ଭାଙ୍ଗେ ଘରଦ୍ୱାର ମାରେ ମଣିଷ
  ଲକ୍ଷ୍ମୀଙ୍କ ବାହନ ସିଏ
  ଲକ୍ଷ୍ମୀ ଠାକୁରାଣୀ ଆଶିଷ ପାଇବ
  ନାଆଁ କହିଦେବ ଯିଏ ।

  ଉତ୍ତର:-ହାତୀ

ଜଗଦୀଶ ସାହୁ, ସଞ୍ଜପଡ଼ା, ଢେଙ୍କାନାଳ
ମୋ- ୯୦୭୮୯୮୫୬୬୭

## ଆମ ଘର



ଗୋପୀନାଥ ଦାଶ

ପଥର ଇଟା ବାଲି ଓ ସିମେଣ୍ଟରେ
ତିଆରି ଆମ ଘର
ମା' ବାପା ଭାଇ ଭଉଣୀ ସଭିଏଁ
ପ୍ରେମ ଆନନ୍ଦ ଅପାର।
ସ୍କୁଲ ପାଠ ସାରି ଘରକୁ ଫେରିଲେ
ଖୁସି ହସେ ଭରେ ମନ
ପିତା ମାତାଙ୍କ ସେନେହ ଆଦରେ
ପୁଲକିତ ହୁଏ ପ୍ରାଣ।
ଖରା ବରଷା ଶୀତ କାକରରୁ
ବଞ୍ଚାଇ ରଖିଛି ଘର
କେତେ ପୂଜା ବିଧି ଉତ୍ସବ ବ୍ୟସନ
ମୂକ ସାକ୍ଷୀ ଏ ଘର।
ସଜାଇ ରଖିଛି ଖାତା ବହି ମୁହିଁ
ନିତି ଓଳାଏ ମୁଁ ଘର
ଅଭ୍ୟାସ କରେ ପଢ଼ା ଘରେ ବସି
ପାଠ ସାରେ ତର ତର।
ରନ୍ଧା ଘରେ ମା' ତିଆରି କରେ
ସୁସ୍ୱାଦୁ ଖାଦ୍ୟ ରକମର
ମମତା ଭରି ପରସି ଦିଏ ସେ
ପୂରିଯାଏ ପେଟ ମୋର।
ଅଜଣା ପାଠକୁ ଶିଖାଇ ଦିଅନ୍ତି
ବାପା ମୋତେ ବସା ଘରେ
କେତେ ପ୍ରକାର ଖେଳଣା ଦିଅନ୍ତି
ବସି ଖେଳେ ଆନନ୍ଦରେ।
ସଫାସୁତରା ଶୋଇବା ଘରଟି
ପୂର୍ଣ୍ଣ ବାୟୁ ଚଳାଚଳ
ଗଡ଼ିଲେ ସେଜରେ ନିଦ ମାଡ଼ିଆସେ
ସତେଜ ଲାଗେ ସକାଳ।
ଘରଟି ଆମର ସୁଖ ଶାନ୍ତିର
ବନ୍ଧନର ପରିଚୟ
ଏଇଠାରେ ଏକାଠି ସଭିଏଁ ରହୁଁ
ଏଇ ତ ଆମରି ଘର। ■

ବରପାଲିପଡ଼ା, ବଲାଙ୍ଗୀର
ମୋ -୭୩୭୧୮୦୫୦୭୦

## ବଣଭୋଜି



ରାମଚନ୍ଦ୍ର ବେହେରା

ଆସିଛି ଶୀତ ଆସ ସଙ୍ଗୀତ
କରିବା ବଣଭୋଜି
ଗଛର ମୂଳେ ଝରଣା କୂଳେ
ଆନନ୍ଦେ ଯିବା ମଜି।
ବଣର କୋଳେ ସାଥିଙ୍କ ମେଳେ
ରାନ୍ଧିବା ଭାତ ଡାଲି
ଭଜା ତିଅଣ ରାନ୍ଧିବା ଆମେ
ଲଗାଇ କାଠ ଚୂଲି।
ହସ ଖୁସିରେ ଖେଳିବା ଲୁଡୁ
ଗାଇବା ଖୁସି ଗୀତ
ଏକାଠି ବସି ଏକାଠି ହସି
ଖାଇବା ଖାଦ୍ୟ ମିତ।
ରୋଷେଇ ଜାଗା ରଖିବା ସଫା
ମାନିବା ବଣ ନୀତି
ବୃକ୍ଷ ଓ ଲତା ବନ୍ୟ ପ୍ରାଣୀଙ୍କ
କରିବା ନାହିଁ କ୍ଷତି।
ରୋଷେଇ ଅନ୍ତେ ଲିଭାଇ ଦେବା
ଚୂଲିରେ ଥିବା ନିଆଁ
ପରିବେଶର ରଖିଲେ ଧ୍ୟାନ
ହସିବ ଧରା ମାଆ।
ସଞ୍ଜ ନଇଁଲେ ଫେରି ଆସିବା
କରିବା ନାହିଁ ଡେରି
ବଣଭୋଜିର ମିଠା ସ୍ମୃତିକୁ
ପରାଣେ ଦେବା ଭରି। ■

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ



ରାଜେଶ ରାୟ

# ମହୁମାଛିର ଦୁଃଖ



ଶୀତଦିନେ କ୍ଷେତରେ ଫୁଟିଥିବା ସୁନ୍ଦର ହଳଦୀ ରଙ୍ଗର ସୋରିଷ ଫୁଲ ପାଖକୁ ପ୍ରତିଦିନ ମହୁମାଛିଟିଏ ଆସୁଥିଲା ଏବଂ ଫୁଲରୁ ବାହାରୁଥିବା ମିଠାରସ ଖାଇ ଆନନ୍ଦ ମନରେ ପରାଗ ରେଣୁକୁ ନେଇ ଉଡ଼ି ଯାଉଥିଲା। ତେଣୁ ସେହି ମହୁମାଛି ସହ ସୋରିଷ ଫୁଲର ଅତି ନିବିଡ଼ ସମ୍ପର୍କ ଗଢ଼ି ଉଠିଥିଲା। ସେମାନେ ପରସ୍ପରକୁ ସାଙ୍ଗ ବୋଲି ଡାକୁଥିଲେ । ଦିନକର ଘଟଣା, ମହୁମାଛିଟି ସେଦିନ ସୋରିଷ ଫୁଲ ପାଖକୁ ଆସିଲା ନାହିଁ। ସୋରିଷ ଭାବିଲା ହୁଏତ ମହୁମାଛି କୌଣସି କାମରେ ବ୍ୟସ୍ତ ରହିଯାଇଥିବ। ତା ପରଦିନ ମଧ୍ୟ ମହୁମାଛି ଆସିଲା ନାହିଁ। ନିଜ ସାଙ୍ଗକୁ ଅପେକ୍ଷା କରି କରି ସୋରିଷ ଫୁଲ ମନ ଦୁଃଖରେ ଝାଉଁଳି ପଡ଼ିଲା । ଏମିତି ୫ ଦିନ ବିତିଯିବା ପରେ ମହୁମାଛି ଆସି ପହଁଚିଲା । ନିଜ ସାଙ୍ଗକୁ ପାଖରେ ପାଇ ସୋରିଷ ଫୁଲ ବହୁତ ଖୁସିହେଲା କିନ୍ତୁ ସେ ଦେଖିଲା ମହୁମାଛି ଆଗପରି ଆଉ ଖୁସି ନାହିଁ । ଦୁଃଖରେ ମନ ମାରି ମହୁମାଛିଟି ବସି ରହିଥିଲା। ସୋରିଷ ପଚାରିଲା "ସାଙ୍ଗ କଣ ହେଇଛି ତୋର ? ତୁ ଏତେଦିନ ଯାଏଁ କୋଉଠି ଥିଲୁ ? ଜାଣିଛୁ ତତେ ଝୁରି ଝୁରି ମୁଁ କେତେ କଷ୍ଟ ପାଇଛି। ଏହାଶୁଣି ମହୁମାଛି ବହୁତ ଜୋରରେ କାନ୍ଦିବାକୁ ଲାଗିଲା ଏବଂ କହିଲା ସାଙ୍ଗ ମତେ ତୁ କ୍ଷମା କରିଦେ । ମୁଁ ଆଉ ଆଜିଠୁ ତୋ ପାଖକୁ ଆସିବି ନାହିଁ । ଏଇଟା ଆମର ଶେଷ ଦେଖା। ଏକଥା ଶୁଣିବା ପରେ ସୋରିଷ ଫୁଲର ଛାତି ଫାଟିଗଲା ଆଉ ସେ କହିଲା "କ'ଣ ପାଇଁ ସାଙ୍ଗ? ତୁ କାହିଁକି ଆସିବୁନି? କ'ଣ ଅସୁବିଧା ହେଇଛି ମତେ କହ। ତା ପରେ ମହୁମାଛି ନିଜର ଦୁଃଖକୁ ଗୋଟି ଗୋଟି କରି କହିଲା। ତା ଘର ଯେଉଁ ଗଛରେ ଥିଲା ସେଠାରେ ଲୋକମାନେ ଆସି କାରଖାନା କରିବା ପାଇଁ ଗଛ କାଟିଦେଲେ। ତେଣୁ ତା ଘର ଭାଙ୍ଗି ଯାଇଛି, ଭାଇ ଭଉଣୀମାନଙ୍କ ମଧ୍ୟରୁ କିଛି ମରି ଯାଇଛନ୍ତି ଆଉ କିଛି କେଉଁ ଆଡ଼େ ପଳେଇଛନ୍ତି। ମହୁମାଛି କହିଲା, ଯେଉଁ ପ୍ରକୃତି ଆମକୁ ସୃଷ୍ଟି କରିଛି ଏବଂ ନିଜ କୋଳରେ ରଖି ସୁରକ୍ଷା ଦେଉଛି ସେହି ପ୍ରକୃତିକୁ ମଣିଷ ଆଜି ନିଜର ସ୍ୱାର୍ଥ ପାଇଁ ନଷ୍ଟ କରି ଦେଉଛି ଯାହାର ପ୍ରଭାବରେ ଆମ ଜୈବ ବିବିଧତା ଦିନକୁ ଦିନ କମି ଯାଉଛି। ଏହି କାରଣ ଯୋଗୁ ଅନେକ ଜୀବ ଆମ ପାଖରୁ ଲୋପ ପାଇ ଗଲେଣି। ତେଣୁ ମୁଁ ନିଷ୍ପତି ନେଇଛି ଏହି ମଣିଷ ପାଖରୁ ବହୁତ୍ ଦୂରକୁ ଚାଲିଯିବି। ମହୁମାଛିର ଦୁଃଖକଥା ଶୁଣି ସୋରିଷ ଫୁଲ ମଧ୍ୟ ଭେଁ ଭେଁ ହୋଇ କାନ୍ଦିଲା ଆଉ କହିଲା " ସାଙ୍ଗ ତୁ ଯଦି ମୋ ଠାରୁ ଦୂରେଇ ଯିବୁ ତେବେ ମୁଁ ବି ମରିଯିବି କାରଣ ତୋରି ପାଇଁ ହିଁ ମୁଁ ନିଜର ପରାଗରେଣୁକୁ ଅନ୍ୟ ଫୁଲ ପାଖକୁ ପଠାଇ ପାରୁଛି ଯାହାଦ୍ୱାରା ମୋର ବଂଶ ବୃଦ୍ଧି ହେଉଛି। ତୁ ଚାଲିଗଲା ପରେ ମୋ ସଂଖ୍ୟା ମଧ୍ୟ ଧୀରେ ଧୀରେ କମିଯିବ। ଆମେ ମଣିଷ ପାଇଁ କେତେ କ'ଣ ସାହାଯ୍ୟ କରୁଛୁ କିନ୍ତୁ ସିଏ ଆମ ମୂଲ୍ୟକୁ ବୁଝି ପାରୁନି। ମହୁମାଛି କହିଲା, ଜାଣିଛୁ ସାଙ୍ଗ ମଣିଷ ଏବେ ଆଧୁନିକତାର ମାୟାରେ ଅନ୍ଧ ହୋଇ ପ୍ରକୃତି ସହ ଖେଳୁଛି ଯାହା ଫଳରେ ଆଗପରି ଆଉ ଋତୁଚକ୍ର ବଦଳୁ ନାହିଁ , ପରିବେଶ ଏବେ ଧ୍ୱଂସ ମୁହଁରେ। ଏହାର ଫଳ ସ୍ୱରୂପ ଏବେ ବନ୍ୟା , ବାତ୍ୟା, ଭୂମିକମ୍ପ ପରି ବିପର୍ଯ୍ୟୟ ଆମ ପାଖକୁ ମାଡ଼ି ଆସୁଛି। ମଣିଷ ଏବେ ଅନ୍ୟ ଗ୍ରହରେ ଘର କରିବା କଥା ଭାବୁଛି କିନ୍ତୁ ନିଜେ ରହୁଥିବା ଘରକୁ ସଜାଡୁ ନାହିଁ। ସିଏ ଜାଣି ପାରୁନି ଯେ ନିଜ ହାତରେ ନିଜର ହିଁ ସର୍ବନାଶ କରୁଛି। ଏହି କଥା କହି ଦୁହେଁ ପରସ୍ପରକୁ ଧରି କାନ୍ଦିଲେ। ଚାହୁଁ ଚାହୁଁ ସନ୍ଧ୍ୟାବେଳ ଆସିଯାଇଥିଲା। ଇଚ୍ଛା ନ ଥିଲେ ମଧ୍ୟ ଆଖିରୁ ଲୁହ ଗଡ଼ାଇ ମହୁମାଛି ତାର ଅତିପ୍ରିୟ ସାଙ୍ଗ ସୋରିଷ ଫୁଲ ପାଖରୁ ବିଦାୟ ନେଲା ଏବଂ ଗଲାବେଳେ ମଣିଷକୁ ହାତ ଯୋଡ଼ି କହିଲା, " ଯଦି ସତରେ ତୁମେ ପୃଥିବୀ ମାଆର ସନ୍ତାନ ତେବେ ନିଜ ମାଆର ଦୁଃଖକୁ ବୁଝ ଏବଂ ତାକୁ ସୁରକ୍ଷା ଦିଅ। ନହେଲେ ଆଗକୁ ଯେତେ ଭାବିଲେ ବି କିଛି ନଥିବ !" ■

ଜୟପୁର, କୋରାପୁଟ
ମୋ-୬୩୭୧୫୫୫୯୪୦

## ଛୋଟ ହାତର ଅଙ୍କନ






ରିଷିକା କାନୁନ୍‌ଗୋ
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ସାଇ ସମୀକ୍ଷା ସ୍ୱାଇଁ
ସପ୍ତମ ଶ୍ରେଣୀ
ନାରାୟଣ ସ୍କୁଲ
କଟକ





ଅମ୍ରିତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ





ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା

# କ୍ରୀଡ଼ା



■ ୧୯ ବର୍ଷରୁ କମ୍ ଏସିଆ କପ୍

## ଆୟୁଷଙ୍କୁ ଭାରତର ନେତୃତ୍ୱ



ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି): ଦୁବାଇରେ ଡିସେମ୍ବର ୧୨ରୁ ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ଲାଗି ବିସିସିଆଇ ପକ୍ଷରୁ ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ତାରକା ଖେଳାଳି ଆୟୁଷ ମାହାତ୍ରେଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଥିଲାବେଳେ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ଟିମ୍‌ରେ ସାମିଲ କରାଯାଇଛି। ଦିନିକିଆ ଫର୍ମାଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ଏ'ରେ ପାକିସ୍ତାନ ଓ ଆଉ ଦୁଇଟି କ୍ୱାଲିଫାଇଂ ଟିମ୍ ସହ ସ୍ଥାନ ପାଇଛି। ମନୋନୀତ ଦଳ: ଆୟୁଷ ମାହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରା (ଉପଅଧିନାୟକ), ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ (ୱିକେଟରକ୍ଷକ), ହରବଂଶ ସିଂହ (ୱିକେଟରକ୍ଷକ), ଯୁବରାଜ ଗୋହିଲ, କନିଷ୍କ ଚୌହାନ, ଖିଲନ ଏ. ପଟେଲ, ନମନ ପୁଷ୍ପକ, ଡି ଦୀପେଶ, ହେନିଲ ପଟେଲ, କିଶନ କୁମାର ସିଂ, ଉଧବ ମୋହନ, ଆରନ ଜର୍ଜ।

## ଭାରତ ସହ ୫ଟି ଟି-୨୦ ଖେଳିବେ ଶ୍ରୀଲଙ୍କା ମହିଳା

ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି): ବାଂଲାଦେଶ ସହ ଭାରତର ମହିଳା କ୍ରିକେଟ ସିରିଜ୍ ବାତିଲ ହେବା ପରେ ଶ୍ରୀଲଙ୍କା ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଶ୍ରୀଲଙ୍କା ଦଳ ରାଜି ହୋଇଛି। ଏହି ସିରିଜ୍ ଡିସେମ୍ବର ୨୧ରୁ ଆରମ୍ଭ ହୋଇ ୩୦ରେ ଶେଷ ହେବ। ଏହି ସିରିଜ୍ ପରେ ଭାରତରେ ମହିଳା ପ୍ରିମିୟର ଲିଗ୍ ଜାନୁଆରୀ ୯ରୁ ଆରମ୍ଭ ହେବ ବୋଲି ଜଣାଯାଇଛି। ଏହି ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ବିଶାଖାପାଟଣାରେ ଡିସେମ୍ବର ୨୧ ଓ ୨୩ରେ, ପରବର୍ତ୍ତୀ ୩ଟି ମ୍ୟାଚ୍ ଥିରୁଅନନ୍ତପୁରମ୍‌ରେ ଡିସେମ୍ବର ୨୬, ୨୮ ଓ ୩୦ରେ ଖେଳାଯିବ।

■ ୨୩ ବର୍ଷରୁ କମ୍ ମହିଳା ଟି-୨୦

## ତୃତୀୟ ମ୍ୟାଚରେ ଝୁଣ୍ଟିଲା ଓଡ଼ିଶା

ଭୁବନେଶ୍ୱର, ୨୮ ।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ରେ ଓଡ଼ିଶା ପ୍ରଥମ ପରାଜୟବରଣ କରିଛି। ଗୁରୁବାର ଥିରୁଅନନ୍ତପୁରମରେ ଖେଳାଯାଇଥିବା ଏକ ମ୍ୟାଚରେ ହରିୟାଣା ୭ ୱିକେଟ୍‌ରେ ଓଡ଼ିଶାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଓପନର୍ ତନ୍ମୟୀ ବେହେରା (୫୫ ରନ) ଓ ଅଧିନାୟିକା ଅଲିସ୍ମା ବିଶ୍ୱାଳ (୫୪)ଙ୍କ ଅର୍ଦ୍ଧଶତକ ବଳରେ ୪ ୱିକେଟ୍ ହରାଇ ୧୩୧ ରନ କରିଥିଲା। ଜବାବରେ ଅଧିନାୟିକା ସୋନିଆ ମେନ୍ଧିୟା (୫୦ ରନ)ଙ୍କ ଅର୍ଦ୍ଧଶତକ ବଳରେ ହରିୟାଣା ୧୭.୩ ଓଭରରେ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଓଡ଼ିଶା ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୮ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍-ବି'ର ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶା ୪ର୍ଥ ମ୍ୟାଚରେ ଶୁକ୍ରବାର ଆନ୍ଧ୍ର ପ୍ରଦେଶକୁ ଭେଟିବ।

## ଡିସେମ୍ବର ୯ ଟି-୨୦ ଲାଗି ଓସିଏର ପ୍ରସ୍ତୁତି ବୈଠକ




ଭୁବନେଶ୍ୱର,୨୮।୧୧(ସମିସ): ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ କଟକସ୍ଥିତ ବାରବାଟୀ ଷ୍ଟାଡିୟମ୍‌ରେ ଡିସେମ୍ବର ୯ରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟକୁ କିପରି ଶୃଙ୍ଖଳାର ସହ ପରିଚାଳନା କରାଯିବ ତାହା ଉପରେ ଆଜି ଓସିଏ ପକ୍ଷରୁ ଆଲୋଚନା କରାଯାଇଥିଲା। ବିଶେଷ କରି ପରିଚାଳନା ଲାଗି ଗଠନ କରାଯାଇଥିବା ବିଭିନ୍ନ ସବ୍ କମିଟି କିପରି ପରସ୍ପର ମଧ୍ୟରେ ସହଯୋଗ ଓ ସମନ୍ୱୟ ରଖି କାମ କରିବେ, ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଆୟୋଜିତ ହୋଇଥିଲାବେଳେ ଅନ୍ୟ ସମସ୍ତ କର୍ମକର୍ତ୍ତା, ବିଭିନ୍ନ କମିଟିର ସଦସ୍ୟ, ଓଡ଼ିଶା ଅଲିମ୍ପିକ୍, ଆଥ୍‌ଲେଟିକ୍, ଫୁଟବଲ ସଂଘର ସମ୍ପାଦକ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

**ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ୩୦ରୁ**

# ରାଞ୍ଚିରେ ଟିମ୍ ଇଣ୍ଡିଆର ଜୋରଦାର୍ ଅଭ୍ୟାସ

ରାଞ୍ଚି,୨୮।୧୧(ଏଜେନ୍ସି)

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ନିକଟରୁ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ହାରିଯିବା ପରେ ଘରୋଇ ଟିମ୍ ଇଣ୍ଡିଆ ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ୍‌ରେ ନିଜର ସମ୍ମାନ ରକ୍ଷା କରିବାକୁ ଜୋରଦାର ପ୍ରଚେଷ୍ଟା ଆରମ୍ଭ କରିଦେଇଛି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ଦଳ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବାକୁ ଥିବା ରାଞ୍ଚିରେ ଜୋରଦାର ଅଭ୍ୟାସ ଆରମ୍ଭ କରିଦେଇଛି। ଏହି ଦ୍ୱିପାକ୍ଷିକ ସିରିଜ୍‌ରେ ନଭେମ୍ବର ୩୦, ଡିସେମ୍ବର ୩ ଓ ୬ରେ ୩ଟି ଦିନିକିଆ ମ୍ୟାଚ୍ ପ୍ରଥମେ ଖେଳିବ। ଏହା ପରେ ୫ଟି ଟି-୨୦ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ଟି-୨୦ କଟକରେ ଡିସେମ୍ବର ୯, ଦ୍ୱିତୀୟ ଟି-୨୦ ମୋହାଲିର ମୁଲାନପୁରରେ ୧୧, ତୃତୀୟ ଟି-୨୦ ଧର୍ମଶାଳାରେ ଡିସେମ୍ବର ୧୪, ଚତୁର୍ଥ ଟି-୨୦ ଲକ୍ଷ୍ନୌରେ ଡିସେମ୍ବର ୧୭ ଓ ପଞ୍ଚମ ତଥା ଶେଷ ଟି-୨୦ ଅହମ୍ମଦାବାଦ୍‌ରେ ଡିସେମ୍ବର ୧୯ରେ ଖେଳାଯିବ। ଉଭୟ ସିରିଜ୍ ଲାଗି ଭିନ୍ନ ରଣନୀତି ଓ ଭିନ୍ନ ଖେଳାଳିଙ୍କୁ ସୁଯୋଗ ମିଳିବ।

ଟେଷ୍ଟ ଖେଳିଥିବା ଦଳର ୮୦ ଭାଗ ଉଭୟ ପକ୍ଷର ଖେଳାଳି ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଏହା ସତ୍ତ୍ୱେ ଟେଷ୍ଟରୁ ଦିନିକିଆ ଫର୍ମାଟରେ ଖେଳାଳିଙ୍କୁ ଖାପ୍ ଖୁଆଇବାକୁ କଷ୍ଟ କରିବାକୁ ପଡ଼ିବ। ଯେଉଁମାନେ ପେସାଦାର ମନୋବୃତ୍ତି ନେଇ ଖେଳୁଛନ୍ତି ସେମାନଙ୍କୁ ବିଶେଷ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ଟେଷ୍ଟ ସିରିଜ୍ ଜିତିବା ପରେ ଦୃଢ଼ ମନୋବଳ ନେଇ ଖେଳିବାକୁ ଯାଉଛି। ଅନ୍ୟ ପକ୍ଷରେ ଘରୋଇ ଦଳ ଆଗରେ ପରାଜୟର ଗ୍ଲାନି, ନିୟମିତ ଅଧିନାୟକ ତଥା ଷ୍ଟାର ବ୍ୟାଟର ଶୁବମନ ଗିଲ୍ ନାହାନ୍ତି। କିନ୍ତୁ ଦୁଇ ବିଶ୍ୱବିଖ୍ୟାତ ବ୍ୟାଟର ରୋହିତ ଶର୍ମା ଏବଂ ଏମାନଙ୍କ ସହ କୌଣସି ତାରକା ବୋଲର ଯଥା ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସାମି କିମ୍ବା ମହମ୍ମଦ୍ ସିରାଜ ମଧ୍ୟ ଦିନିକିଆ ସିରିଜ୍‌ରେ ଖେଳୁନାହାନ୍ତି। ଏଭଳି ସ୍ଥିତିରେ ଦୁଇଜଣ ଭାରତୀୟ ଖେଳାଳିଙ୍କ ଉପରେ ନଜର ରହିବ। ପ୍ରଥମ ଜଣଙ୍କ ହେଉଛନ୍ତି ଓପନର ଯଶସ୍ୱୀ ଜୟସ୍ୱାଲ। ଗତ ଦୁଇବର୍ଷରେ ଜୟସ୍ୱାଲ ଭାରତ ପକ୍ଷରୁ ୫୨ଟି ମ୍ୟାଚ୍ ଖେଳିଛନ୍ତି। କିନ୍ତୁ ତାହା ମଧ୍ୟରୁ କେବଳ ଗୋଟିଏ ଦିନିକିଆ ମ୍ୟାଚ୍ ରହିଛି। ରୋହିତ, ବିରାଟ ଓ ଶୁବମନଙ୍କ ଉପସ୍ଥିତି ଯୋଗୁଁ ଜୟସ୍ୱାଲ ଟପ୍ ଅର୍ଡରରେ ବ୍ୟାଟିଂ କରିବାର ସୁଯୋଗ ପାଇ ନାହାନ୍ତି। ଏଣୁ ଏଥର ଗିଲ୍ ଆହତ ହୋଇ ଦଳରୁ



ବାଦ୍ ପଡ଼ିଥିଲେ ମଧ୍ୟ ଖେଳିବେ କି ନାହିଁ ସନ୍ଦେହ। ଏହାର ପ୍ରମୁଖ କାରଣ ହେଲା ଋତୁରାଜ ଗାଏକ୍ୱାଡଙ୍କ ଉପସ୍ଥିତି। ତେବେ ସେ ଯାହା ହେଉ ଟପ୍ ଅର୍ଡରରେ ଜଣେ ପ୍ରତିଭାବାନ ଖେଳାଳିଙ୍କୁ ବାହାରେ କେତେଦିନ ବସାଇହେବ ତାହା କହିବା କଷ୍ଟକର। ସେହିପରି ବରିଷ୍ଠ ପେସରଙ୍କ ଅନୁପସ୍ଥିତିରେ ଅର୍ଶଦୀପ ଏଥର ଫାଷ୍ଟ ବୋଲିଂର ନେତୃତ୍ୱ ନେବେ। ସେ ଦେଶ ଲାଗି ୧୧ଟି ଦିନିକିଆ ଖେଳିଛନ୍ତି, ତାହା କିନ୍ତୁ ବି' ଟିମ୍ ଲାଗି। ଏଥର ସେ ନିଶ୍ଚିତ ଭାବେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ନିଶ୍ଚିତ। ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା ଓ ଅର୍ଶଦୀପଙ୍କୁ ନେଇ ଭାରତୀୟ ପେସ୍ ବାହିନୀ ଗଠିତ। ଏମାନେ କିପରି ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକା ବ୍ୟାଟିଂକୁ କିପରି ଧ୍ୱଂସ କରିବେ ତାହା ଏବେଠୁ କହିବା କଷ୍ଟକର।

**ଭାରତୀୟ ଦଳ**

ଲୋକେଶ ରାହୁଲ (ଅଧିନାୟକ/ ୱିକେଟରକ୍ଷକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଳକ ବର୍ମା, ଋତୁରାଜ ଗାଏକ୍ୱାଡ୍, ଋଷଭ ପନ୍ତ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡି, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ।

## ପ୍ରତ୍ୟାଶା ରାୟଙ୍କୁ ଆଉ ଏକ ସ୍ୱର୍ଣ୍ଣ



ଭୁବନେଶ୍ୱର,୨୮।୧୧(ସମିସ): ରାଜସ୍ଥାନର ଜୟପୁରଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତ୍ୟାଶା ରାୟ ଆଉ ଏକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ ମହିଳା ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ୩୧.୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଜି କିଟ୍‌ର ପ୍ରତିଯୋଗୀଙ୍କୁ ବିଶେଷ ସଫଳତା ମିଳିଛି। ଦିବ୍ୟାଙ୍କା ପ୍ରଧାନ ଆଉ ଏକ କାଂସ୍ୟ ପଦକ ଜିତିବା ପରେ ଦଳ ଏହି ବିଭାଗରେ ପ୍ରଥମ ରନର୍ସ ଅପ୍ ହୋଇଛି। କିଟ୍ ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧୦ଟି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୮୬ କିଲୋ ଭାରୋତ୍ତୋଳନରେ କିଟ୍‌ର ମାଗନ୍ତା କୀର୍ତ୍ତି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। କିଟ୍‌ର ଉଭୟ ରଗ୍‌ବୀ ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ଓ ମହିଳା ଫାଇନାଲରେ କିଟ୍ ଦଳ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟକୁ ହରାଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

## ସାଣ୍ଟିଆଗୋ ନିଏଭା ଭାରତୀୟ ମହିଳା ବକ୍ସିଂ ଦଳର ହେଡ୍ କୋଚ୍

ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି): ଭାରତର ପୂର୍ବତନ ହାଇପରଫର୍ମାନ୍ସ ବକ୍ସିଂ ସେଣ୍ଟରର ନିର୍ଦ୍ଦେଶକ ସାଣ୍ଟିଆଗୋ ନିଏଭା ଏବେ ଭାରତୀୟ ମହିଳା ବକ୍ସିଂ ଦଳର ହେଡ୍ କୋଚ୍ ଦାୟିତ୍ୱରେ ରହିବେ। ଦୀର୍ଘ ଦୁଇ ଦଶନ୍ଧିଧରି ଅନ୍ତର୍ଜାତୀୟ ବକ୍ସିଂରେ ନିଏଭାଙ୍କର ଗଭୀର ଅଭିଜ୍ଞତା ରହିଛି। ଆର୍ଜେଣ୍ଟିନାରେ ଜନ୍ମ ଗ୍ରହଣ କରିଥିବା ଏହି ବକ୍ସର ଜଣଙ୍କ ସ୍ୱିଡେନ୍‌ରେ ବସବାସ କରୁଥିଲେ ଓ ଏବେ ଅଷ୍ଟ୍ରେଲିଆରେ ପେସାଦାର କୋଚିଂ ଦେଉଛନ୍ତି। ୨୦୨୮ ଅଲିମ୍ପିକ୍ସ ଲାଗି ସେ ଭାରତୀୟ ବକ୍ସରଙ୍କୁ ପ୍ରସ୍ତୁତ କରାଇବେ।

ଜାତୀୟ ଜୁନିଅର ଫୁଟବଲ

## ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପରାସ୍ତ

ଭୁବନେଶ୍ୱର,୨୮।୧୧(ସମିସ): ଆନ୍ଧ୍ରର ଅନନ୍ତପୁରଠାରେ ଆରମ୍ଭ ହୋଇଥିବା ଜାତୀୟ ଜୁନିଅର ବାଳିକା ଫୁଟବଲ ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବିହାର ୧-୦ ଗୋଲରେ ଓଡ଼ିଶାକୁ ହରାଇଦେଇଛି। ଓଡ଼ିଶାର ସମସ୍ତ ଚେଷ୍ଟା ସତ୍ତ୍ୱେ ଗୋଲ ଦେବାରେ ସମର୍ଥ ହୋଇ ନ ଥିଲା। ଓଡ଼ିଶା ତାହାର ପରବର୍ତ୍ତୀ ମ୍ୟାଚ୍ ବେଙ୍ଗଲ ସହ ନଭେମ୍ବର ୩୦ରେ ଖେଳିବ। ଏହି ମ୍ୟାଚ୍ ଜିତିଲେ ଓଡ଼ିଶା ପରବର୍ତ୍ତୀ ପର୍ଯ୍ୟାୟକୁ ଯିବ ନଚେତ୍ ପ୍ରତିଯୋଗିତାରୁ ବିଦାୟ ନେବ।

**ସୟଦ ମୁସ୍ତାକ ଅଲି ଟି-୨୦**

# ପୁଣି ହାରିଲା ଓଡ଼ିଶା

ଭୁବନେଶ୍ୱର,୨୮।୧୧(ସମିସ): ରଣଜୀ ଟ୍ରଫି ପରେ ସିନିୟର ଦଳ ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟରେ ପରାଜୟର ଧାରା ଅବ୍ୟାହତ ରଖିଛି। ଏହି କ୍ରମରେ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ଆଜି ଦ୍ୱିତୀୟ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶଠାରୁ ୬୬ ରନ୍‌ରେ ପରାଜିତ ହୋଇଛି। ଏହି ଦଳ ପ୍ରଥମ ମ୍ୟାଚ୍‌ରେ କେରଳଠାରୁ ୧୦ ୱିକେଟରେ ହାରିଥିଲା।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ର ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୪ ରନ୍ କରିଥିଲା। ଜବାବରେ ଓଡ଼ିଶା ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇ ୧୭.୨ ଓଭରରେ ୧୧୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନଂ-୭ରେ ବ୍ୟାଟିଂ କରିଥିବା ୱିକେରକ୍ଷକ ସୌରଭ ଗୌଡ଼ା ସର୍ବାଧିକ ୨୪ ରନ୍ କରିଥିଲେ।

ଦୁଇ ଓପନର ସ୍ୱସ୍ତିକ ସାମଲ ୧୮, ଗୌରବ ଚୌଧୁରୀ, ଶୁଭ୍ରାଂଶୁ ସେନାପତି ୧୬ ଓ ଅଧିନାୟକ ବିପ୍ଳବ ସାମନ୍ତରାୟ ୫ ରନ୍ କରି ପ୍ରଥମେ ଶୀଘ୍ର ଆଉଟ ହୋଇଯାଇଥିଲେ। ଆନ୍ଧ୍ର ପକ୍ଷରୁ ଯାରା ପୃଥ୍ୱୀରାଜ ଓ ସୌରଭ କୁମାର ୩ଟି ଲେଖାଏଁ ୱିକେଟ ପାଇଥିଲେ। ପୂର୍ବରୁ ଆନ୍ଧ୍ର ଇନିଂସରେ କେହି ଅର୍ଦ୍ଧଶତକ ହାସଲ କରି ନ ଥିଲାବେଳେ ଅଧିନାୟକ ରିକି ଭୂଇ ସର୍ବାଧିକ ୪୭ ଓ ଶ୍ରୀକର ଭରତ ୪୨ ରନ୍ କରିଥିଲେ। ସୌରଭ କୁମାରଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଅବଶିଷ୍ଟ ମ୍ୟାଚ୍‌ରେ ଓଡ଼ିଶା ଭଲ ଖେଳିବ ବୋଲି ଓସିଏ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।




**ଉତ୍ତରପୂର୍ବ ଅସ୍ମିତା ଭାରୋତ୍ତୋଳନ**

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୧୨ ପଦକ



ଭୁବନେଶ୍ୱର,୨୮।୧୧(ସମିସ)

କୋଲକାତାରେ ଚାଲିଥିବା ଉତ୍ତରପୂର୍ବ ଅସ୍ମିତା ଭାରୋତ୍ତୋଳନରେ ଓଡ଼ିଶାର ପ୍ରତିଯୋଗୀ ମାନେ ଆଜି ଚୂଡ଼ାନ୍ତ ହୋଇଥିବା ୨୭ଟି ପଦକ ମଧ୍ୟରୁ ୧୨ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ରହିଛି ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ କାଂସ୍ୟ ପଦକ। ଯୁବ ବିଭାଗରେ ଭାଗ ନେଇଥିବା ଦୁଇ ପ୍ରତିଯୋଗୀ ଅଙ୍କିତା ପ୍ରଧାନ ଓ ପ୍ରୀତିମୟୀ ମହାନ୍ତି ଆଜି ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଗତକାଲି ଯୁବ ବର୍ଗରେ ବନିତା ନାଏକ ରାଜ୍ୟ ଲାଗି ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏଯାଏ ଓଡ଼ିଶା ଜିତିଥିବା ୩ଟି ଯାକ ସ୍ୱର୍ଣ୍ଣ ପଦକ କେବଳ ଯୁବ ବିଭାଗରୁ ଆସିଛି।

ଆଜି ଅନୁଷ୍ଠିତ ଯୁବ ବିଭାଗର ୫୮ କିଲୋଗ୍ରାମ୍ କାଟୋଗୋରୀରେ ଅଙ୍କିତା ଓ ୬୯ କେଜି କାଟାଗୋରୀରେ ପ୍ରତୀମୟୀ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏମାନେ ମଧ୍ୟ ଅନ୍ୟ ବିଭାଗରେ ପଦକ ଜିତିଛନ୍ତି। ଅଙ୍କିତା କନିଷ୍ଠ ଓ ବରିଷ୍ଠ ବିଭାଗରେ ଦୁଇଟି କାଂସ୍ୟ, ପ୍ରୀତିମୟୀ ବରିଷ୍ଠ ବିଭାଗରେ କାଂସ୍ୟ ପଦକ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ମିନା ସାନ୍ତା-ବି' ରୌପ୍ୟ, ୬୩ କେଜି ବରିଷ୍ଠ ବିଭାଗରେ ରୋମାଲି ପ୍ରଧାନ ରୌପ୍ୟ, ୬୩ କେଜି ଯୁବ ଓ କନିଷ୍ଠ ବିଭାଗରେ ଶ୍ୱେତାଲିନା ମହାନ୍ତି ୨ଟି ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଗତକାଲିର ସଫଳତାକୁ ମିଶାଇ ଓଡ଼ିଶା ପ୍ରଥମ ଦୁଇ ଦିନରେ ୩ ସ୍ୱର୍ଣ୍ଣ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS